February-1960 16/1



# ଉତ୍କଳ ପ୍ରସଙ୍ଗ

ଫେବୃଆରୀ, ୧୯୬୦ ମାସ, ୧୮୮୧ ଶକାବ୍ଦ

ସମ୍ପାଦକ
ଶ୍ରୀ ସୁଧୀରଚନ୍ଦ୍ର ଉପାଧ୍ୟାୟ

ସହଯୋଗୀ ସଂପାଦକ
ଶ୍ରୀ ରାମପ୍ରସାଦ ସିଂହ

ଟେଲିଗ୍ରାମ୍—ପବ୍ଲିସିଟି, ଭୁବନେଶ୍ୱର
ଟେଲିଫୋନ୍—୧୮ ଓ ୪୫, ଭୁବନେଶ୍ୱର

ପ୍ରଚାର [ଲୋକସମ୍ପର୍କ] ବିଭାଗ, ଓଡ଼ିଶା

ନୂଆ ରାଜଧାନୀ, ଭୁବନେଶ୍ୱର

ବାର୍ଷିକ ମୂଲ୍ୟ—ଦୁଇ ଟଙ୍କା

ପ୍ରତିଖଣ୍ଡର ମୂଲ୍ୟ—୧୮ ନୂ.ପ.

# ସୂଚୀପତ୍ର


| | | |
|---|---|---|
| ୧ । ଜଙ୍ଗଲର ସମ୍ପଦରେ ଅଧିକାର ହେବା ଆମର ଉଦ୍ଦେଶ୍ୟ | ... | ୧ |
| ୨ । ଜନସାଧାରଣଙ୍କ ସେବାରେ | ... | ୭ |
| ୩ । ଓଡ଼ିଶାରେ ମାଛଚାଷର ଉନ୍ନତି | ... | ୧୪ |
| ୪ । ତା ୧୭ । ୨ । ୭୦ରେ ଓଡ଼ିଶା ବିଧାନସଭାର ୧୯୭୦-୭୧ ମସିହାର ବଜେଟ୍ ଅଧିବେଶନ ଉଦ୍‌ଘାଟନ କରି ରାଜ୍ୟପାଳଙ୍କ ଅଭିଭାଷଣ | ... | ୧୭ |
| ୫ । ଓଡ଼ିଶାରେ ମୃତ୍ତିକାଶିଳ୍ପ | ... | ୪୧ |
| ୬ । ଓଡ଼ିଶାରେ ଇସ୍ପାତଶିଳ୍ପର ସମ୍ଭାବନା | ... | ୪୭ |
| ୭ । ଲୋକପଥର ଜାତୀୟକରଣ ସମ୍ବନ୍ଧରେ | ... | ୫୧ |
| ୮ । ଭାରତର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପଦକ୍ଷେପ | ... | ୫୩ |
| ୯ । ୧୯୭୦-୭୧ ମସିହାର ରେଳବାଇ ବଜେଟ୍‌ର ସାରାଂଶ | ... | ୬୫ |



ମୁଦ୍ରାକର
ପଣ୍ଡିତ ଶ୍ରୀ ଅନସୂୟାପ୍ରସାଦ ପାଠକ
ରାଷ୍ଟ୍ରଭାଷା ସମବାୟ ପ୍ରେସ, କଟକ

# ଜାତୀୟ ସଂଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା !
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାଏ ତବ ଜୟଗାଥା ।
ଜନ-ଗଣ-ମଙ୍ଗଳ-ଦାୟକ ଜୟ ହେ !
ଭାରତ-ଭାଗ୍ୟ-ବିଧାତା !
ଜୟ ହେ, ଜୟ ହେ, ଜୟ ହେ,
ଜୟ ଜୟ ଜୟ ଜୟ ହେ !

# ଆମ ଜାତୀୟ ସଙ୍ଗୀତର ସ୍ୱରଲିପି

ମ ଗ
ସ ରେ ଗ ଗ । ଗ ଗ ଗ ଗ । ଗ – ଗ ଗ । ରେ ଗ ମ – ।
ଜ ନ ଗ ଣ ମ ନ ଅ ଧି ନା ଽ ୟ କ ଜ ୟ ହେ ଽ

ମ ସା
ଗ – ଗ ଗ । ରେ – ରେ ରେ । ନି ରେ ସା – । – – ପା – ।
ଭା ଽ ର ତ ଭା ଽ ଗ୍ୟ ବି ଧା ଽ ତା ଽ ଽ ଽ ପଂ ଽ

ସ ପେ ମେ ଧ
ପ – ପ ପ । – ପ ପ – । ପ – ଧ ମ । ପ ମ ଗ – ।
ଜା ଽ ବ ସିଂ ଽ ଧୁ ଗୁଜ ଽ ରା ଽ ଟ ମ ରା ଽ ଠା ଽ

ଗ
ମ – ମ ମ । ମ – ମ ଗ । ରେ ମ ଗ – । – – – – ।
ଦ୍ରା ଽ ବି ଡ଼ ଉତ୍ ଽ କ ଳ ବଂ ଽ ଗ ଽ ଽ ଽ ଽ ଽ

ସା ରେ ଗ
ଗ – ଗ ଗ । ଗ – ଗ ରେ । ଗ ପ ଗ ମ । ମ – ମ – ।
ବିଂ ଽ ଧ୍ୟ ହି ମା ଽ ଚ ଳ ଯ ମୁ ନା ଽ ଗଂ ଽ ଗା ଽ

ଗ ସା
ଗ – ଗ ଗ । ରେ ରେ ରେ ରେ । ନି ରେ ସା – । – – – – ।
ଉ ଽ ଚ୍ଛ ଳ ଜ ଳ ଧି ତ ରଂ ଽ ଗ ଽ ଽ ଽ ଽ ଽ

ମ
ଗ ଗ ଗ ଗ । ଗ – ଗ ମ । ପେ ଗ ମ – । – – – – ।
ତ ବ ଶୁ ଭ ନା ଽ ମେ ଽ । ଜା ଽ ଗେ ଽ ଽ ଽ ଽ ଽ

ମ ମ ଗ
ଗ ମ ପ ପ । ପ – ମ ଗ । ରେ ମ ଗ – । – – – –
ତ ବ ଶୁ ଭ ଆ ଽ ଶି ଷ ମା ଽ ଗେ ଽ ଽ ଽ ଽ ଽ

ସ ଗ ରେ
ଗ – ଗ – । ରେ ରେ ରେ ରେ ନି ରେ ସା – । – – – –
ଗା ଽ ହେ ଽ ତ ବ ଜ ୟ ଗା ଽ ଥା ଽ ଽ ଽ ଽ ଽ

ସା ପେ ଧ
ପ ପ ପ ପ । ପ – ପ ମ । ପ – ପ ପ । ମ ଧ ନି – ।
ଜ ନ ଗ ଣ ମଂ ଽ ଗ ଳ ଦା ଽ ୟ କ ଜ ୟ ହେ ଽ

ମ ଗ ମ
ମ – ମ ମ । ଗ – ଗ ଗମ । ରେ ମ ଗ – । – – ନି ନି ।
ଭା ଽ ର ତ ଭା ଽ ଗ୍ୟ ବି ଧା ଽ ତା ଽ ଽ ଽ ଜ ୟ

ଧ ସାଂ ଧ
ସାଂ – – – । – – ନି ଧ । ନି – – – । – – ପ
ହେ ଽ ଽ ଽ ଽ ଽ ଜ ୟ । ହେ ଽ ଽ ଽ ଽ ଽ ଜ ୟ

ପ ଧ ଗ
ପ – – – । – – – – । ସା ସା ରେ ରେ । ଗ ଗ ରେ ଗ
ହେ ଽ ଽ ଽ ଽ ଽ ଽ ଽ ଜ ୟ ଜ ୟ ଜ ୟ ଜ ୟ
ମ – – – । – – – – ।
ହେ ଽ ଽ ଽ ଽ ଽ ଽ ଽ

# ଉତ୍କଳ ପ୍ରସଙ୍ଗ

| ଷୋଡ଼ଶ ଭାଗ—୭ମ ସଂଖ୍ୟା | ମାଘ, ୧୮୮୧ ଶକାବ୍ଦ | ଫେବୃଆରୀ, ୧୯୬୦ |
|---|---|---|


## ପରସ୍ପର ସମ୍ମତିରେ ଅଗ୍ରସର ହେବା ଆମର ଉଦ୍ଦେଶ୍ୟ

### ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁ



ମାନ୍ୟବର ସଭ୍ୟ ଶ୍ରୀ ମାସାନି ଏପରି ଉତ୍ତେଜିତ ହେବାର କାରଣ କଣ ? ନାଗପୁର କଂଗ୍ରେସ ଅଧିବେଶନରେ କେତେକ ପ୍ରସ୍ତାବ ଗୃହୀତ ହୋଇଥିଲା ଓ ତନ୍ମଧ୍ୟରେ ଭୂସଂସ୍କାର ଓ ସମବାୟ ସମ୍ବନ୍ଧରେ ଗୋଟିଏ ପ୍ରସ୍ତାବ ଥିଲା ବୋଲି ଦାଁ କଣ ? ସେହି ପ୍ରସ୍ତାବଗୁଡ଼ିକରେ କୁହାଯାଇଥିଲା ଯେ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି ଯୌଥ କୃଷି ଏବଂ ଆମେ ସେହି ବାଟରେ ପରିଚାଳିତ ହେବୁ । ବର୍ତ୍ତମାନ ନ ହୋଇ ପାରିଲେ ମଧ୍ୟ ପରବର୍ତ୍ତୀ ତିନି ବର୍ଷ ପର୍ଯ୍ୟନ୍ତ ଆମେ ସେବା ସମବାୟ ଉପରେ ମନୋନିବେଶ କରିବୁ । ସେଥିରେ ଆହୁରି କୁହାଯାଇଥିଲା ଯେ ସମବାୟ ମୂଳତଃ ସ୍ୱେଚ୍ଛାକୃତ ଭାବରେ ଗ୍ରହଣ କରାଯିବ ଓ ଯଦି କୋଠ କୃଷି ବ୍ୟବସ୍ଥା ଗ୍ରହଣ କରାଯାଏ ତେବେ ତାହା ସଂପୃକ୍ତ ଲୋକମାନଙ୍କ ସମ୍ମତିରେ ଗ୍ରହଣ କରାଯିବ । ଶ୍ରୀ ମାସାନି ତାଙ୍କ ଭାଷଣରେ କହିଥିଲେ ଯେ ସେ ସବୁବେଳେ ସମବାୟମୂଳକ ମାର୍ଗ ସପକ୍ଷରେ ରହି ଆସିଛନ୍ତି; କିନ୍ତୁ କଂଗ୍ରେସ ପ୍ରସ୍ତାବରେ ଯେପରି ଭାବରେ ଏହାର ଉଲ୍ଲେଖ କରାଯାଇଛି, ତାହା ସମ୍ବନ୍ଧ

# ଉତ୍କଳ ପ୍ରସଙ୍ଗ

ସମବାୟର କୌଣସି ସଂପର୍କ ନାହିଁ । କାରଣ ଯେଉଁ ମୁହୂର୍ତ୍ତରେ ଯୌଥକୃଷି ବ୍ୟବସ୍ଥା ଏଥିରେ ପ୍ରବେଶ କରିବ, ତାହା ଆଉ ସମବାୟ ହୋଇ ରହିବ ନାହିଁ । ସେ ଆହୁରି ମଧ୍ୟ କହିଥିଲେ ଯେ କୌଣସି ଅବସ୍ଥାରେ ଯୌଥକୃଷି ଆରମ୍ଭ କରାଗଲେ ତାହା ନିଶ୍ଚୟ ସାମୂହିକ (କୃଷି) ଆଡ଼କୁ ଗତି କରିବ । ଏହାହିଁ ତାଙ୍କର ଯୁକ୍ତି । ତାଙ୍କ ମତରେ ସାମୂହିକତା ଏପରି ଏକ ଉତ୍ପାଦନ ପରିସ୍ଥିତି ମଧ୍ୟକୁ ଗତି କରେ । ତାହା ରୁଷିଆ, ଚୀନ ଓ ଅନ୍ୟାନ୍ୟ କେତେକ ସ୍ଥାନରେ ହୋଇଛି । ତେଣୁ ଏହା ଗୋଟିଏ ପିଚ୍ଛିଳ ପଥ ଓ ଏଥିରେ ଗତି କଲେ ଅତଳ ଗହ୍ୱରରେ ପଡ଼ିବାକୁ ହେବ । ଏହାହିଁ ଯୁକ୍ତି; ମୋର ଆଶା ମୁଁ ତାହା ଠିକ ଭାବରେ ପ୍ରକାଶ କରିଛି ।

ଯୁକ୍ତି ଛଳରେ ଏତେଗୁଡ଼ିଏ ଅପ୍ରିୟ ନ ଥିବା ଭଳି ବିଷୟର ଅବତାରଣା କରାଯାଇଛି ଯେ ସେ ସବୁର ଉତ୍ତର ଦେବା କଷ୍ଟକର ନୁହେଁ । ଆରମ୍ଭରୁ ତାଙ୍କର ଧାରଣା ହୋଇଛି ଯେ ଯେଉଁଠାରେ ଯୌଥକୃଷି ରହିଛି ସେଠାରେ ସମବାୟ ଲୋପ ପାଇଛି । ଯୌଥକୃଷି ସମ୍ବନ୍ଧରେ ମୁଁ ଅନେକ ସମାଲୋଚନା ଶୁଣିଛି; କିନ୍ତୁ ଏପରି ଭାବରେ ଏ ମତର ଉନ୍ମୁକ୍ତାବରଣ ହେବା ମୁଁ ଏହି ପ୍ରଥମ ଥର ଶୁଣୁଛି । ତାହାପରେ ସେ କହିଛନ୍ତି ଯୌଥକୃଷି ପ୍ରବର୍ତ୍ତନ କରାଗଲେ ତାହା ନିଶ୍ଚୟ କୋଠକୃଷି ବ୍ୟବସ୍ଥା ଆଡ଼କୁ ଟାଣି ନେବ । ଏପରି ଏକ ଉକ୍ତି ଦେବା ମଧ୍ୟ ଅସମୀଚୀନ । ମୋ ନିଜ ବିଷୟରେ କହିବାକୁ ଗଲେ ବ୍ୟାପକ ଅର୍ଥରେ ମୁଁ କୋଠକୃଷି ସମର୍ଥନ କରେ ନାହିଁ । କିନ୍ତୁ ମୁଁ ସମବାୟରେ ବିଶ୍ୱାସ କରେ ଏବଂ ସମବାୟ କୃଷିର ଯାଥାର୍ଥ୍ୟ ସଂପର୍କରେ ମୋର ଦୃଢ଼ ଓ ପୂର୍ଣ୍ଣ ବିଶ୍ୱାସ ରହିଛି । ଏ ବିଷୟରେ କୌଣସି ସନ୍ଦେହ ନ ରହୁ । ଏ ସଂପର୍କରେ ମୁଁ ନିଜର ବିଶ୍ୱାସକୁ ଗୋପନ କରିବାକୁ ଚାହେଁ ନାହିଁ । ମୁଁ କ୍ଷେତରୁ କ୍ଷେତ ବୁଲି ପ୍ରତ୍ୟେକ କୃଷୀକୁ ମୋ ସହିତ ଏକମତ ହେବା ପାଇଁ ନିବେଦନ କରିବି । ସେମାନେ ଯଦି ରାଜି ନ ହୁଅନ୍ତି, ତେବେ ମୁଁ ଏହାକୁ କାର୍ଯ୍ୟକାରୀ କରିପାରିବି ନାହିଁ । ଏହା ଏକ ସ୍ୱତନ୍ତ୍ର ବ୍ୟାପାର । ରାଜି ହେବା ନ ହେବା ସେମାନଙ୍କ ଉପରେ ନିର୍ଭର କରୁଛି । ପୃଥିବୀର ପ୍ରତ୍ୟେକ ଦେଶରେ ଏହି ସମସ୍ୟା ବା ଅନ୍ୟ କୌଣସି ସମସ୍ୟାରେ ସମସ୍ତେ ରାଜି ହେବା ଭଳି କୌଣସି ସାଧାରଣ ମତ ପ୍ରୟୋଗ କରାଯାଇପାରେ ବୋଲି ମୁଁ କହୁ ନାହିଁ । ଆମର କେତେକ ସାଧାରଣ ମତ ଥାଇପାରେ; କିନ୍ତୁ ପ୍ରତିଦେଶ ବିଷୟରେ ବିଚାର କରିବାକୁ ଗଲାବେଳେ ସେହି ଦେଶର ଘଟଣାବଳୀ ଓ ଅବସ୍ଥା ସମ୍ବନ୍ଧରେ ବିଚାର କରିବାକୁ ହେବ । ଆମ ଦେଶ ଉପରେ ଅନ୍ୟ କୌଣସି ଦେଶ ଏପରି କିଛି ଲଦି ଦେବା ଉଚିତ ନୁହେଁ, ଯାହା ଆମ ଦେଶକୁ ଖାପ ଖାଉ ନ ଥିବ । ଯଦି ଭାରତର କୃଷୀ ସଂପ୍ରଦାୟଙ୍କ ନିମନ୍ତେ ମୁଁ କୌଣସି ପରାମର୍ଶ ଦେଉଥାଏଁ, ତେବେ ଭାରତର ପରିସ୍ଥିତିକୁ ଲକ୍ଷ୍ୟ ରଖି ତାହା ସେମାନଙ୍କ ପକ୍ଷରେ ଯେପରି ସମୀଚୀନ ଓ ଲାଭଜନକ ହୁଏ, ସେଥିପାଇଁ ଦେଉଛି । ଏହି ପରିବର୍ତ୍ତନଶୀଳ ପୃଥିବୀରେ କେତେକ ବର୍ଷ ପରେ ମୋର ବା ଅନ୍ୟମାନଙ୍କ ଚିନ୍ତାଧାରା କି ରୂପ ଗ୍ରହଣ କରିବ, ତାହା ମୁଁ କହିପାରିବି ନାହିଁ । କାରଣ ଆମେ ଯେଉଁ ଯୁଗରେ ବାସ କରୁଛୁ, ତାହା ଅତି ଶୀଘ୍ର ଶୀଘ୍ର ପରିବର୍ତ୍ତନ ମଧ୍ୟ ଦେଇ ଗତି କରୁଛି ।

ଶ୍ରୀ ମାସାନି କହିଛନ୍ତି ଯେ ପରମ୍ପରାକୁ ପରିବର୍ତ୍ତନ କଲାଭଳି ଯେ କୌଣସି କାର୍ଯ୍ୟ ବିରୁଦ୍ଧରେ ତାଙ୍କର ଆପତ୍ତି ରହିଛି । ସେ ପାରମ୍ପରିକ ପ୍ରଥାରେ ପରିବାର କୃଷି, ବ୍ୟକ୍ତିଗତ କୃଷି ହେଉ ବୋଲି କହିଥିଲେ । ମୁଁ ପରମ୍ପରାର ବିରୋଧ କରୁ ନାହିଁ; କିନ୍ତୁ ମୋ ମତରେ ଭାରତରେ ଆମର ପ୍ରଥମ କର୍ତ୍ତବ୍ୟ ହେଉଛି ଯେତେ ଦୂର ସମ୍ଭବ ପରମ୍ପରାଠାରୁ ଦୂରେଇ ଯିବା । ପରମ୍ପରା

ଉପରେ ଆମେ ବହୁତ ନିର୍ଭର କରୁଛୁ ଏବଂ କେତେକ ଦୃଷ୍ଟିରୁ ଆମେ ପରୀକ୍ଷଣବାଦୀ, ବସ୍ତୁବାଦୀ ବା ସେହିପରି କିଛି ହୋଇ ପଡ଼ୁଛୁ । ଶ୍ରୀ ମାସାଣୀଙ୍କ ସହିତ ମୋର ଯେତେ ମତର ଅମେଳ ଥାଉ ପଛେ, ସେ ଜଣେ ବସ୍ତୁବାଦୀ ବା ପରୀକ୍ଷଣ ବାଦୀ ବୋଲି ମୁଁ ଭାବୁନାହିଁ ।

## ଲୋକଙ୍କ ସ୍ୱେଚ୍ଛାକୃତ ସମ୍ମତି

ସମବାୟ କ୍ଷେତ୍ରରେ ଆମେ ଯାହା କରିବା, ତାହା ସଂପୃକ୍ତ ଲୋକଙ୍କ ସ୍ୱେଚ୍ଛାକୃତ ସମ୍ମତିରେ ହିଁ କରାଯିବ, ଏ ବିଷୟ ହୃଦୟଙ୍ଗମ କରି ପ୍ରଶ୍ନଟିର ଭଲ ଦିଗ ଗୁଡ଼ିକ ବିଚାର କରାଯାଉ । ତାହା ନ ହେଲେ ଏହା ସମବାୟ ନୁହେଁ—ଆଉ କିଛି ବୋଲି ମୁଁ ଶ୍ରୀ ମାସାଣୀଙ୍କ ସହ ଏକମତ ହେଉଛି । ଯଦି ଏହା ସ୍ୱୀକାର କରାଯାଏ, ତେବେ ଶ୍ରୀ ମାସାଣୀଙ୍କ ଅଧିକାଂଶ ଯୁକ୍ତି ଅର୍ଥହୀନ ହୋଇ ପଡ଼ୁଛି ।

ସେ ଦୃଢ଼ତାର ସହ ଆହୁରି କହିଛନ୍ତି ଯେ ପୃଥିବୀର କୌଣସି ସ୍ଥାନରେ ଏ ଧରଣର ଚାଷରୁ ଭଲ ଫଳ ମିଳିନାହିଁ । ଏପରି କହିବା ମଧ୍ୟ ମୋ ମତରେ ନିରାପଦ ନୁହେଁ । ମୁଁ ତାଙ୍କୁ ଅନେକ ଦୃଷ୍ଟାନ୍ତ ଦେଇପାରେ ଯେ ବହୁ ସ୍ଥାନରେ ଏହା ସଫଳ ହୋଇଥିବାର ଜଣାଯାଇଛି । ସେ କେବଳ ଉଦାହରଣ ଦେଲେ । ସେ ଆମକୁ ଯୁଗୋସ୍ଲାଭିଆ ଓ ପୋଲାଣ୍ଡରେ କଣ ଘଟିଥିଲା ତାହା କହିଛନ୍ତି । ସେ ବିବରଣୀରେ ସାମୂହିକ ଚାଷ କିପରି ବ୍ୟର୍ଥ ହୋଇଛି ତାହାର ଉଦାହରଣ ଦିଆଯାଇଛି । ଦୁଇଟି ସଂପୂର୍ଣ୍ଣ ସ୍ୱତନ୍ତ୍ର ବିଷୟକୁ ସେ ଗୋଳମାଳିଆ କରି ପକାଇଛନ୍ତି । ଗୋଟିକର ଉଦାହରଣ ଦେଇ ସେ ତାହାକୁ ଅନ୍ୟଟି ପ୍ରତି ପ୍ରୟୋଗ କରୁଛନ୍ତି । ଏହା ଏକ କୌତୂହଳ-ଜନକ ଯୁକ୍ତି । ପ୍ରଥମେ ସେ କହୁଛନ୍ତି ଯେ ଆମେ ଯେଉଁ ଧରଣର ସମବାୟ ଚାଷ ପାଇଁ ପରାମର୍ଶ ଦେଉଛୁ ତାହା କୋଠଚାଷ ଏବଂ ତାପରେ ସେ କହୁଛନ୍ତି କେତେକ ସ୍ଥାନରେ କୋଠଚାଷ ବିଫଳ ହୋଇଛି ଓ ତେଣୁ ସମବାୟ ଚାଷ ମଧ୍ୟ ଏଠାରେ ବିଫଳ ହେବ । ଏଥିରୁ ତାଙ୍କ ମାନସିକ ବିଭ୍ରାନ୍ତିର ସୂଚନା ମିଳୁଛି ।

ମୁଁ ଯୁଗୋସ୍ଲାଭିଆ ବା ପୋଲାଣ୍ଡ ବା ସୋଭିଏଟ୍ ଇଉନିୟନ ବା ଚୀନ କଥା ବିଚାର କରୁନାହିଁ । ଅନ୍ୟାନ୍ୟ ଦେଶରେ ଘଟୁଥିବା ବହୁ ବିଷୟ ମୁଁ ପସନ୍ଦ କରେ ନାହିଁ । ବେଳେ ବେଳେ ସମସ୍ୟା ପ୍ରସଙ୍ଗରେ ଜଣେ ନିଜ ମତ ବ୍ୟକ୍ତ କରିପକାଏ; କିନ୍ତୁ ମୁଁ ସେପରି କରିବାକୁ କେବେ ହେଲେ ରାଜି ନୁହେଁ । କାରଣ କୌଣସି ଗୁରୁତ୍ୱପୂର୍ଣ୍ଣ ନୀତି ଉପରେ ଆଞ୍ଚ ନ ଆସିଲା ପର୍ଯ୍ୟନ୍ତ ମୁଁ ଅନ୍ୟାନ୍ୟ ଦେଶଗୁଡ଼ିକ ସମ୍ପର୍କରେ ବିଚାର କରିବାପାଇଁ ନିଜକୁ ଉପଯୁକ୍ତ ବୋଲି ବିବେଚନା କରେ ନାହିଁ । ମୁଁ କୌଣସି ଘଟଣା ଓ ପରିସ୍ଥିତି ଏବଂ ସମସ୍ୟା ବିଷୟରେ ଜାଣେ ନାହିଁ, ତେଣୁ ସମ୍ବାଦପତ୍ରମାନଙ୍କରେ ବା ରିପୋର୍ଟରେ ବାହାରୁଥିବା ଅସମ୍ବଦ୍ଧ ତଥ୍ୟ ଉପରେ ନିର୍ଭର କରି କିଛି ବିଚାର କରିବା ଯଥେଷ୍ଟ ନୁହେଁ । ଅନ୍ୟ ଦେଶର ଲୋକମାନେ ମଧ୍ୟ କେତେକ ସମାଲୋଚକମାନଙ୍କର ତଥ୍ୟ ବା ରିପୋର୍ଟ ଉପରେ ନିର୍ଭର କରି ମୋ ଦେଶ ବିଷୟରେ ମତ ବ୍ୟକ୍ତ କରନ୍ତୁ । ଏହା ମଧ୍ୟ ମୁଁ ଚାହେଁନା । ତେଣୁ ଯୁଗୋସ୍ଲାଭିଆ, ପୋଲାଣ୍ଡ, ସୋଭିଏଟ ଇଉନିୟନ ଚୀନର କାର୍ଯ୍ୟକଳାପ ଠିକ କି ନୁହେଁ ତାହା ମୁଁ କହି ପାରିବି ନାହିଁ । ସେ ବିଷୟରେ ସେମାନେ ହିଁ କେବଳ ଜାଣନ୍ତି ।

## ଭାରତର ପରିସ୍ଥିତି

ଭାରତରେ ଆମେ ଗୋଟିଏ ନିର୍ଦ୍ଦିଷ୍ଟ ପରିସ୍ଥିତି ସହିତ ସଂପୃକ୍ତ । ଏଠାରେ ହାରାହାରି କ୍ଷେତଗୁଡ଼ିକ ଅତି କ୍ଷୁଦ୍ର । ଭାରତରେ ହାରାହାରି କ୍ଷେତଗୁଡ଼ିକର ଆୟତନ ଠିକ୍‌ଭାବେ କେତେ, ମୁଁ ସେ ବିଷୟରେ ନିଶ୍ଚିତ

ନୁହେଁ । ଏକ ଏକର ବା ଦୁଇ ଏକର ହୋଇପାରେ । ବହୁ ଲୋକଙ୍କର ଗୋଟିଏ ଏକର ଜମି ମଧ୍ୟ ନାହିଁ, ଏ କଥା ନିଶ୍ଚିତ । ଏପରି ପରିସ୍ଥିତିରେ ଆପଣ କଣ କରିବେ ? ଯଦି ହାରାହାରି ଜୋତ ୨୦ ଏକର ବା ୫୦ ଏକର ହୋଇଥାନ୍ତା, ତେବେ ଏହା ଏକ ସ୍ୱତନ୍ତ୍ର ବ୍ୟାପାର ହୋଇଥାନ୍ତା । ଆମେ ଭିନ୍ନ ଦୃଷ୍ଟିରୁ ଏ ବିଷୟ ସମ୍ବନ୍ଧରେ ଚିନ୍ତା କରିଥାନ୍ତେ । କେବଳ ତାହାର ନାମ ଯୋଗୁଁ ମୁଁ ଯୌଥକୃଷି ବା ଅନ୍ୟ କିଛି ପ୍ରତି ଅନୁରକ୍ତ ନୁହେଁ; କିନ୍ତୁ ଜଣେ ଲୋକ ଯାହାର ଏକ ଏକର ବା ସେହି ପରିମାଣ ଜମି ଅଛି (ଭାରତର ଅଧିକାଂଶ ଲୋକଙ୍କର ସେପରି ଅଛି) ସେ ସେତିକ ନେଇ କଣ କରିବ ? ଅବଶ୍ୟ ଶ୍ରୀ ମାସାନୀଙ୍କ କହିବା ମତେ ଆମେ ଯଦି ତାକୁ ଉନ୍ନତ ଧରଣର ବିହନ, ପାଣି, ସାର ଓ ଉନ୍ନତ ଧରଣର ଯନ୍ତ୍ରପାତି ଯୋଗାଇ ଦେଉଁ ତେବେ ସେ ସେତିକ ଜମିକୁ ଉନ୍ନତ କରିପାରେ । ଆମେ ତାହାକୁ ନିଶ୍ଚୟ ଧୀରେ ଧୀରେ ଏ ସବୁ ଯୋଗାଇ ଦେବୁ ଏବଂ ଯୋଗାଇ ଦେବା ମଧ୍ୟ ଉଚିତ । କିନ୍ତୁ ଏ ସବୁ ଦିଆଯାଇ ସାରିଲେ, ତାପରେ କଣ ହେବ ? ଜମିରେ ଏପରି କେତେକ ଉନ୍ନୟନ ସମ୍ଭବ, ଯାହା କି କେବଳ ବଡ଼ ବଡ଼ ଆୟତନର ଜମିଥିଲେ ସମ୍ଭବ ହୁଅନ୍ତା । ଏକ ଏକର ଜମି ତାହାର ମାଲିକକୁ ସବୁବେଳେ ଅର୍ଦ୍ଧାହାର (ଲୋକ ଉପାସ)ରେ ରଖୁଥିବ । ଭଲ ସମୟରେ ସେ ଟିକିଏ ବେଶୀ ଆହାର ସମ୍ବଳ ପାଇପାରେ; କିନ୍ତୁ ତା ପରେ ପୁଣି ସେହି ଦୁରବସ୍ଥା । ଅବଶ୍ୟ ବର୍ତ୍ତମାନ ସମୟରେ ଜମି ଉପରେ ବହୁ ଲୋକ ନିର୍ଭର କରି ରହୁଛନ୍ତି ଏବଂ ସେମାନଙ୍କୁ ବୃହତ୍ ଧରଣର ଶିଳ୍ପ ହେଉ ବା ମଧ୍ୟମ ଧରଣର ଶିଳ୍ପ ହେଉ କିମ୍ବା କୁଟୀର ଶିଳ୍ପ ହେଉ, ମୋଟ ଉପରେ ଶିଳ୍ପକୁ ସ୍ଥାନାନ୍ତରିତ କରିବାକୁ ହେବ । ଜମି ଉପରୁ ବୋଝ କମାଇବାକୁ ହେବ । ବେଶି ବେଶି ଉତ୍ପାଦନ ପାଇଁ ଯାହା କରିବା ଦରକାର ସେ ସବୁ କରିବାକୁ ହେବ । ତାତ୍ତ୍ୱିକ ଦୃଷ୍ଟିକୋଣରୁ ହେଉ ବା ଅନ୍ୟ କୌଣସି ଦୃଷ୍ଟିକୋଣରୁ ହେଉ, ମୋର ଦୃଢ଼ ମତ ଯେ ଭାରତରେ ବର୍ତ୍ତମାନ ଯେଉଁ ପ୍ରକାର ପରିସ୍ଥିତି ସେଥିରେ ସମବାୟ କୃଷି ହିଁ ଆମର ଲକ୍ଷ୍ୟ ହେବା ଉଚିତ ।

ମୁଁ ପୁଣି ଦୃଢ଼ ଭାବରେ କହୁଛି ଯେ ସମ୍ମତିର ସହିତ ଅଗ୍ରସର ହେବାହିଁ ଆମର ଉଦ୍ଦେଶ୍ୟ, ତାହା ଛଡ଼ା ଆଉ କିଛି ନୁହେଁ । ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର ନ କରି ଆପଣ ଯଦି ପ୍ରଶ୍ନଟିକୁ ବାସ୍ତବ ଦୃଷ୍ଟି-କୋଣରୁ ବିଚାର କରନ୍ତି, ଆପଣ ମଧ୍ୟ ଏହିଭଳି ସିଦ୍ଧାନ୍ତରେ ଉପନୀତ ହେବେ । ମୁଁ ଭଲଭାବରେ ଜାଣେ ଯେ ଚାଷୀମାନେ ରକ୍ଷଣଶୀଳ ଓ ମୁଁ ସେମାନଙ୍କୁ ପରିବର୍ତ୍ତନ କରିବାକୁ ଚାହିଁଲେ ସୁଦ୍ଧା ସେମାନେ ସହଜରେ ସେମାନଙ୍କର ଅଭ୍ୟାସ ପରିବର୍ତ୍ତନ କରିବେ ନାହିଁ । ଭାଷଣ ନ ଦେଇ ମୋତେ ସେମାନଙ୍କ ଆଗରେ ସଫଳତାର ଦୃଷ୍ଟାନ୍ତମାନ ଥୋଇବାକୁ ହେବ । ମୁଁ ଯଦି ସେମାନଙ୍କୁ କହେଁ ଯେ ସେମାନଙ୍କ ପ୍ରତିବେଶୀ ଏଥିରେ ସଫଳ ହୋଇଛନ୍ତି, ତେବେ ଅନ୍ୟ କୌଣସି ଉପାୟଠାରୁ ଏହି ଉପାୟରେ ସେମାନଙ୍କ ମନରେ ଶୀଘ୍ର ବିଶ୍ୱାସ ଜନ୍ମି ପାରିବ । ସୁତରାଂ ଏ ପ୍ରଶ୍ନ ମୋ ହାତରେ କିମ୍ବା ଶ୍ରୀ ମାସାନୀଙ୍କ ହାତରେ ନ ରହି ଶେଷକୁ ଭାରତର କୃଷକମାନଙ୍କ ହାତରେ ରହୁଛି । ମୁଁ କେବଳ ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ସମ୍ପର୍କରେ ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ଯଥାସାଧ୍ୟ ଚେଷ୍ଟା କରିବି ।

## ସେମାନଙ୍କୁ ପୂରା ସମୟ ଦିଅ

ଇତ୍ୟବସରରେ, ପରବର୍ତ୍ତୀ ତିନିବର୍ଷ ପାଇଁ ଆମେ ସେବାସମବାୟ ଉପରେ ମନୋନିବେଶ କରିବୁବୋଲି କହୁଥିଲାବେଳେ, ସେଇଥିରୁ ସୂଚନା ମିଳୁଛି ଯେ ଆମେ

ତରବର ହୋଇ କଷ୍ଟ କରିବାକୁ ଯାଉନାହୁଁ । ସେମାନଙ୍କୁ ପୂରା ସମୟ ଦିଆଯାଉ । ପ୍ରଥମେ ସେମାନେ ସେବାସମବାୟ ଗ୍ରହଣ କରନ୍ତୁ । ପାର୍ଲାମେଣ୍ଟରେ ଏସମ୍ପର୍କରେ କୌଣସି ଆଇନ ପ୍ରଣୀତ ହେବାକୁ ଯାଉନାହିଁ । ଯଦି ସେମାନେ ନିଜେ କୌଣସି ପରିବର୍ତ୍ତନ ଚାହାନ୍ତି, ତାଙ୍କୁ ସେଥିରେ କିଏ ବାଧା ଦେବ ? ମୁଁ ଆପଣମାନଙ୍କୁ ପଚାରୁଛି, ଆଜି ଯଦି ଗୋଟିଏ ସମବାୟ ସମିତି ଯୌଥଚାଷର ସପକ୍ଷରେ କାର୍ଯ୍ୟ କରିବ ବୋଲି ସ୍ଥିର କରେ, ତେବେ ସେଥିରେ କିଏ ବାଧା ଦେବ ? କେହି ବାଧା ଦେଇ ପାରିବେ ନାହିଁ । ଏଠାରେ ବଳ ପ୍ରୟୋଗ (ଜବରଦସ୍ତି) ର ପ୍ରଶ୍ନ ଉଠୁନାହିଁ । କୌଣସି ନୂଆ ଆଇନ୍‌ର ମଧ୍ୟ ପ୍ରଶ୍ନ ଉଠୁନାହିଁ । ସମିତି ସ୍ୱୟଂ କେତେକ ବିଷୟ କରିବା ଦିଗରେ ନିଜର କାର୍ଯ୍ୟପନ୍ଥା ସ୍ଥିର କରେ ।

## ଭାରତରେ ସମବାୟଗୁଡ଼ିକର ବର୍ତ୍ତମାନ ଅବସ୍ଥା

ସମବାୟଗୁଡ଼ିକର ବର୍ତ୍ତମାନ ଅବସ୍ଥା ସମ୍ପର୍କରେ ମୁଁ କେତେକ ତଥ୍ୟର ଅବତାରଣା କରିବି । କ୍ଷୁଦ୍ର ଗ୍ରାମ ସମବାୟ ସମିତିଗୁଡ଼ିକ ବିଷୟରେ କେତେକ ତଥ୍ୟ ଦିଆଯାଉଛି । ୧୯୫୦-୫୧ ଶେଷ ସୁଦ୍ଧା ଏ ପ୍ରକାର ସମିତିଗୁଡ଼ିକର ସଂଖ୍ୟା ୧୧୬,୦୦୦ ଥିଲା । ୧୯୫୬-୫୭ ଶେଷ ବେଳକୁ ଏହି ସଂଖ୍ୟା ୧୫୯,୦୦୦ କୁ ବୃଦ୍ଧି ପାଇଲା । ୧୯୫୮-୫୯ ଶେଷରେ ଏହା ୧୭୯,୦୦୦ କୁ ପହଞ୍ଚିଲା । ଏଗୁଡ଼ିକ କେବଳ ଗ୍ରାମ୍ୟ ସମିତି, ବଡ଼ ଧରଣର ସମିତି ନୁହନ୍ତି । ୧୯୫୦-୫୧ ରେ ଗ୍ରାମ୍ୟ ସମବାୟ ସମିତିଗୁଡ଼ିକର ସଭ୍ୟ ସଂଖ୍ୟା ୫୧୨ ଲକ୍ଷ ଥିଲା । ୧୯୫୬-୫୭ ରେ ୯୧ ଲକ୍ଷ ହେଲା, ୧୯୫୭-୫୮ ରେ ତାହା ୧୧୦ ଲକ୍ଷକୁ ବୃଦ୍ଧି ପାଇଲା । ୧୯୫୮-୫୯ ପାଇଁ ସଭ୍ୟ ସଂଖ୍ୟା ୧୩୮ ଲକ୍ଷ ହେବ-ବୋଲି ହିସାବ କରାଯାଇଛି ।

ବଡ଼ ଆକାରର ସମବାୟ ସମିତିଗୁଡ଼ିକ ସମ୍ପର୍କରେ ହିସାବ କଲେ ଦେଖାଯିବ ଯେ ୧୯୫୬-୫୭ ଶେଷ ବେଳକୁ ୧,୯୧୫ ଟି ଏ ଧରଣର ସମିତି ଥିଲା । ୧୯୫୭-୫୮ ରେ ସେଗୁଡ଼ିକର ସଂଖ୍ୟା ୪,୫୨୯ କୁ ବୃଦ୍ଧି ପାଇଲା ଏବଂ ୧୯୫୮-୫୯ ବେଳକୁ ତାହା ୬,୩୧୮ ରେ ପହଞ୍ଚିଲା ।

ମାନ୍ୟବର ସଭ୍ୟମାନେ ଏହିସବୁ ସମବାୟ ସମିତି-ମାନଙ୍କ ଜରିଆରେ କେତେ ଗ୍ରାମ୍ୟଋଣ ଦିଆ ଯାଇଛି, ତାହା ଜାଣିବାକୁ ଚାହିଁ ପାରନ୍ତି । ସେମାନଙ୍କ ଗୋଚରାର୍ଥେ ମୋଟ ଋଣର ଶତକଡ଼ା ୮୦ ଭାଗ ଗ୍ରାମ୍ୟ ସମବାୟ ସମିତିଗୁଡ଼ିକଦ୍ୱାରା ଦିଆଯାଇଛି ବୋଲି ମୁଁ ଉଲ୍ଲେଖ କରିପାରେ । ବଡ଼ ଧରଣର ସମିତିଗୁଡ଼ିକ କେବଳ ଶତକଡ଼ା ୨୦ ଭାଗ ଦେଇଛନ୍ତି । ୧୯୫୦-୫୧ ରେ ଏହି ଋଣର ପରିମାଣ ଥିଲା ୨୨·୯ କୋଟି ଟଙ୍କା, ୧୯୫୫-୫୬ରେ ୪୯·୬୨ କୋଟି ଟଙ୍କା, ୧୯୫୬-୫୭-ରେ ୬୩·୩ କୋଟି ଟଙ୍କା, ୧୯୫୭-୫୮ରେ ୯୬ କୋଟି ଟଙ୍କା ଓ ୧୯୫୮-୫୯ରେ ୧୩୦ କୋଟି ଟଙ୍କା ଏ ସମସ୍ତରୁ ସମବାୟ ସମିତିଗୁଡ଼ିକ, ବିଶେଷତଃ କ୍ଷୁଦ୍ର ସମିତିଗୁଡ଼ିକ, ଯଥାର୍ଥ ଅଗ୍ରଗତି କରୁଥିବାର ସୂଚନା ମିଳୁଛି ।

ଏହାପରେ ସମବାୟ କୃଷି ବିଷୟରେ ଆଲୋଚନା କରାଯାଉ । ୧୯୫୭-୫୮ ଶେଷ ବେଳକୁ ଭାରତରେ ୨୦୦୦ ଟି ସମବାୟ କୃଷି ସମିତି ଥିଲା । କିନ୍ତୁ ଏହି "ସମବାୟ କୃଷି" ଶବ୍ଦଟି ଅନେକ ସମୟରେ ଅସମ୍ୟକ ଭାବରେ ବ୍ୟବହାର କରା-ଯାଉଛି । ବେଳେବେଳେ ସମିତି ଅଧୀନରେ ଜମି ଥିଲେ ସୁଦ୍ଧା, ସମିତି ସେ ଜମିର ମାଲିକ ହୋଇଥିଲେ ସୁଦ୍ଧା ବ୍ୟକ୍ତିଗତ ଭାବରେ ଜମ ଚାଷ କରାଯାଉଛି । ଏହି ଧରଣର କୃଷିସମିତିଗୁଡ଼ିକୁ ବାଦ ଦେଲେ ଯେଉଁ ସବୁ ଯୌଥ ଓ ସାମୂହିକ କୃଷି ସମିତିଗୁଡ଼ିକ ଚାଷ-କାର୍ଯ୍ୟରେ ନିୟୋଜିତ ରହିଥିଲେ, ସେଗୁଡ଼ିକର ସଂଖ୍ୟା ହେଉଛି ୧,୩୫୭ । ଏଥିମଧ୍ୟରୁ ୯୬୭ ଟି

ହେଉଛି ଯୌଥ କୃଷି ସମିତି ଓ ୩୯୧ ଟି ହେଉଛି ସାମୂହିକ କୃଷି ସମିତି ।

ଏହି ୧୩୦୦ ଯାକ ସମିତି ଖୁବ୍ ଭଲ ବା ବିଶେଷ ସଫଳ ବା ଯୌଥ କୃଷିର ଆଦର୍ଶ ସ୍ୱରୂପ, ତାହା ମୁଁ କହୁନାହିଁ । କିନ୍ତୁ ପ୍ରତ୍ୟେକ ରାଜ୍ୟରେ ସଫଳ ଯୌଥ କୃଷି ସମିତିମାନ ଥିବାର ଦୃଷ୍ଟାନ୍ତ ରହିଛି । କିନ୍ତୁ ଦୁଇ ବା ତିନିବର୍ଷ ଭିତରେ ଏଗୁଡ଼ିକ ବଢ଼ିଉଠୁଛି । ଏଗୁଡ଼ିକ କାହାର ଚାପ ଯୋଗୁଁ ଗଢ଼ି ଉଠିନାହିଁ, ବରଂ କାରଣ ଯୋଗୁଁ କୃଷୀମାନେ ଏହା କରିବା ପାଇଁ ସ୍ଥିର କରିଛନ୍ତି ବୋଲି ଏଗୁଡ଼ିକ ଗଢ଼ି ଉଠିଛି । ଯୋଜନା କମିଶନଙ୍କର କାର୍ଯ୍ୟକ୍ରମର ମୂଲ୍ୟ ଅବଧାରଣ ସଂଗଠନ ସମବାୟ କୃଷି ବିଶ୍ଳେଷଣ ନାମରେ ଗୋଟିଏ ରିପୋର୍ଟ ଅଛି ଓ ଏହା ଅଢ଼େଇ ବର୍ଷ ପୂର୍ବେ ପ୍ରକାଶିତ ହୋଇଥିଲା । ଏହି ରିପୋର୍ଟରେ ସ୍ପଷ୍ଟ ଭାବେ ଏ ସମସ୍ତ ସମିତିର ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି । ଏ ଦିଗରେ ଯୋଜନା କମିଶନ୍ ଅଧିକ ଅଧ୍ୟୟନର ବ୍ୟବସ୍ଥା କରୁଛନ୍ତି ।

ଆଉ ଗୋଟିଏ ଏପରି ପ୍ରଶ୍ନ ଅଛି, ଯାହା ସମ୍ବନ୍ଧରେ କେତେକ ଲୋକଙ୍କ ମନରେ ସନ୍ଦେହ ଜନ୍ମିଛି । ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ସମ୍ପର୍କରେ କେତେକ ସମାଲୋଚନା କରାଯାଇଛି । ଏ ପ୍ରଶ୍ନଟି ଲୋକସଭା (House) ରେ ଆଲୋଚିତ ହୋଇନାହିଁ ସତ, କିନ୍ତୁ ଗୃହ ବାହାରେ, ବିଶେଷତଃ କଂଗ୍ରେସ ସଂଗଠନ ମଧ୍ୟରେ ଓ ଯୋଜନାକମିଶନଙ୍କ ମଧ୍ୟରେ ବହୁ ବର୍ଷ ଯାଏଁ ଆଲୋଚିତ ହୋଇ ଆସୁଅଛି । ମାନ୍ୟବର ସଭ୍ୟ ବୃନ୍ଦ ଜାଣନ୍ତି ଯେ ଯୋଜନା କମିଶନ ଏହାକୁ ପୁନଃପୁନଃ ସୁପାରିଶ କରିଛନ୍ତି । କାର୍ଯ୍ୟତଃ କେତେକ ରାଜ୍ୟ ଏଦିଗରେ ବ୍ୟବସ୍ଥାବଲମ୍ବନ କରିସାରିଲେଣି ।

ମୋର ଏସବୁ କହିବାର ଉଦ୍ଦେଶ୍ୟ ହେଉଛି ଯେ ଏହି ସିଦ୍ଧାନ୍ତ ଗୁଡ଼ିକ, ସମବାୟ କୃଷି ସଂପର୍କରେ ହେଉ ବା ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ସଂପର୍କରେ ହେଉ, ତର ତର ହୋଇ ଗ୍ରହଣ କରାଯାଇ ନ ଥିଲା । ବର୍ଷ ବର୍ଷ ଧରି ଏ ସମସ୍ୟାଗୁଡ଼ିକ ସମ୍ବନ୍ଧରେ ଆଲୋଚନା ଓ ଯୁକ୍ତି କରାଯାଇଥିଲା । ବସ୍ତୁତଃ ଏ ଦିଗରେ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି ବୋଲି ଆମକୁ ସମାଲୋଚନା କରା ଯାଇଛି ଏବଂ ସମ୍ଭବତଃ ଏପରି ସମାଲୋଚନା କରିବା ଠିକ୍ ହୋଇଛି । ଯାହା-ହେଉ, ଏଗୁଡ଼ିକ ବିଶଦ ଭାବରେ ବିବେଚନା କରାଯାଇଛି; କଂଗ୍ରେସର ସଭ୍ୟ ଓ ବାହାରୁ ବିଶିଷ୍ଟ ଅର୍ଥନୀତିବିତ୍-ମାନଙ୍କୁ ନେଇ କମିଟିମାନ ବସାଯାଇଛି । ଏହି କମିଟୀମାନେ ଯେଉଁ ସୁପାରିଶମାନ ଦେଲେ, ସେସବୁ ସଂପର୍କରେ ପୁଣି ଆଲୋଚନା କରାଯାଇଥିଲା । ସୁତରାଂ ପ୍ରଶ୍ନଟିର ପ୍ରତ୍ୟେକ ଦିଗ ସଂପର୍କରେ ବହୁ ଆଲୋଚନା ଓ ବିବେଚନା ହେଲାପରେ ସିଦ୍ଧାନ୍ତ ଗୁଡ଼ିକ ଗ୍ରହଣ କରାଯାଇଛି ।

( ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କ ଭାଷଣରୁ ସଂଗୃହୀତ )

# ଜନସାଧାରଣଙ୍କ ସେବାରେ

**ଶ୍ରୀ ଭି. କେ. କାଚ**

ଯୋଗାଣ ବିଭାଗ ଡେପୁଟି ସେକ୍ରେଟେରୀ

( ପୂର୍ବ ପ୍ରକାଶିତ ଅଂଶରୁ )

## ଲୁହା ଓ ଇସ୍ପାତ୍

ବର୍ତ୍ତମାନ ଲୁହା ଓ ଇସ୍ପାତ ବିଷୟରେ ଆଲୋଚନା କରାଯାଉ । ଯୁଦ୍ଧ ସମୟରେ "ଲୁହା ଓ ଇସ୍ପାତ୍ (ଉତ୍ପାଦନ ଓ ବଣ୍ଟନ ନିୟନ୍ତ୍ରଣ) ଆଦେଶ, ୧୯୪୧," ଜାରି କରାଯାଇଥିଲା । ୧୯୪୭ ମସିହା ଅଗଷ୍ଟ ମାସ ବେଳକୁ ଅବସ୍ଥାର ଉନ୍ନତି ଦେଖାଗଲା । ସେତେବେଳେ ପରୀକ୍ଷାମୂଳକ ଭାବେ ନିୟନ୍ତ୍ରଣ ବ୍ୟବସ୍ଥା ଉଠାଇନେବା ନିମନ୍ତେ ଚେଷ୍ଟା କରାଗଲା । ଫଳରେ ଲୁହା ଓ ଇସ୍ପାତ୍ ଜିନିଷ ଏକାବେଳକେ ବଜାରରୁ ଅଦୃଶ୍ୟ ହୋଇଗଲା । ଅନାଟନର ପରିମାଣ ଏମିତି ହେଲା ଯେ ସରକାର ତାଙ୍କର ଆବଶ୍ୟକ ଜିନିଷ ପାଇ ପାରିଲେ ନାହିଁ । ତେଣୁ ୧୯୪୭ ମସିହା ଶେଷାର୍ଦ୍ଧରେ ନିୟନ୍ତ୍ରଣ ବ୍ୟବସ୍ଥା ପୁଣି ଜାରି କରାଗଲା । ଏହା ପୁଣି ଜାରି କରାଯାଇ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଲୁହା ଓ ଇସ୍ପାତ୍ ବଣ୍ଟନ କରାଗଲା । ସର୍ବସାଧାରଣ ଓ ସରକାରଙ୍କ ଆବଶ୍ୟକତା ପୂରଣ ନିମନ୍ତେ ଲୁହା ଓ ଇସ୍ପାତ୍ ବଣ୍ଟନର ଅଲଗା କୋଟା ପଦ୍ଧତି ପ୍ରବର୍ତ୍ତନ କରାଗଲା । ୧୯୪୮ ମସିହା ଯାଏ ରେଜିଷ୍ଟ୍ରିଭୁକ୍ତ ବ୍ୟବସାୟୀମାନଙ୍କୁ ଲୁହା ଓ ଇସ୍ପାତ୍ ବଣ୍ଟନ କରିବା ନିମନ୍ତେ କଣ୍ଟ୍ରୋଲ ଦୋକାନମାନ ନ ଥିଲା । ୧୯୪୮ ମସିହା ଆରମ୍ଭରେ ମେସର୍ସ ଉତ୍କଳ ଡିଷ୍ଟ୍ରିବ୍ୟୁଟର୍ସଙ୍କୁ ଓଡ଼ିଶାରେ କଣ୍ଟ୍ରୋଲ ଦୋକାନୀ ରୂପେ ନିଯୁକ୍ତ କରାଗଲା । ତାଙ୍କର ସଦରମହକୁମା କଟକଠାରେ ଓ ତାର ଶାଖାମାନ ଯାଜପୁର ଓ ବାଲେଶ୍ୱରଠାରେ ଖୋଲାଗଲା । ୧୯୪୮ ମସିହାରେ ଆଉ ଗୋଟିଏ ଅତିରିକ୍ତ କଣ୍ଟ୍ରୋଲ ଦୋକାନୀ ନିଯୁକ୍ତ କରାଗଲା । ଏହାଦ୍ୱାରା ରେଜିଷ୍ଟ୍ରିଭୁକ୍ତ ଦୋକାନୀମାନଙ୍କର ସୁବିଧା ହୋଇଥିଲା । ସେମାନେ ସେମାନଙ୍କର ଦରକାରୀ ମାଲ କଲିକତା ପରି ସୁଦୂରନଗରମାନଙ୍କରୁ ନ ଆଣି ତା ପରିବର୍ତ୍ତେ କଟକ ସହରରୁ ପାଇଥିଲେ ।

## ଲୁହାଛଡ଼ ଓ ଚକ୍ରା

ଲୁହାଛଡ଼, ବୃଦର ଓ ଚକ୍ରା ପ୍ରଭୃତି ଉତ୍ପାଦନ କରିବା ନିମନ୍ତେ ଓଡ଼ିଶାରେ ଲୁହା ଉପରେ ପୁଣି ରୂପ ଦେବା ଯନ୍ତ୍ର (ରି-ରୋଲର) ନ ଥିଲା । ଏ ରାଜ୍ୟରେ ରି-ରୋଲର କାରଖାନା ସ୍ଥାପନ କରିବାପାଇଁ ରାଜ୍ୟ ସରକାର ଭାରତ ସରକାରଙ୍କ ସଙ୍ଗେ ଏ ସମ୍ପର୍କରେ କଥାବାର୍ତ୍ତା ଚଳାଇଲେ । ଏହି ଚେଷ୍ଟା ଫଳରେ କଟକଠାରେ "ନ୍ୟାସନାଲ ଟେକ୍ସଟାଇଲ ଓ ରୋଲିଂ ମିଲସ" ସ୍ଥାପନ କରାଯାଇଥିଲା ।

ଆମ ରାଜ୍ୟର ଲୁହା ଓ ଇସ୍ପାତ୍‌ର କୋଟା ବିଭିନ୍ନ ବାବଦରେ କେନ୍ଦ୍ର ସରକାରଙ୍କଠାରୁ ମିଳିଥାଏ ଯଥା :—ସରକାରୀ ଉନ୍ନୟନମୂଳକ ପରିକଳ୍ପନା, କୃଷି ବ୍ୟତୀତ ଅନ୍ୟାନ୍ୟ ଓ କୃଷି ସମ୍ପର୍କୀୟ ଉଦ୍ଦେଶ୍ୟ; କୁଟୀର ଓ କ୍ଷୁଦ୍ରଶିଳ୍ପ, ଇସ୍ପାତ୍‌ରେ ପାଣିଦେବା ଶିଳ୍ପ । ଏସବୁ ବାବଦରେ ମାଲ ଆମଦାନୀ କରି ବଣ୍ଟନ କରିବାପାଇଁ ଉତ୍ପାଦନକାରୀମାନଙ୍କୁ ନିର୍ଦ୍ଦିଷ୍ଟ କରି ଦିଆଯାଇଥିଲା ।

**ଷ୍ଟିଲୁର୍ ଲୁହା**

ବର୍ତ୍ତମାନ କୃଷିପାଇଁ ଓ କୃଷି ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ରାଜ୍ୟ ଷ୍ଟିଲ ଓ ଖୁଚୁରା ଲୁହା ଜିନିସ ମଗାଉଛନ୍ତି । ଏହି ଜିନିସଗୁଡ଼ିକ ଚାଷୀ ଓ ଜିଲ୍ଲା ଅଧିକାରୀମାନଙ୍କୁ ବଣ୍ଟନ କରିବା ନିମନ୍ତେ କଣ୍ଟ୍ରୋଲ ଖୁଚୁରା ବ୍ୟବସାୟୀଙ୍କ ଜରିଆରେ ସରବରାହ କରାଯାଉଛି ।

ଯନ୍ତ୍ରପାତିର ଅଂଶ ଇତ୍ୟାଦି ତିଆରି କରିବାପାଇଁ ଶିଳ୍ପ ପ୍ରତିଷ୍ଠାନମାନେ ପ୍ରସ୍ତୁତ କରିବା ନିମନ୍ତେ ଆବଶ୍ୟକୀୟ ଲୌହପିଣ୍ଡ ଓ ଲୌହଖଣ୍ଡ ଅଣାଯାଇ ଓଡ଼ିଶା ଶିଳ୍ପ ଡିରେକ୍ଟରଙ୍କ ସୁପାରିଶ କ୍ରମେ ଯୋଗାଣ ବିଭାଗଦ୍ୱାରା ଦିଆଯାଇଥିବା କୋଟା ସାର୍ଟିଫିକେଟ ମୁତାବକ ବଣ୍ଟନ କରାଯାଏ ।

**ସିମେଣ୍ଟ**

ବର୍ତ୍ତମାନ ସିମେଣ୍ଟ ବିଷୟରେ ଆଲୋଚନା କରାଯାଉ । ୧୯୪୮ ମସିହା ମାର୍ଚ୍ଚ ୩୧ ତାରିଖ ଯାଏ ଭାରତ ସରକାର ସିମେଣ୍ଟର ନିୟନ୍ତ୍ରଣ ଓ ବଣ୍ଟନ ବ୍ୟବସ୍ଥାକୁ ବହାଲ ରଖିଥିଲେ । କଲିକତାସ୍ଥ ଆଞ୍ଚଳିକ ଅବୈତନିକ ସିମେଣ୍ଟ ପରାମର୍ଶଦାତା ୫୦ ଓ ତାଠାରୁ ଊର୍ଦ୍ଧ୍ୱ ସିମେଣ୍ଟ ବସ୍ତାପାଇଁ ପରମିଟ ଦେଉଥିଲେ । ରାଜ୍ୟ ସରକାରମାନେ ତାଙ୍କ ପାଖରେ ଖର୍ଚ୍ଚ ହେବା ପାଇଁ ମହଜୁଦ ଥିବା ସିମେଣ୍ଟରୁ ପ୍ରତ୍ୟେକଙ୍କୁ ୫୦ରୁ କମ୍ ବସ୍ତାପାଇଁ ପରମିଟ ଦେବା ନିମନ୍ତେ ଅନୁମତି ପାଇଥିଲେ । ୧୯୪୮ ମସିହା ଏପ୍ରିଲ ପହିଲା ତାରିଖ ଠାରୁ ଭାରତ ସରକାର ରାଜ୍ୟ ସରକାରମାନଙ୍କୁ ମୋଟା ପରିମାଣର ସିମେଣ୍ଟ ବଣ୍ଟନ କରିବା ନିମନ୍ତେ ରାଜ୍ୟ ମଧ୍ୟରେ ନ୍ୟାୟସଙ୍ଗତ ପରିମାଣରେ ଯେପରି ଏହା ବଣ୍ଟନ କରାଯାଇ ପାରିବ ତାହାର ଭାର ରାଜ୍ୟ ସରକାରମାନଙ୍କୁ ଛାଡ଼ି ଦିଆଯାଇଥିଲା ।

୧୯୪୯ ମସିହା ମଧ୍ୟଭାଗ ପର୍ଯ୍ୟନ୍ତ ଓଡ଼ିଶାରେ ସାଧାରଣ ସିମେଣ୍ଟ ପରିସ୍ଥିତି ବିଶେଷ ସନ୍ତୋଷଜନକ ନ ଥିଲା । ବୃଦ୍ଧି ପାଉଥିବା ଚାହିଦାର ସମ୍ମୁଖୀନ ହେବା ନିମନ୍ତେ ଯେଉଁ ସିମେଣ୍ଟ ଯୋଗାଇ ଦିଆ-ଯାଇଥିଲା ତାହାର ପରିମାଣ ଖୁବ କମ୍ ଥିଲା । ଏହି ପରିସ୍ଥିତିର ସମ୍ମୁଖୀନ ହେବା ନିମନ୍ତେ ରାଜ୍ୟ ସରକାରମାନେ ବିଦେଶରୁ ସିମେଣ୍ଟ ରପ୍ତାନି କରିବା କାର୍ଯ୍ୟକୁ ଉତ୍ସାହିତ କରିଥିଲେ । ତେଣୁ କେତେକ ପରିମାଣର ବିଦେଶୀ ସିମେଣ୍ଟ ଆମଦାନୀ କରାଯାଇଥିଲା । ଏହାଦ୍ୱାରା ପରିସ୍ଥିତି ବହୁତ ସୁଧୁରି ଗଲା । ଭାରତ ସରକାର ରାଜ୍ୟ ସରକାରଙ୍କ କୋଟାର ପରିମାଣକୁ ଆହୁରି ବଢ଼ାଇ ଦେବା ଫଳରେ ୧୯୫୦ ମସିହାରେ ରାଜ୍ୟର ମାସିକ କୋଟା ୧,୬୦୦ ଟନ୍‌ରୁ ୩,୦୦୦ ଟନ୍ ଯାଏ ବୃଦ୍ଧି ପାଇଥିଲା । ଏତଦ୍ ବ୍ୟତୀତ ଅରକୁଅର ଆଉ କେତେକ ପରିମାଣର ସିମେଣ୍ଟ ଅସ୍ଥାୟୀ ବଣ୍ଟନ ଭିତ୍ତିରେ ଯୋଗାଇ ଦିଆଯାଇଥିଲା ।

୧୯୪୯-୫୨ ମସିହା ମଧ୍ୟରେ ନିୟମିତ ଓ ଧାରାବାହିକ ଭାବେ କୋଟା ମିଳି ନ ଥିଲା । ୧୯୫୫ ମସିହାରେ ୧୯୪୮ର ସିମେଣ୍ଟ ନିୟନ୍ତ୍ରଣ ଆଦେଶ ପରିବର୍ତ୍ତେ ୧୯୫୫ ର ସିମେଣ୍ଟ ନିୟନ୍ତ୍ରଣ ଆଦେଶ ପ୍ରବର୍ତ୍ତନ କରାଯାଇଥିଲା ।


୧୯୫୬ ମସିହାର ପ୍ରାୟ ମଧ୍ୟଭାଗଠାରୁ ଭାରତ ସରକାରଙ୍କଦ୍ୱାରା ପ୍ରସ୍ତୁତ କରାଯାଇଥିବା "ରାଜ୍ୟ-ବାଣିଜ୍ୟ କର୍ପୋରେଶନ ପରିକଳ୍ପନା"ର ପ୍ରବର୍ତ୍ତନ ସଙ୍ଗେ ସଙ୍ଗେ, ଭାଗ ବଣ୍ଟନ ବ୍ୟବସ୍ଥା ମଧ୍ୟ ବଦଳି ଯାଇଛି । କେଉଁ କାରଖାନାରୁ କେତେ ମାଲ୍ ଦିଆଯିବ ତାହା ବଦଳରେ ବର୍ତ୍ତମାନ କେବଳ ୩ମାସରୁ କେଉଁ ରାଜ୍ୟ କେତେ କୋଟା ପାଇବେ ତାହା ଜଣାଇ ଦିଆଯାଉଛି । କେଉଁ ଅଞ୍ଚଳକୁ କେତେ ସିମେଣ୍ଟ ଦିଆଯିବ, ତାହା ପାଟନାଠାରେ ଥିବା ଆଞ୍ଚଳିକ ଅବୈତନିକ ସିମେଣ୍ଟ ପରାମର୍ଶଦାତାଙ୍କୁ ରାଜ୍ୟସରକାର-ମାନଙ୍କୁ ଜଣାଇବାକୁ ହେଉଛି । ସେ ସିମେଣ୍ଟ



ଦିଲ୍ଲୀ ତ ଟଲକଟୋରା ଉଦ୍ୟାନରେ ସମବେତ ହୋଇଥିବା ବିଭିନ୍ନ ରାଜ୍ୟର ଲୋକନୃତ୍ୟ ଶିଳ୍ପୀମାନଙ୍କ
ଶିବିରରେ ଭାରତର ପ୍ରଧାନମନ୍ତ୍ରୀ ଓଡ଼ିଶା ଲୋକନୃତ୍ୟ ଶିଳ୍ପୀମାନଙ୍କଦ୍ୱାରା ଅଭ୍ୟର୍ଥିତ ହେଉଛନ୍ତି



ଦିଲ୍ଲୀଠାରେ ୧୦ମ ଜନରାଜ୍ୟ-ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ଲୋକନୃତ୍ୟ ଉତ୍ସବରେ
କଳାହାଣ୍ଡିର ଘୁମୁରା ଲୋକନୃତ୍ୟଶିଳ୍ପୀଦଳଙ୍କ ନୃତ୍ୟ ଉତ୍ସବ




ଗତ ଜନରାଜ୍ୟ-ଦିବସ ଉପଲକ୍ଷେ ଦିଲ୍ଲୀର 'ରାଜପଥ'ରେ ଅନୁଷ୍ଠିତ ହୋଇଥିବା ପ୍ୟାରେଡ୍‌ର
ଓଡ଼ିଶାର ଲୋକନୃତ୍ୟ ଶିଳ୍ପୀଦଳ



ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଘୁମୁରା ଲୋକନୃତ୍ୟ ଶିଳ୍ପୀଦଳଙ୍କ ସହିତ
ଭାରତର ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ



ଗତ ଗଣରାଜ୍ୟ-ଦିବସ ଉପଲକ୍ଷେ ଦିଲ୍ଲୀକୁ ଯାଇଥିବା ଓଡ଼ିଶାର ଲୋକନୃତ୍ୟ ଶିଳ୍ପୀଦଳଙ୍କ ସହିତ
ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନେହେରୁ



ଓଡ଼ିଶାର ରାଜ୍ୟପାଳ କେନ୍ଦୁଝର ଜିଲ୍ଲାର ମାଚ୍ଛାମୁଡ଼ା ଆଶ୍ରମ ସ୍କୁଲ ପରିଦର୍ଶନ କରୁଅଛନ୍ତି




ଭାରତର ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ରପ୍ରସାଦ ରାଷ୍ଟ୍ରପତି ଭବନରେ ଦେଇଥିବା ଭୋଜି ସଭାରେ ରୁଷ୍ ସାଧାରଣତନ୍ତ୍ରର ସଭାପତି ମାନ୍ୟବର ଭୋରୋସିଲଭ୍ ଭାଷଣ ଦେଉଅଛନ୍ତି




ରୁଷ୍ ସାଧାରଣତନ୍ତ୍ରର ସଭାପତି ମାନ୍ୟବର ବ୍ରେଜ୍ନେଭ୍ (ଦକ୍ଷିଣ) ଓ ରୁଷ ମନ୍ତ୍ରୀ ମଣ୍ଡଳର ଉପସଭାପତି ଶ୍ରୀ କୋଜ୍ଲଭ (ବାମ) ଗତ ଜାନୁଆରୀ ୨୦ ତାରିଖରେ ନୂଆଦିଲ୍ଲୀଠାରେ ଏକ ଦଶ ଦିନିଆ ଗସ୍ତରେ ଆସି ପହଞ୍ଚି ସେ ଦିନ ସନ୍ଧ୍ୟାରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନେହେରୁଙ୍କୁ ଭେଟିଥିଲେ



ଗତ ଫେବୃଆରୀ ୫ ତାରିଖରେ ଦିଲ୍ଲୀଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଛଅଗୋଟି ରାଜ୍ୟର ଶିକ୍ଷାମନ୍ତ୍ରୀମାନଙ୍କ ସମ୍ମିଳନୀରେ ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ପ୍ରାଥମିକ ଶିକ୍ଷାର ପ୍ରସାର ବିଷୟ ଆଲୋଚିତ ହୋଇଥିଲା



ଓଡ଼ିଶାର ରାଜ୍ୟପାଳ ପଶ୍ଚିମ ଜୋଡ଼ାରେ ଲୁହା ପଥର କପର ଯନ୍ତ୍ର ସାହାଯ୍ୟରେ ଆପଣାଛାଏଁ ଲଦାଯାଉଛି, ତାହା ଦେଖୁଛନ୍ତି



ଓଡ଼ିଶାର ରାଜ୍ୟପାଳ ବଡ଼ବିଲଠାରେ ଥିବା କଳିଙ୍ଗ ଇଣ୍ଡଷ୍ଟ୍ରିଜର
ଟେଷ୍ଟ ପ୍ଲାଣ୍ଟ ପରିଦର୍ଶନ କରୁଅଛନ୍ତି

କାରଖାନାର ଦୂରତ୍ୱ ଅନୁଯାୟୀ ବିଭିନ୍ନ ବ୍ୟବସାୟୀମାନଙ୍କୁ ବିଭିନ୍ନ କେନ୍ଦ୍ରରୁ ନିଜ ନିଜ ଭାଗରେ ପଡୁଥିବା ମାଲ ନେବାପାଇଁ କ୍ଷମତା ପତ୍ର ଦେଇଥାନ୍ତି ।

୧୯୫୭ ମସିହା ଡିସେମ୍ବର ମାସ ଶେଷଆଡ଼କୁ କଳକାରଖାନାଗୁଡ଼ିକରେ ଉତ୍ପାଦନ ବୃଦ୍ଧି ପାଇଲା । ଏହା ଫଳରେ ରାଜ୍ୟସରକାର ୧୯୫୮ ମସିହା ଜାନୁୟାରୀଠାରୁ ସରକାରୀକୋଟା ପାଇଁ ମିଳୁଥିବା ମାଲର ଶତକଡ଼ା ଅନୁପାତ ବଢ଼ାଇଦେଲେ । ଯୋଗାଣକାରୀମାନେ ପାଉଥିବା ଭାଗସହିତ ପୂର୍ବରୁ ବାକିଆ ରହିଥିବା ମାଲ ବଜାରକୁ ଛାଡ଼ି ଦେଇ ପାରିଲେ । ଫଳରେ ୧୯୫୮ ମସିହା ଜାନୁୟାରୀମାସ ଆରମ୍ଭ ବେଳକୁ ଯୋଗାଣ ପରିସ୍ଥିତିରେ ଉନ୍ନତି ଦେଖାଗଲା । ପରମିଟରେ ଯେଉଁ ସିମେଣ୍ଟ ବିକ୍ରୀ ହୋଇ ନ ପାରିଲା ତାକୁ ପରମିଟ ଦେଉଥିବା କର୍ତ୍ତୃପକ୍ଷଙ୍କ ନିକଟରେ ମାଲ ପହଞ୍ଚିବା ରିପୋର୍ଟ ପହଞ୍ଚିବାର ୬୦ଦିନ ମଧ୍ୟରେ ଖୋଲା ବଜାରରେ, ବିନା ପରମିଟରେ ଓ ନିର୍ଦ୍ଧାରିତ ଦରରେ ବିକ୍ରି କରିବାପାଇଁ ସମସ୍ତ ରେଜିଷ୍ଟ୍ରୀଭୁକ୍ତ ମହଜୁଦକାରୀ (ଷ୍ଟକିଷ୍ଟ) ଙ୍କୁ ଅସ୍ଥାୟୀ-ଭାବେ ଅନୁମତି ଦିଆଗଲା । ଏଥିରେ କୌଣସି ମାସରେ କୌଣସି ବ୍ୟକ୍ତିଙ୍କୁ ୨୦ ବସ୍ତାରୁ ବେଶି ବିକ୍ରୀ କରି ନପାରିବାର ସର୍ତ୍ତ ରଖା ଯାଇଥିଲା । ୧୯୫୮ ମସିହା ଜାନୁୟାରୀଠାରୁ ମାର୍ଚ୍ଚ ମାସ ମଧ୍ୟରେ ଆହୁରି କେତେକ କାରଖାନାରେ ଉତ୍ପାଦନ ଆରମ୍ଭ ହେବାରୁ ଓ ପ୍ରଚଳିତ କାରଖାନା ଗୁଡ଼ିକରେ ଉତ୍ପାଦନ ବୃଦ୍ଧି ପାଇଥିବାରୁ ରାଜ୍ୟର ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ସିମେଣ୍ଟ ବଣ୍ଟନ ବ୍ୟବସ୍ଥା ଆହୁରି କୋହଳ କରିବାକୁ ଭାରତ ସରକାର ସ୍ଥିର କଲେ । ରାଜ୍ୟ ସରକାର ମଧ୍ୟ ତଦନୁରୂପ କୋହଳ ନୀତି ଅବଲମ୍ବନ କଲେ । ଏହି ଅସ୍ଥାୟୀ ବ୍ୟବସ୍ଥା ଅନୁସାରେ ସବୁ ରେଜିଷ୍ଟ୍ରୀଭୁକ୍ତ ସିମେଣ୍ଟ ମହଜୁଦକାରୀ ପାଉଥିବା ମାଲର ୫୦% ଭାଗ ଖୋଲା ବଜାରରେ, ନିୟମିତ ଦରରେ ବିନା ପରମିଟରେ ବିକ୍ରୀକରି ପାରିବେ ବୋଲି ଅନୁମତି ଦିଆଗଲା । ପରମିଟ୍ ଦେଉଥିବା କର୍ତ୍ତୃପକ୍ଷ ମାଲ ଆସିବା ରିପୋର୍ଟ ପାଇବାର ୪୫ଦିନ ଭିତରେ ଯଦି ପରମିଟ୍-ଦ୍ୱାରା ସିମେଣ୍ଟତକ ବିକ୍ରୀ ନ ହୁଏ ତେବେ ରେଜିଷ୍ଟ୍ରୀଭୁକ୍ତ ବେପାରୀ ଉକ୍ତ ମାଲର ଅବଶିଷ୍ଟାଂଶ ଅବାଧରେ ନିୟନ୍ତ୍ରିତ ଦରରେ ଜଣକୁ ୨୦ବସ୍ତା ପର୍ଯ୍ୟନ୍ତ ମାସିକ ବିକ୍ରୀ କରିପାରିବେ ବୋଲି ଅନୁମତି ଦିଆଗଲା । ଭାରତ ସରକାରଙ୍କ ନୀତି ଅନୁଯାୟୀ ବର୍ତ୍ତମାନ ରାଜ୍ୟସରକାର ୧୯୫୮ ମସିହା ସେପ୍ଟେମ୍ବର ୧୫ ତାରିଖଠାରୁ ଅବାଧରେ ସିମେଣ୍ଟ ବିକ୍ରୀ କରିବାକୁ ଅନୁମତି ଦେଇଛନ୍ତି । ୧୯୫୮ ମସିହା ମଧ୍ୟରେ ସିମେଣ୍ଟ ଯୋଗାଣ ଅବସ୍ଥା ସନ୍ତୋଷଜନକ ଥିଲା ।

## କୋଇଲା

ଆମ ରାଜ୍ୟରେ ପ୍ରଚୁର କୋଇଲା ସମ୍ପଦ ରହିଛି । କିନ୍ତୁ ତାଳଚେର ଛଡ଼ା ଅନ୍ୟ କୌଣସି ସ୍ଥାନରେ ଏହି ପ୍ରାକୃତିକ ବିଭବର ଉପଯୋଗ କରାଯାଇ ନାହିଁ । ଏଠାରେ ଥିବା କୋଇଲାଖଣିଗୁଡ଼ିକ ରେଳବାଇଦ୍ୱାରା କାର୍ଯ୍ୟକାରୀ ହେଉଛି ଏବଂ ଏଗୁଡ଼ିକର ମାଲିକମଧ୍ୟ ରେଳବାଇ । ତେଣୁ ଆମର ଆଭ୍ୟନ୍ତରୀଣ ଚାହିଦା ଧକାଶେ ଆମକୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡ଼ୁଛି ।

(୧) ଓଡ଼ିଶାରେ ସବୁକିସମର କୋଇଲା ବଣ୍ଟନ ବ୍ୟବସ୍ଥା ଓ ଏହାର ଖୁଚୁରା ଦରଦାମ ପ୍ରଭୃତି ୧୯୫୭ ମସିହାର 'ଓଡ଼ିଶା କୋଇଲା (ନିୟନ୍ତ୍ରଣ ଓ ବଣ୍ଟନ) ଆଦେଶ' ଅନୁସାରେ ନିୟନ୍ତ୍ରିତ ହେଉଛି । ଏହି ବଣ୍ଟନ ପଦ୍ଧତି ଅନୁଯାୟୀ ଶିଳ୍ପ ଉଦ୍ଦେଶ୍ୟରେ ଓ ଇଟା ପୋଡ଼ିବା ପାଇଁ ବିଭିନ୍ନ କିସମର କୋଇଲାର 'କୋଟା' ଭାରତ ସରକାରଙ୍କଦ୍ୱାରା ସ୍ଥିର କରାଯାଇଛି । ରାଜ୍ୟ-ନିମନ୍ତେ ବର୍ତ୍ତମାନ ଯେଉଁ କୋଟା ନିର୍ଦ୍ଦିଷ୍ଟ ହୋଇଛି

ତଦନୁସାରେ ଶିଳ୍ପକାର୍ଯ୍ୟ ଓ ପାରିବାରିକ ବ୍ୟବହାର ପାଇଁ ମାସିକ ୫୭୩ ଡବା (ଓ୍ୱାଗନ) କୋଇଲା ଏବଂ ଇଟା ପୋଡ଼ିବା ପାଇଁ ବାର୍ଷିକ ୨୨୦୦ ଡବା (ଓ୍ୱାଗନ) କୋଇଲା ମିଳିପାରିବ। ପୂର୍ବପୂର୍ବ କୋଟାଟି ବିଭିନ୍ନ ଶ୍ରେଣୀର ଶିଳ୍ପାନୁଷ୍ଠାନଗୁଡ଼ିକ ମଧ୍ୟରେ, ସେମାନଙ୍କର ଚାହିଦା ଅନୁପାତରେ ବାଣ୍ଟି ଦିଆଯାଉଛି।

(୨) ଉପରଲିଖିତ 'କୋଟା'ଗୁଡ଼ିକବ୍ୟତୀତ "ଅଧିକ ଖାଦ୍ୟ ଉତ୍ପାଦନ କର" ଶ୍ରେଣୀ ବାବଦରେ କେତେକ କୋଟା କଲିକତାସ୍ଥ ଡେପୁଟି କୋଲ୍ କଣ୍ଟ୍ରୋଲର (ବଣ୍ଟନ) ଙ୍କ ଦ୍ୱାରା ମଧ୍ୟ ଦିଆଯାଉଛି। ଏହି କୋଟା ଛ ମାସରେ ଥରେ ଲେଖାଏଁ ଦିଆଯାଏ।

(୩) ଶିଳ୍ପାନୁଷ୍ଠାନଗୁଡ଼ିକୁ ପ୍ରତି ତିନ ମାସରେ ଥରେ ଲେଖାଏଁ ସେମାନଙ୍କ ନିଜ ନିଜର ଭାଗ ଦିଆଯାଇଥାଏ। ଯେଉଁ ବ୍ୟବହାରକାରୀମାନେ ZOR, BRK ଶ୍ରେଣୀଭୁକ୍ତ, ସେମାନଙ୍କୁ ଛ ମାସରେ ଥରେ ସେମାନଙ୍କ କୋଟା ଯୋଗାଇ ଦିଆଯାଏ।

### କିରାସିନ

ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ କିରାସିନ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟ। ଓଡ଼ିଶା ସରକାର ଭାରତରକ୍ଷା ନିୟମାବଳୀ ଅନୁସାରେ "୧୯୪୫ ମସିହା କିରାସିନ ନିୟନ୍ତ୍ରଣ ଆଦେଶ" ନାମକ ଗୋଟିଏ ଆଦେଶ ଜାରି କରିଥିଲେ ଓ ଏହା ୧୯୪୫ ମସିହା ଜୁନ ମାସଠାରୁ ବଳବତ୍ତର ହୋଇଥିଲା। ବର୍ମା ତୈଳ କମ୍ପାନୀର ଏଜେଣ୍ଟ୍‌ମାନଙ୍କୁ ଲାଇସେନ୍ସ ଦେବାପାଇଁ ରାଜ୍ୟଯୋଗାଣ ଓ ପରିବହନ ବିଭାଗ କଣ୍ଟ୍ରୋଲରଙ୍କୁ ଉକ୍ତ ଆଦେଶ ଅନୁସାରେ ଲାଇସେନ୍ସ-ଦାତା କର୍ତ୍ତୃପକ୍ଷରୂପେ ନିଯୁକ୍ତ କରାଯାଇଥିଲା। ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ ସେମାନଙ୍କ ନିଜ ନିଜ ଅଞ୍ଚଳମଧ୍ୟରେ ବିକ୍ରୀକରିବା ନିମନ୍ତେ ଲାଇସେନ୍ସ ଦେବାପାଇଁ କୁହା ଯାଇଥିଲା। ଅନ୍ୟାନ୍ୟ ବହୁ ଦ୍ରବ୍ୟପରି ୧୯୪୭ ମସିହାରେ କିରାସିନ ଉପରୁ ମଧ୍ୟ ନିୟନ୍ତ୍ରଣ ଉଠିଗଲା। କିନ୍ତୁ ନିୟନ୍ତ୍ରଣ ଉଠାଇ ଦେବାର ଫଳ କ୍ଷତିକରବୋଲି ପ୍ରମାଣିତ ହେଲା। ତେଣୁ ୧୯୪୮ ମସିହା ଜୁନ୍ ମାସରେ ପୁଣି ନିୟନ୍ତ୍ରଣ ବ୍ୟବସ୍ଥା ଚାଲୁ କରାଗଲା।

ଗଡ଼ଜାତଗୁଡ଼ିକର ମିଶ୍ରଣ ପରେ ସେହି ସବୁ ଅଞ୍ଚଳକୁ ଉପଯୁକ୍ତ ପରିମାଣରେ କିରାସିନ ଯୋଗାଇବାର ବ୍ୟବସ୍ଥା କରିବା ସରକାରଙ୍କ ପକ୍ଷରେ କଷ୍ଟକର ହୋଇ ପଡ଼ିଲା। କାରଣ ସେତେବେଳ ସୁଦ୍ଧା ରାଜ୍ୟଗୁଡ଼ିକୁ ଅତି ଅଳ୍ପ ପରିମାଣରେ କିରାସିନ ଦିଆଯାଉଥିଲା। ଏହି ସବୁ ଅଞ୍ଚଳକୁ ବେଶି ବେଶି କିରାସିନ ମିଳିବାପାଇଁ ସ୍ୱତନ୍ତ୍ର ଉଦ୍ୟମ କରିବାକୁ ପଡ଼ିଲା।

୧୯୪୯ ମସିହା ଶେଷସୁଦ୍ଧା ପୂର୍ବତନ ଗଡ଼ଜାତ ଅଞ୍ଚଳଗୁଡ଼ିକସମେତ ରାଜ୍ୟରେ କିରାସିନ ଯୋଗାଣର ସାଧାରଣ ଅବସ୍ଥାରେ ବିଶେଷ ଉନ୍ନତି ପରିଲକ୍ଷିତ ହେଲା। ପୂର୍ବରୁ ମାସିକ ୭୦,୦୦୦ ଟିନ୍ ପର୍ଯ୍ୟନ୍ତ କିରାସିନ ତେଲ ଯୋଗାଇ ଦିଆଯାଉଥିବାସ୍ଥଳେ ତାହା ମାସିକ ୧,୩୩,୦୦୦ ଟିନ୍‌କୁ ବୃଦ୍ଧି ପାଇଲା।

ମୁଦ୍ରାର ମୂଲ୍ୟ ହ୍ରାସ ହେବା ଫଳରେ ଟିଣ ପିଛା କିରାସିନ ତେଲର ମୂଲ୍ୟ ଦଶ ଅଣା ହିସାବରେ ବଢ଼ିଲା। ଏହା ଦ୍ୱାରା ବ୍ୟବହାରକାରୀମାନଙ୍କ ପାଇଁ ନିର୍ଦ୍ଧାରିତ ଦର ଯେପରି ପ୍ରଭାବିତ ନ ହୁଏ, ସେଥିପାଇଁ ରାଜ୍ୟ ସରକାର ବୃଦ୍ଧି ପ୍ରାପ୍ତ ମୂଲ୍ୟାଂଶକୁ ବଣ୍ଟନ ସ୍ତରରେ ମିଳୁଥିବା ଲାଭର ସାମିଲ କରି ଦେଲେ।

କିରାସିନ ଉପରୁ ବହୁ ଦିନ ହେଲା ନିୟନ୍ତ୍ରଣ ଉଠାଇ ନିଆଯାଇଛି ସତ; କିନ୍ତୁ ଏବେ ନିକଟରେ ଯେପରି ଘଟିଗଲା ଯେ କୌଣସି ସମୟରେ ସେ ଭଳି ଘଟି ଚାହିଦା ଅନୁସାରେ କିରାସିନ ଯୋଗାଣ ପରିମାଣ କମ ହୋଇଗଲେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଦିଗରେ ବ୍ୟବସ୍ଥା ଗ୍ରହଣ କରାଯାଉଛି। ମୋଟ ଉପରେ କିରାସିନ ଯୋଗାଣ ଅବସ୍ଥା ବର୍ତ୍ତମାନ ସନ୍ତୋଷଜନକ ରହିଛି।

## ଗୁଣ୍ଡଦୁଧ

୧୯୫୬ ମସିହାଠାରୁ ମଧ୍ୟ ରାଜ୍ୟ ମଧ୍ୟରେ ଗୁଣ୍ଡଦୁଧ ଆମଦାନୀ ଓ ବଣ୍ଟନ କାର୍ଯ୍ୟର ବ୍ୟବସ୍ଥା କରିବା ପାଇଁ ଆମ ଉପରେ ଦାୟିତ୍ୱ ପଡ଼ିଛି । ଏହି ଗୁଣ୍ଡଦୁଧକୁ ସ୍କୁଲ ପିଲା, ବୃଦ୍ଧ ଓ ଅକ୍ଷମ ବ୍ୟକ୍ତିମାନଙ୍କୁ ଦିଆଯାଇଥାଏ । ସହରମାନଙ୍କରେ ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକ ମଧ୍ୟ ଏହାକୁ କାରବାର କରନ୍ତି । କାରଣ ଭାରତର ଅନ୍ୟାନ୍ୟ ଅଞ୍ଚଳ ଭଳି ଓଡ଼ିଶାରେ ଖୁବ୍ କମ୍ ଦୁଧ ମିଳିଥାଏ ।

୧୯୫୬ ଏପ୍ରିଲ ମାସରେ "ଷ୍ଟେଟ୍ ଟ୍ରେଡ଼ିଙ୍ଗ୍ କର୍ପୋରେସନ" ଆମ ପାଇଁ ୨୨୦୦ ଟେଣ୍ଟି ଗୁଣ୍ଡଦୁଧର ବ୍ୟବସ୍ଥା କରିଥିଲେ । ମାତ୍ର ପ୍ରାୟ ୪ ମାସ ପରେ ଏହି ଜିନିଷଗୁଡ଼ିକ ଆମକୁ ଦିଆଯାଇଥିଲା । ସମାନ ଭାବରେ ବଣ୍ଟନ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ମୋଟା ପଦ୍ଧତି ଅନୁଯାୟୀ ଗୁଣ୍ଡଦୁଧ ଆମଦାନୀ ଓ ବଣ୍ଟନ କରିବାପାଇଁ ରାଜ୍ୟରେ ୧୮ ଜଣ ଖୁଚୁରା ବିକ୍ରେତାଙ୍କୁ ନିଯୁକ୍ତ କରାଯାଇଛି । ଆହୁରି ବ୍ୟାପକଭାବେ ଏହି ବଣ୍ଟବଟା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାପାଇଁ ଅଧିକ ଖୁଚୁରା ବ୍ୟବସାୟୀଙ୍କୁ ନିଯୁକ୍ତ କରିବା ଲାଗି ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ କ୍ଷମତା ଦିଆଯାଇଛି । ଏହି ଖୁଚୁରା ବ୍ୟବସାୟୀମାନେ ଆଞ୍ଚଳିକ ମୋଟା ବିକ୍ରେତାଙ୍କଠାରୁ ମାଲ ଆଣି ପାରିବେ ।

ଚଳିତ ବର୍ଷ ମଧ୍ୟରେ ୭୦୦ ଟନ୍ ଗୁଣ୍ଡଦୁଧ ପାଇଁ ଆମେ ଷ୍ଟେଟ୍ ଟ୍ରେଡ଼ିଙ୍ଗ୍ କର୍ପୋରେସନଙ୍କୁ ବରାଦ ଦେଇଛୁ । ମାଲ ଆସିଗଲେ ବଣ୍ଟନ କରିବାପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯିବ ।

## ଖାରସୋଡ଼ା

କଣ୍ଟ୍ରୋଲ ଉଠିଯିବା ପରେ ଲୁଗାପଟା ବଣ୍ଟନ କରିବା ଦାୟିତ୍ୱରୁ ଆମେ ମୁକ୍ତ ହେଲୁ । ମାତ୍ର ବର୍ତ୍ତମାନ ବଜାରରେ ଖାରସୋଡ଼ାର ଅଭାବ ପଡ଼ୁଥିବାରୁ ଲୁଗାପଟା ସଫା କରିବାପାଇଁ କଞ୍ଚାମାଲ ଯୋଗାଇବାର ଦାୟିତ୍ୱ ଆମ ଉପରେ ପଡ଼ିଲା । ଏହାଦ୍ୱାରା ଯେ ଲୁଗା ସଫା କରିବା ଦାମ୍ ଖାଲି ବଢ଼ିଯାଇଛି ତା ନୁହେଁ ଏହି ସଫାଲୁଗା ସବୁ ଫେରାଇବାରେ ଧୋବାମାନେ ଅନେକ ସମୟରେ ହଇରାଣ କଲେ । ସେଥିପାଇଁ ଆମେ ରାଜ୍ୟ ମଧ୍ୟରେ ଖାରସୋଡ଼ା ବଣ୍ଟନ କରିବା ନିମନ୍ତେ ବ୍ୟବସ୍ଥା କଲୁଁ । ଖାରସୋଡ଼ା ପାଇବା ସଙ୍ଗେ ସଙ୍ଗେ ଅଭାବ ପଡ଼ିଥିବା ଅଞ୍ଚଳର ଆବଶ୍ୟକତା ମେଣ୍ଟାଇବା ପାଇଁ ଏହାକୁ ଅବିଳମ୍ବେ ପଠାଯିବାର ବ୍ୟବସ୍ଥା କରାଗଲା । କଷ୍ଟିକ୍‌ସୋଡ଼ା ପାଇଁ ମଧ୍ୟ ଏହି ବ୍ୟବସ୍ଥା କରାଯାଇଥିଲା ।

## ଓ୍ୱାଚ୍ ଏଣ୍ଡ ଓ୍ୱାର୍ଡ଼

ବର୍ତ୍ତମାନ ଏହି ସବୁ ଅତ୍ୟାବଶ୍ୟକୀୟ ପଦାର୍ଥ ଗାଁଗହଳିକୁ ଯେଉଁ ପ୍ରଣାଳୀରେ ବ୍ୟାପକଭାବେ ଯୋଗାଇ ଦିଆଯାଉଛି, ସେଥିରେ କଡ଼ା ଦୃଷ୍ଟି ଓ ଯାଞ୍ଚ ଆଦି ଅନେକ କାର୍ଯ୍ୟ ମଧ୍ୟ ସଙ୍ଗେ ସଙ୍ଗେ କରିବା ଦରକାର ପଡ଼ୁଛି । ଜିନିଷଗୁଡ଼ିକର ଯେପରି ସଦୁପଯୋଗ ହୁଏ, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବାକୁ ପଡ଼ିବ ଏବଂ ପ୍ରତ୍ୟେକ କ୍ଷେତ୍ରରେ କିପରି ସାଧୁତା ଅବଲମ୍ବନ କରାଯିବ ସେଥିପ୍ରତି ମଧ୍ୟ ସଜାଗ ଦୃଷ୍ଟି ରଖିବା ଆବଶ୍ୟକ । ଏହି କାର୍ଯ୍ୟ ପ୍ରଧାନତଃ ଦୁର୍ନୀତି ନିବାରଣ ଓ ଚୋରା ଚାଲାଣ ନିରୋଧ ବିଭାଗର ଜରିଆରେ ହୋଇଥାଏ ।

ଚୋରା କାରବାର ପ୍ରଧାନତଃ ଉପାନ୍ତ ଜିଲ୍ଲାମାନଙ୍କରେ ପରିଲକ୍ଷିତ ହୁଏ । ସଂଲଗ୍ନ ରାଜ୍ୟମାନଙ୍କରେ ଖାଦ୍ୟଶସ୍ୟର ଦାମ୍ ଅଧିକ ଥିବାରୁ ଏପରି ଘଟଣା ଘଟେ । ଏହି ପରିସ୍ଥିତିକୁ ସମ୍ପୂର୍ଣ୍ଣ ଭାବରେ ନିୟନ୍ତ୍ରଣ କରିବା, ରାଜ୍ୟସରକାରଙ୍କ କ୍ଷମତା ବହିର୍ଭୂତ କାର୍ଯ୍ୟ । ସେଥିପାଇଁ ଚୋରା କାରବାର ବନ୍ଦ କରିବା ନିମନ୍ତେ

ବ୍ୟାପକ ପ୍ରଚେଷ୍ଟା ଦରକାର । ଏହା ହେଲେ ମଧ୍ୟ ସମସ୍ୟାର ବାସ୍ତବ ଦୃଷ୍ଟିକୋଣ ଓ ଉପାନ୍ତ ଅଞ୍ଚଳର ଭୌଗୋଳିକ ଅବସ୍ଥିତି ଯୋଗୁଁ ଅନେକ ସମୟରେ ଏହି କାର୍ଯ୍ୟ ତୁଲାଇବା କଷ୍ଟକର ହୋଇ ପଡେ ।

କଣ୍ଟ୍ରୋଲ୍ କିମ୍ବା ସେହି ସମ୍ପର୍କୀୟ ଆବଶ୍ୟକତା ପଡ଼ିଲେ ସାଧାରଣତଃ ନିମ୍ନଲିଖିତ ଉପାୟମାନ ଅବଲମ୍ବନ କରାଯାଇଥାଏ :—

ସୁବିଧାଜନକ ସ୍ଥାନମାନଙ୍କରେ ଚେକ୍ ଗେଟ୍ ସ୍ଥାପନ କରିବା ।

ବହୁଳ ଉପାନ୍ତ ଅଞ୍ଚଳରୁ ବ୍ୟାପକ ଭାବରେ ବଳକା ଖାଦ୍ୟଶସ୍ୟ ସଂଗ୍ରହ କରି ରାଜ୍ୟ ମଧ୍ୟକୁ ପଠାଇ ଦେବା ।

ବଳକା ଅଞ୍ଚଳରୁ ଅଥବା ଉପାନ୍ତ ଅଞ୍ଚଳକୁ ଖାଦ୍ୟଶସ୍ୟ ପଠା ଯାଉଥିଲେ ଆବଶ୍ୟକ ସ୍ଥଳରେ ସ୍ଥାୟୀ କଟକଣା ଜାରି କରିବା ।

ସ୍ଥାପିତ ହୋଇଥିବା ଚେକ୍ ଗେଟ୍‌ଗୁଡ଼ିକ ଯେପରି ଯଥାଯଥ କାର୍ଯ୍ୟ ତୁଲାନ୍ତି ସେଥିପ୍ରତି ଦୃଷ୍ଟି ଦେବା ।

ଚୋରା କାରବାର ରୋକିବା ପାଇଁ ନିଯୁକ୍ତ କର୍ମଚାରୀମାନଙ୍କର କାର୍ଯ୍ୟକୁ ଆଞ୍ଚଳିକ ଯୋଗାଣ ବିଭାଗର କର୍ମଚାରୀମାନେ ଗାଁରୁ ପର୍ଯ୍ୟନ୍ତ ଯାଞ୍ଚ କରିଥାଆନ୍ତି । ସଶସ୍ତ୍ର ପୁଲିସ୍‌ବାହିନୀ ମଧ୍ୟ ଅସ୍ଥାୟୀଭାବେ ଉପାନ୍ତଅଞ୍ଚଳ ସେର୍ଚ୍ଚ କରି ଯାଞ୍ଚ କରନ୍ତି । ଏହାଛଡ଼ା ସମସ୍ତ ସମୟରେ ସଶସ୍ତ୍ର ପୁଲିସ୍‌ବାହିନୀ ସହିତ ମଟରଗାଡ଼ିରେ ବା ପାଦରେ ବୁଲୁଥିବା ପହରାଦାରମାନେ ମିଶି ଏ କାର୍ଯ୍ୟ ତୁଲାଇବାରେ ସାହାଯ୍ୟ କରିଥାନ୍ତି । ଅନେକ ସମୟରେ ଘଟଣା କ୍ଷେତ୍ରରେ ଧରାଯାଇଥିବା କେସ୍‌କୁ ଫଇସଲ କରିବାପାଇଁ ମାଜିଷ୍ଟ୍ରେଟ୍‌ମାନେ ଏହି ଧରଣର ସଶସ୍ତ୍ର ବାହିନୀଙ୍କ ସଙ୍ଗରେ ଯାଇଥାଆନ୍ତି । ଯେଉଁ ଅଞ୍ଚଳରେ ସବୁଠାରୁ ବେଶୀ ଚୋରା କାରବାର ହୁଏ ଓ ଏହା କରୁଥିବା ଚୋରା କାରବାରୀମାନେ ଯେଉଁଠାରେ ଏ କାର୍ଯ୍ୟରେ ଲିପ୍ତ ଥାଆନ୍ତି ସେଠାରେ ଅଟକ ଆଇନର ଆଶ୍ରୟ ନିଆଯାଇପାରେ । ଏହି ଅସାମାଜିକ କାର୍ଯ୍ୟ ବିରୁଦ୍ଧରେ ଏକତା ରକ୍ଷା କରି କିପରି ସରକାରୀ କର୍ମଚାରୀ ଓ ଜନ-ସାଧାରଣ କାର୍ଯ୍ୟ କରିବେ ସେ ଦିଗରେ ସେମାନଙ୍କୁ ଉତ୍ସାହ ଦେବାପାଇଁ ଏକ ବ୍ୟବସ୍ଥା କରାଯାଇଛି । ଏ କ୍ଷେତ୍ରରେ ସେହି ବାଜ୍ୟାପ୍ତ ମାଲର ମୋଟ ମୂଲ୍ୟର ଶତକଡ଼ା ୨୫ ଭାଗ ସମ୍ପୃକ୍ତ ଜନସାଧାରଣଙ୍କୁ ଦିଆଯାଏ । ଏହାଦ୍ୱାରା ଖୁବ୍ ଭଲ ଫଳ ମିଳୁଛି ।

ପ୍ରତ୍ୟେକ ଅବସ୍ଥାର ଆବଶ୍ୟକତା ଅନୁଯାୟୀ ବର୍ଷକୁ ବର୍ଷ ଆମର ଚେକ୍‌ଗେଟ୍ ଗୁଡ଼ିକର ସଂଖ୍ୟାରେ ପାର୍ଥକ୍ୟ ଦେଖାଯାଉଛି । ୧୯୬୭-୬୮ ମସିହାରେ ୪୭ଟି ଚେକ୍ ଗେଟ୍ ଥିଲା ।

କାର୍ଯ୍ୟ କ୍ଷେତ୍ରରେ କଣ୍ଟ୍ରୋଲ୍ ଆଦେଶ କିପରି କଡ଼ା ଭାବରେ ପାଳିତହେବ ସେଥିପ୍ରତି ବିଭାଗୀୟ ଦୁର୍ନୀତି ନିବାରଣ କର୍ମଚାରୀମାନେ ଦୃଷ୍ଟିଦିଅନ୍ତି । ଏକାର୍ଯ୍ୟ ମୁଖ୍ୟତଃ ଜିଲ୍ଲା ସ୍ତରର କର୍ମଚାରୀମାନଙ୍କର ଦାୟିତ୍ୱ । ମାତ୍ର ଥରକୁ ଥର ଯାଞ୍ଚ କରି ସୁବ୍ୟବସ୍ଥିତରୂପେ କାର୍ଯ୍ୟ ତୁଲାଇବାପାଇଁ ସରକାରୀ ପାହ୍ୟାରେ ଗୋଟିଏ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ ଶାଖା କାର୍ଯ୍ୟକରୁଛି । ଏହି ଶାଖାର କର୍ମଚାରୀମାନେ ମାଲ ଚଲାଚଳ ଉପରେ ସର୍ବଦା ଦୃଷ୍ଟିରଖି ଏହାର ପରିଣାମ ସମ୍ପର୍କରେ ସରକାରଙ୍କୁ ପ୍ରତ୍ୟକ୍ଷ ଭାବରେ ରିପୋର୍ଟ କରନ୍ତି । ଏହାଦ୍ୱାରା ସହସା ଓ ଜରୁରୀ ପ୍ରତିକାର କରିବାରେ ବିଳମ୍ବ ଘଟେନାହିଁ । ସଦର ମହକୁମାରେ ଅନେକ କର୍ମଚାରୀଙ୍କୁ ନେଇ ଜଣେ ସିଭିଲ ସପ୍ଲାଇ ଅଫିସର ଏହି କାର୍ଯ୍ୟ ତୁଲାଇବା ଦାୟିତ୍ୱରେ ଅଛନ୍ତି ।

## ଉଲ୍ଲେଖ ଯୋଗ୍ୟ କାର୍ଯ୍ୟ

ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କରଦାତାଙ୍କ ସମସ୍ତ ତତ୍ତ୍ୱ ନେବା ମ୍ୟୁନିସିପାଲିଟିର କାର୍ଯ୍ୟ ବୋଲି ଗୋଟିଏ

କଥା ଅଛି । ସେହିପରି ବୃହାପାଲପାରେ ଯେ ଯୋଗାଣ ବିଭାଗର କାର୍ଯ୍ୟକଳାପ ସକାଳୁ ସନ୍ଧ୍ୟା ଯାଏ ଏପରିକି ତା ପରେ ମଧ୍ୟ ନାଗରିକମାନଙ୍କର ଜୀବନ-ଯାତ୍ରା ଉପରେ ପ୍ରଭାବ ପକାଇଥାଏ ଓ ପରିଚାଳିତ କରିଥାଏ । ନାଗରିକର ସ୍ୱଚ୍ଛନ୍ଦ ଜୀବନଯାତ୍ରା ଯେପରି ବିପର୍ଯ୍ୟସ୍ତ ନ ହେବ ଏବଂ ଛଦ୍ମବେଶରେ ଥିବା କେତେଜଣଙ୍କ ଲୋଭ ଯେପରି ଖାଉଟି ଓ ଉତ୍ପାଦନ-କାରୀଙ୍କୁ ଗ୍ରାସ ନ କରିବ ସେଥିପାଇଁ ବିଭାଗୀୟ ସଂସ୍ଥାଗୁଡ଼ିକ ବରାବର କଠିନ ପରିଶ୍ରମ କରନ୍ତି । ଗତ ଦଶ ବର୍ଷ ଧରି ଓଡ଼ିଶାର ଓ ଓଡ଼ିଶା ବାହାରର ନାଗରିକମାନେ ଯେପରି ବିନା ଶ୍ରମରେ ଓ ସ୍ୱଚ୍ଛଳରେ ଖାଦ୍ୟ ବସ୍ତ୍ର ଏବଂ କହିବାକୁ ଗଲେ ବାସ ଓ ଆଲୋକ ପାଇ ପାରିବେ ସେଥିପାଇଁ ନୀରବରେ ଅତ୍ୟାବଶ୍ୟକ କାର୍ଯ୍ୟ କରିବାର ଏହା ଏକ କାହାଣୀ ।

ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ( ଲୋକସଂପର୍କ ) ବିଭାଗର ଅଭିନବ ଇଂରାଜୀ ପ୍ରକାଶନ

VISIT ORISSA

ପ୍ରତିବର୍ଷ ଓଡ଼ିଶାର କୀର୍ତ୍ତି-ସମ୍ଭାର, ଶିଳ୍ପ-ସମୃଦ୍ଧ ଓ ପ୍ରାକୃତିକ ଦୃଶ୍ୟ-ବୈଭବ ଦେଖିବାକୁ ଯେଉଁ ପର୍ଯ୍ୟଟକମାନେ ସହସ୍ର ସହସ୍ର ସଂଖ୍ୟାରେ ଆସୁଛନ୍ତି, ସେମାନଙ୍କ ହାତରେ ଏ ବହିର ଖଣ୍ଡେ ଖଣ୍ଡେ ରହିଲେ ସେମାନେ ଓଡ଼ିଶା ବିଷୟରେ ଯାବତୀୟ ପ୍ରୟୋଜନୀୟ ତଥ୍ୟ ଏଥିରୁ ଅବଗତ ହେବେ ଓ ଏଥିରେ ସନ୍ନିବିଷ୍ଟ ତାଲିକାରୁ ଦର୍ଶନୀୟ ସ୍ଥାନ ଓ ସାମଗ୍ରୀମାନଙ୍କ ବିଷୟରେ ସମ୍ୟକ୍ ଧାରଣା କରିପାରିବେ । ଓଡ଼ିଶାରେ ମଧ୍ୟ ସାଧାରଣ ପାଠକପାଠିକାଙ୍କ ଜ୍ଞାନବର୍ଦ୍ଧନ ଓ ମନୋରଞ୍ଜନ ନିମନ୍ତେ ଏଥିରେ ଅନ୍ୟତ୍ର-ଅପ୍ରାପ୍ୟ ବହୁତ ବିଷୟ ରହିଅଛି ।

ମୂଲ୍ୟ—ପ୍ରତିଖଣ୍ଡ ଟ୫୯ ମାତ୍ର ( ରେଜିଷ୍ଟ୍ରି ଡାକରେ ନେଲେ ମାସୁଲ ଅଧିକା ପଡ଼ିବ )

ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ—

( ୧ ) ସ୍ୱରାଷ୍ଟ୍ର ( ଲୋକସମ୍ପର୍କ ) ବିଭାଗ ଅଫିସ

ପୋ: ଅ: ନୟାପଲ୍ଲୀ ଭୁବନେଶ୍ୱର

( ପୁରୀ ), ଓଡ଼ିଶା

( ୨ ) ଆପଣଙ୍କ ଜିଲ୍ଲାର ଲୋକସମ୍ପର୍କ ଅଫିସ

# ଓଡ଼ିଶାରେ ମାଛ ଚାଷର ଉନ୍ନତି

ମାଛ ଓଡ଼ିଶା ଲୋକଙ୍କର ଏକ ପରିପୂରକ ଖାଦ୍ୟ ହୋଇଥିବା ଯୋଗୁଁ ଦ୍ୱିତୀୟ ଯୋଜନାରେ ମାଛଚାଷର ବୃଦ୍ଧି ପ୍ରସାର ନିମନ୍ତେ ଅଧିକ ଜୋର ଦିଆଯାଇଥିଲା । ଏଥିପାଇଁ ଯେଉଁସବୁ ପରିକଳ୍ପନାଗୁଡ଼ିକ ହାତକୁ ନିଆଯାଇଛି ସେଗୁଡ଼ିକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଅନୁଯାୟୀ ଆଗେଇ ଚାଲିଛି ।

ପ୍ରଥମତଃ ଗ୍ରାମପଞ୍ଚାୟତମାନଙ୍କୁ ଓ ଅନ୍ୟାନ୍ୟ ମାଛ ଚାଷୀଙ୍କୁ ୫୦ ଲକ୍ଷ ମାଛ ଜାଆଁଳ ଯୋଗାଇବା ଉଦ୍ଦେଶ୍ୟରେ ଯୋଜନାକାଳର ଚତୁର୍ଥ ବର୍ଷ ମଧ୍ୟରେ ୧୨୦ ଏକର ପରିମିତ ଜାଆଁଳ—ପୋଖରୀର ପଙ୍କୋଦ୍ଧାର କରି ସେଥିରେ ୪୦ଟି ମାଛ ବର୍ଦ୍ଧନ କେନ୍ଦ୍ର ସ୍ଥାପନ କରିବା ନିମନ୍ତେ ପ୍ରସ୍ତାବ କରାଯାଇଛି । ଏ ପର୍ଯ୍ୟନ୍ତ ସେଥିରୁ ୩୬ ଗୋଟି କେନ୍ଦ୍ର ସ୍ଥାପନ କରାଯାଇଛି ଓ ଯୋଜନାର ଲକ୍ଷ୍ୟ ହାସଲ କରିବାପାଇଁ ଅବଶିଷ୍ଟ କେନ୍ଦ୍ରଗୁଡ଼ିକ ଚଳିତ ବର୍ଷ ଶେଷସୁଦ୍ଧା ସ୍ଥାପନ କରାଯିବ ବୋଲି ଆଶା କରାଯାଉଛି । ୧୯୫୭-୫୮ ମସିହାରେ ୫ ଲକ୍ଷ ମାଛ ଜାଆଁଳ ବଣ୍ଟନ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ୭ ଲକ୍ଷ ମାଛ ଜାଆଁଳ ବଣ୍ଟନ କରାଯାଇଛି; ୧୯୫୮-୫୯ ମସିହାରେ ୧୦ ଲକ୍ଷ ମାଛ ଜାଆଁଳ ବଣ୍ଟନ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ୨୨ ଲକ୍ଷ ମାଛ ଜାଆଁଳ ଓ ୧୯୫୯-୬୦ ମସିହାରେ ୧୫ ଲକ୍ଷ ମାଛ ଜାଆଁଳ ବଣ୍ଟନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ଆନୁମାନିକ ୩୨ ଲକ୍ଷ ମାଛ ଜାଆଁଳ ବଣ୍ଟନ କରାଯାଇଛି । ବିଶେଷ ଉନ୍ନତ ପ୍ରଣାଳୀରେ ମାଛ ଚାଷ କରାଯିବା ଯୋଗୁଁ ମୂଳ ଲକ୍ଷ୍ୟ ଅପେକ୍ଷା ଅଧିକ ପରିମାଣରେ ଜାଆଁଳ ବଣ୍ଟା ଯାଇପାରିଛି ।

## ଗ୍ରାମ୍ୟ ପୁଷ୍କରିଣୀର ପଙ୍କୋଦ୍ଧାର

ମାଛ ଚାଷୀମାନଙ୍କୁ ଓ ଗ୍ରାମପଞ୍ଚାୟତମାନଙ୍କୁ ପୁଷ୍କରିଣୀରୁ ପଙ୍କୋଦ୍ଧାର ଓ ବଢ଼ିକିଆ ବିଷୟରେ ସାହାଯ୍ୟ କରିବାପାଇଁ ଯୋଜନାକାଳ ମଧ୍ୟରେ ୮ଟି ଗ୍ରାମ୍ୟ ପୁଷ୍କରିଣୀ ପଙ୍କୋଦ୍ଧାର କେନ୍ଦ୍ର ସ୍ଥାପନ କରିବା ପାଇଁ ପ୍ରଥମେ ପ୍ରସ୍ତାବ କରାଯାଇଥିଲା । ଏହି କେନ୍ଦ୍ର ଜରିଆରେ ମାଛ ଚାଷୀମାନଙ୍କୁ ଓ ଗ୍ରାମପଞ୍ଚାୟତମାନଙ୍କୁ ପଙ୍କ କାଢ଼ିବାପାଇଁ ଯନ୍ତ୍ରପାତି, ପାଣି ଶୁଖାଇବା ପାଇଁ ପମ୍ପ ଓ ମାଛ ମାରିବାପାଇଁ ଜାଲ ଯୋଗାଇ ଦେବା ବ୍ୟବସ୍ଥା ହୋଇଛି । ପ୍ରତ୍ୟେକ ଜିଲ୍ଲାରେ ଏଭଳି କେନ୍ଦ୍ର ରଖିବାର ଆବଶ୍ୟକତା ଅନୁଭବ କରାଯାଉଛି । ବ୍ଲକ ଓ ଗ୍ରାମପଞ୍ଚାୟତମାନଙ୍କରେ ମାଛ ଚାଷ କାର୍ଯ୍ୟର ପ୍ରସାର ହେବା ଯୋଗୁଁ ବ୍ଲକଗୁଡ଼ିକୁ ମାଛ ଚାଷର ଉନ୍ନତି ପାଇଁ ବୈଷୟିକ ସାହାଯ୍ୟ ଯୋଗାଇ ଦେବା ଉଦ୍ଦେଶ୍ୟରେ ଚଳିତବର୍ଷଠାରୁ ସମଗ୍ର ରାଜ୍ୟରେ ୧୦ଟି ନିୟମିତ ଅନୁଷ୍ଠାନ ସ୍ଥାପନ କରାଯାଉଛି ।

## ପ୍ରଦର୍ଶନ ମୂଳକ ମାଛ ଫାର୍ମ ସ୍ଥାପନ

ମାଛ ଚାଷ କରିବାର ଉନ୍ନତ ଲୋକମାନଙ୍କୁ ଶିକ୍ଷା ଦେବା ଓ ଗ୍ରାମପଞ୍ଚାୟତର ଶିକ୍ଷାର୍ଥୀମାନଙ୍କୁ ମାଛ ଚାଷ ବିଷୟରେ ନିର୍ଦ୍ଦିଷ୍ଟ ତାଲିମ ଦେବା ଏହି ପରିକଳ୍ପନାର ମୁଖ୍ୟ ଉଦ୍ଦେଶ୍ୟ । ଏହି ତାଲିମ ପାଇଁ ଛଅ ମାସିଆ ପାଠ୍ୟକ୍ରମ ରଖାଯାଇଛି । ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ମାସିକ ଟ ୩୦, ବୃତ୍ତି ଦିଆଯାଏ । ପ୍ରତ୍ୟେକ ବର୍ଷର ଜାଆଁଳ ଚାହିଦା ବୃଦ୍ଧି ପାଉଥିବାରୁ ଏହି ପରିକଳ୍ପନା ଦ୍ୱାର ସର୍ବସାଧାରଣଙ୍କ ମଧ୍ୟରେ ମାଛଚାଷ ବିଷୟରେ ଆଗ୍ରହ ବୃଦ୍ଧି ପାଉଥିବା ଜଣାଯାଉଛି । ଗତବର୍ଷ ୮୫ ଲକ୍ଷ ଜାଆଁଳ ବଣ୍ଟନ କରାଯାଇଥିବା ସ୍ଥଳେ ଏ ବର୍ଷ ୧ କୋଟି ୪୫ ଲକ୍ଷ ଜାଆଁଳ ବଣ୍ଟାଯାଇଛି । ଏହି ସଙ୍ଗେ ସଙ୍ଗେ ପି. ଜି. ଇଞ୍ଜେକସନ୍ ଦେଇ ଖାଣ୍ଟି ରୁଇ ଜାଆଁଳ ଯୋଗାଇ ଦେବା ନିମନ୍ତେ ଗବେଷଣ ଚାଲିଛି । ଅନ୍ୟ ବ୍ଲକମାନଙ୍କରେ ମଝିଲା କରମ ଜାଆଁଳ ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ଏ ବର୍ଷ ରାଜ୍ୟର ବିଭିନ୍ନ ଶ୍ରେଣୀ

ଲୋକ ତଥା ଅନ୍ୟାନ୍ୟ ରାଜ୍ୟ ସରକାରଙ୍କର ଏହି କିସମର ଜାଆଁଳର ବିଶେଷ ଚାହିଦା ବଢ଼ିଯାଇଛି । ପଞ୍ଚମ ଫାର୍ମଟି ୧୯୬୦-୬୧ ମସିହାରେ ସ୍ଥାପିତ ହେବ । ଆସନ୍ତା ବର୍ଷ ୫୦ ଜଣ ଶିକ୍ଷାର୍ଥୀଙ୍କୁ ତାଲିମ ଦିଆଯିବ ।

## ପରିକଳ୍ପନା ଅନୁଯାୟୀ ଗବେଷଣା, ସର୍ଭେ ଓ ପ୍ରଦର୍ଶନମୂଳକ କାର୍ଯ୍ୟ

ପ୍ରଦର୍ଶନ ମୂଳକ ସମୁଦ୍ରମାଛ ଫାର୍ମ ସ୍ଥାପନ:—

ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ବିସ୍ତୀର୍ଣ୍ଣ ଖାଁଟ ଜମି ରହିଛି । ସେହି ଖାଁଟ ଜମିଗୁଡ଼ିକରେ ଇଣ୍ଡୋନେସିଆ ଓ ଅନ୍ୟାନ୍ୟ ରାଜ୍ୟ ଭଳି ଲୁଣି ପାଣିରେ ବଢ଼ୁଥିବା ମାଛ ଚାଷ କରାଯାଇପାରେ । ମାତ୍ର କିପରି ବଢ଼ୁଛନ୍ତି ଓ କେତେ ପରିମାଣରେ ଆଦାୟ କରାଯାଇପାରେ ତାକୁ ଜାଣିବାପାଇଁ ପରୀକ୍ଷାମୂଳକଭାବେ ଦୁଇ ଗୋଟି ସମୁଦ୍ର ମାଛ ଫାର୍ମ ସ୍ଥାପନର ଲକ୍ଷ୍ୟ ମୂଳ ପ୍ରସ୍ତାବରେ ରଖାଯାଇଥିଲା । ପରିକଳ୍ପନାରେ ଆଉ ଅନ୍ୟ କୌଣସି ଲକ୍ଷ୍ୟ ନ ଥିଲା । କଟକ ଜିଲ୍ଲାର କେ. ମଣ୍ଡେଲ କୁଜଙ୍ଗଠାରେ ଓ ଗଞ୍ଜାମ ଜିଲ୍ଲାର ସୋନାପୁରଠାରେ ଦୁଇଟି ଫାର୍ମ ସ୍ଥାପନା କରାଯାଇଛି ।

ଦୁଇଟି ଫାର୍ମରେ ବିଭିନ୍ନ କିସମର ସମୁଦ୍ର ମାଛ ଜାଆଁଳ ସଂଗ୍ରହ କରାଯାଇ ମହଜୁଦ୍ ରଖାଯାଇଛି । କେ ମଣ୍ଡେଲସ୍ଥ ପ୍ରଥମ ଫାର୍ମଟି ଉତ୍ସାହଜନକ ଫଳ ଦେଖାଇ ପାରିଛି । ବର୍ଷକ ମଧ୍ୟରେ ୧୫୦୦ ପାଉଣ୍ଡ ଉତ୍ପାଦନ ହୋଇଛି । ଅଧିକତର ପର୍ଯ୍ୟବେକ୍ଷଣ ଓ ଉନ୍ନତ କୌଶଳ ପ୍ରୟୋଗ ଦ୍ୱାରା ଭଲ ଉତ୍ପାଦନ ହେବ ବୋଲି ଆଶା କରାଯାଉଛି ।

## ହୀରାକୁଦ ଜଳଭଣ୍ଡାରରେ ପରୀକ୍ଷାମୂଳକ ଭାବେ ଚାଲିଥିବା ବିଦ୍ୟୁତ୍-ଚାଳିତ ନୌକାଯୋଗେ ମାଛଧରା

ହୀରାକୁଦ ଜଳଭଣ୍ଡାରରେ ମାଛ ବଢ଼ାଇ ଓ ବିଦ୍ୟୁତ୍ ଚାଳିତ ନୌକାଦ୍ୱାରା ମାଛ ଧରିବାପାଇଁ ସେଠାରେ ପରୀକ୍ଷାମୂଳକ ଭାବେ ଗୋଟିଏ ମାଛ ଧରା କେନ୍ଦ୍ର ସ୍ଥାପନ କରିବାପାଇଁ ପ୍ରସ୍ତାବ କରାଯାଇଛି । ମାଛ ଧରାର ବିଭିନ୍ନ ପ୍ରଣାଳୀକୁ ଧାରାବାହିକ ରୂପେ ପରୀକ୍ଷା କରାଯାଉଛି ଓ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଗଭୀର ସମୁଦ୍ର ଜଳରେ ମାଛଧରିବାବେଳେ ତାହାର ଫଳାଫଳ ପ୍ରତି ଲକ୍ଷ୍ୟ ରଖାଯାଉଛି । ସଫଳତା ହାସଲ କରିଥିବା ପ୍ରଣାଳୀକୁ ଅବଲମ୍ବନ କରିବାପାଇଁ ମତ୍ସ୍ୟଜୀବୀମାନଙ୍କୁ ଶିକ୍ଷା ଦିଆଯିବ । ୧୯୫୮-୫୯ ମସିହାରେ ୯୩ ଥର ପରୀକ୍ଷା କରାଯାଇଛି ଓ ୬୮୪୮ ପାଉଣ୍ଡ ଓଜନର ମାଛ ଧରାଯାଇଛି । ଏହିବର୍ଷ ୮୦୬୦ ପାଉଣ୍ଡ ଓଜନର ମାଛ ବିକ୍ରୟ କରାଯାଇଛି ।

ସମୁଦ୍ର ଉପକୂଳ ଅଞ୍ଚଳରେ ବିଦ୍ୟୁତ୍-ଚାଳିତ ନୌକା ସାହାଯ୍ୟରେ ମାଛ ଧରା ସମ୍ପର୍କରେ ପରୀକ୍ଷା—

ଓଡ଼ିଶାରେ ନଦୀମୁହାଣରୁ କୌଣସି ବିଦ୍ୟୁତ୍-ଚାଳିତ ନୌକା ସାହାଯ୍ୟରେ ସମୁଦ୍ରର ମଧ୍ୟ ଭାଗକୁ ଯାଇ ମାଛ ମାରିବାପାଇଁ ଏ ପର୍ଯ୍ୟନ୍ତ ଚେଷ୍ଟା କରାଯାଇ ନାହିଁ । ଯୋଜନାକାଳରେ ସମୁଦ୍ରର ମଧ୍ୟ ଭାଗରୁ ବିଦ୍ୟୁତ୍ ଚାଳିତ ନୌକା ସାହାଯ୍ୟରେ ମାଛ ଧରିବା ଉଦ୍ଦେଶ୍ୟରେ ଓ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କୁ ସେମାନେ ବ୍ୟବହାର କରୁଥିବା ପୁରୁଣା ଉପକରଣ ବଦଳରେ ବିଭିନ୍ନ ପ୍ରଣାଳୀରେ ତିଆରି ହୋଇଥିବା ଉନ୍ନତ ଧରଣର ଦାଣ୍ଡିଆ ଓ ଅନ୍ୟାନ୍ୟ ଉପକରଣ ଯୋଗାଇ ଦେବାପାଇଁ ପରୀକ୍ଷାମୂଳକ ଭାବେ ଗୋଟିଏ ବିଦ୍ୟୁତ୍-ଚାଳିତ ନୌକା ସାହାଯ୍ୟରେ ମାଛ ମାରିବା ଅନୁଷ୍ଠାନ ସ୍ଥାପନ କରାଯାଇଛି । ୧୯୫୭-୫୮ ମସିହାରେ ମାନ୍ଦ୍ରାଜରୁ ଖାଦ୍ୟ ଓ କୃଷି ଅନୁଷ୍ଠାନରୁ ତାଲିମ ପାଇଥିବା ବିଭାଗୀୟ କର୍ମଚାରୀ ସାହାଯ୍ୟରେ ପରୀକ୍ଷାମୂଳକ ଭାବେ ବିଦ୍ୟୁତ୍-ଚାଳିତ ନୌକା ସାହାଯ୍ୟରେ ମାଛ ମାରିବା କାର୍ଯ୍ୟ ଆରମ୍ଭ କରାଯାଇଛି । ଏ ପ୍ରଣାଳୀରେ ୧୬,୦୦୦ ପାଉଣ୍ଡ ମାଛ ମରାଯାଇଛି ।

୧୯୬୮-୬୯ ମସିହାରେ ନରୱେଗୀୟ କର୍ମସୂଚୀ ଖାଦ୍ୟ ଓ କୃଷି ଅନୁଷ୍ଠାନର ଜଣେ ବିଶାରଦ ଓ ମତ୍ସ୍ୟକ୍ଷେତ୍ର ସମ୍ପର୍କୀୟ ଇଞ୍ଜିନିୟରଙ୍କ ସାହାଯ୍ୟରେ ମାଛ ଧରିବା ପାଇଁ ବିଶେଷ ଚେଷ୍ଟା କରାଯାଇଛି ଓ ଉତ୍ସାହଜନକ ସଫଳତା ମଧ୍ୟ ହାସଲ କରାଯାଇଛି । ଏହାର ଫଳରେ ୫୦,୦୦୦ ଟଙ୍କାର ବିଭିନ୍ନ ପ୍ରକାର ଭଲ ମାଛ ଓ ମଗରମାଛ ମରା ହୋଇଛି । ଏହିବର୍ଷ ମଧ୍ୟରେ ନରୱେଗୀୟ ମାଛମରା ନୌକା ସମେତ ଆଉ ଦୁଇଟି ନୌକା ପ୍ରକଳ୍ପକୁ ସାହାଯ୍ୟ ମିଳିବ । ଭଲ ଧରଣର ବହୁତ ପରିମାଣର ମାଛ ମାରିବା ଜାଲ ପ୍ରତି ବିଶେଷ ଦୃଷ୍ଟି ଦେବାପାଇଁ ଆଉ ଜଣେ ମତ୍ସ୍ୟକ୍ଷେତ୍ର ସମ୍ପର୍କୀୟ ଇଞ୍ଜିନିୟର ଯୋଗାଇ ଦିଆଯିବ । ବନ୍ଦରର ଅସୁବିଧା ହେତୁ ବର୍ଷ ତମାମ ପରୀକ୍ଷାମୂଳକଭାବେ ମାଛ ଧରିବା ସମ୍ଭବପର ହୋଇ ପାରୁନାହିଁ । ଏହି ପରିକଳ୍ପନାଟି ବିଶେଷରୂପେ ଫଳ ଦାୟକ ଓ ଏହା ୧୯୭୦-୭୧ ମସିହାରେ ମଧ୍ୟ ଚାଲୁ ରହିବ ।

## ନଦୀ ମୁହାଣରେ ବିଦ୍ୟୁତ୍-ଚାଳିତ ନୌକା ସାହାଯ୍ୟରେ ମାଛ ଧରା

ଓଡ଼ିଶାର ବିଭିନ୍ନ ନଦୀମୁହାଣ ମାନଙ୍କରେ ଯଥେଷ୍ଟ ପରିମାଣରେ ମାଛ ଧରା ହୋଇପାରେ ନାହିଁ । ଯୋଜନା କାଳ ମଧ୍ୟରେ ଉନ୍ନତ ଓ ସର୍ବୋତ୍କୃଷ୍ଟ ଧରଣର ଦାନ୍ତିଆ ସାହାଯ୍ୟରେ ଓ ସ୍ୱଳ୍ପ ଖର୍ଚ୍ଚରେ ପରୀକ୍ଷାମୂଳକ ଭାବେ ବିଦ୍ୟୁତ୍-ଚାଳିତ ନୌକାରେ ମାଛ ମାରିବା ପାଇଁ ଗୋଟିଏ ମାଛମରା ଅନୁଷ୍ଠାନ ସ୍ଥାପନ କରିବାପାଇଁ ପ୍ରସ୍ତାବ କରାଯାଇଛି । ମୁଖ୍ୟତଃ ମହାନଦୀ ଓ ଧାମରାନଦୀ ମୁହାଣରେ ବିଦ୍ୟୁତ୍-ଚାଳିତ ନୌକାରେ ଉନ୍ନତ ଧରଣର ନାଇଲନ ଜାଲ ସାହାଯ୍ୟରେ ମାଛ ମାରିବା ପ୍ରଣାଳୀକୁ ପରୀକ୍ଷା କରାଯାଉଛି ।

## ମଧୁର ଜଳ ମାଛ ସମ୍ପର୍କରେ ପ୍ରୟୋଗ ମୂଳକ ଗବେଷଣା

ଯୋଜନା କାର୍ଯ୍ୟକ୍ରମ ଅନୁଯାୟୀ ୧୯୬୬-୬୭ ମସିହାରେ କୌଶଲ୍ୟାଗଙ୍ଗଠାରେ ଗୋଟିଏ ଜୀବାଣୁତତ୍ତ୍ୱ ଗବେଷଣାଗାର ସ୍ଥାପନ କରାଯାଇଛି । ଉନ୍ନତ ଧରଣର କୌଶଳ ଅବଲମ୍ବନ ଫଳରେ ପ୍ରତ୍ୟେକ ଏକର ପିଛା ଗୁଣ୍ଡି ଜାଆଁଳର ହାରାହାରି ଉତ୍ପତ୍ତି ପରିମାଣ ବିଶେଷ ଭାବେ ବୃଦ୍ଧି ପାଇଛି । ବଡ଼ ଜାଆଁଳ ପାଇଁ ପୁଷ୍ଟିକର ଫ୍ରାଇ ପ୍ଲାଙ୍କଟନ୍ ଖାଦ୍ୟ ଉପରେ ପରୀକ୍ଷା ଚାଲିଛି ଏହା ସମେତ ପିଚ୍ୟୁଟରି ଗ୍ଲାଣ୍ଡ ହାରମୋନ ଇଞ୍ଜେକସନ ଦ୍ୱାରା କୃତ୍ରିମ ପ୍ରଜନନ ପ୍ରଣାଳୀରେ ଜାଆଁଳ ଉତ୍ପାଦନ କାର୍ଯ୍ୟ ସଫଳ ହୋଇଛି ଓ ଏହାର ଉପରେ ପରୀକ୍ଷା ଚାଲିଛି ।

## କାରିଗରି ବିଦ୍ୟା ସମ୍ପର୍କରେ ପ୍ରୟୋଗ ମୂଳକ ଗବେଷଣା

ମାଛ ଉପଜାତ ଦ୍ରବ୍ୟଗୁଡ଼ିକର ଉପଯୋଗ ଉଦ୍ଦେଶ୍ୟରେ ଓ ମାଛକୁ ଦୀର୍ଘକାଳ ଯାଏ ମହଜୁଦ ରଖି ଦେଶ ମଧ୍ୟରେ ଦୂରସ୍ଥାନକୁ କମ୍ବା ବୈଦେଶିକ ମୁଦ୍ରା ଲାଭ ପାଇ ବିଦେଶକୁ ରପ୍ତାନି କରିବା ଉଦ୍ଦେଶ୍ୟରେ ମାଛକୁ ଉନ୍ନତ ଧରଣରେ ସାଗେଇବା ଏହି କଳ୍ପନାର ମୁଖ୍ୟ ଉଦ୍ଦେଶ୍ୟ । ଅଗରଅଗର ହାଇଡ୍ରୋଲାଇଜଡ୍ ପ୍ରୋଟିନ୍ ଉତ୍ପାଦନ କରିବା ଓ ଟିଣରେ ରଖି ଓ ବରଫଦେଇ ମ.ଛକୁ ସାଗେଇବା ଏହି ପରିକଳ୍ପନାର ଲକ୍ଷ୍ୟ ।

## ବିଭିନ୍ନ ସାହଯ୍ୟ କାର୍ଯ୍ୟକ୍ରମ ଅନୁସାରେ ମିଳିଥିବା ଉପକରଣଗୁଡ଼ିକର ଉପଯୋଗ

ଏହି ଯୋଜନା ଅନୁଯାୟୀ ନଦୀ ମୁହାଣର ମତ୍ସ୍ୟ-ଜୀବୀମାନଙ୍କୁ ବିଶେଷ ସୁବିଧା ଦିଆଯାଇଛି । ଶୀତଳ ଭଣ୍ଡାର ଯୋଗାଇ ଦିଆଯାଇଛି ଓ ଦୂର ସ୍ଥାନକୁ ଶୀଘ୍ର ମାଛ ଯାଆଁଳ ବଣ୍ଟି କରିବା ଉଦ୍ଦେଶ୍ୟରେ ପରିବହନ ସୁବିଧାର ବ୍ୟବସ୍ଥା କରାଯାଇଛି ।




ଡାବୁଗାଁଠାରେ ଶ୍ରମିକ ଜୀବନବୀମା ଯୋଜନା ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ



ହସ୍ତତନ୍ତ୍ର ସପ୍ତାହ ପାଳନ ଉପଲକ୍ଷେ ଗତ ୭-୨-୬୦ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ପ୍ରଦର୍ଶନୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ ସମ୍ବଲପୁରୀ ଲୁଗାର ମଣ୍ଡପ ଦେଖୁଅଛନ୍ତି

ତା ୧୭ । ୨ । ୭୦ରେ ଓଡ଼ିଶା ବିଧାନସଭାର

## ୧୯୭୦-୭୧ ମସିହାର

## ବଜେଟ୍ ଅଧିବେଶନ ଉଦ୍‌ଘାଟନ କରି

ରାଜ୍ୟପାଳ

# ଶ୍ରୀ ଯଶୋବନ୍ତ ନାରାୟଣ ସୁଖ୍‌ଠଣ୍‌କରଙ୍କ

# ଅଭିଭାଷଣ



**ବ୍ୟବସ୍ଥା ସଭାର ଅଧ୍ୟକ୍ଷ ଓ ସଭ୍ୟବୃନ୍ଦ !**

ଏହି ବ୍ୟବସ୍ଥା ସଭାର ପଞ୍ଚମ ଅଧିବେଶନର ପ୍ରାରମ୍ଭରେ ମୁଁ ଆପଣମାନଙ୍କୁ ସମ୍ବର୍ଦ୍ଧନାଜ୍ଞାପନ କରିବାର ସୁଯୋଗ ପାଇ ବିଶେଷ ଆନନ୍ଦ ଅନୁଭବ କରୁଛି । ଆଗରୁ ଆଉ ଦୁଇଥର ଆପଣମାନଙ୍କୁ ଏହିପରି ଅବକାଶରେ ଭେଟିବାର ସୁଯୋଗ ପାଇଛି—ଏହା ମୋ ପକ୍ଷରେ କେବଳ ଯେ ଆନନ୍ଦଦାୟକ ତାହା ନୁହେଁ ; ବିଶେଷ ଗୌରବର କଥା ବୋଲି ମୁଁ ମନେ କରୁଛି ।

ପ୍ରଥମେ ଆସାମର ରାଜ୍ୟପାଳ ଶ୍ରୀ ସୟଦ୍ ଫଜଲ ଅଲି ଓ ଭୂତପୂର୍ବ ଶିଳ୍ପମନ୍ତ୍ରୀ ଏବଂ ଏହି ଗୃହର ଅନ୍ୟତମ ସଦସ୍ୟ ରାଜାବାହାଦୁର ଦଶପଲ୍ଲାଙ୍କ ଦୁଃଖଦାୟକ ବିୟୋଗରେ ମୋ ସହିତ ଯୋଗ ଦେଇ ଶୋକ ପ୍ରକାଶ କରିବାନିମନ୍ତେ ମୁଁ ଆପଣମାନଙ୍କୁ ଆହ୍ୱାନ କରୁଛି । ଶ୍ରୀ ସୟଦ୍ ଫଜଲ ଅଲି ଏ ରାଜ୍ୟର ରାଜ୍ୟପାଳଭାବରେ ଏ ଗୃହ ସହିତ ସଂପୃକ୍ତ ଥିଲେ ଏବଂ ସେ ଜଣେ ବିଶିଷ୍ଟ ଆଇନଜ୍ଞ ଓ ଶାସନକର୍ତ୍ତା ଭାବରେ ସୁଖ୍ୟାତି ଅର୍ଜ୍ଜନ କରିଥିଲେ । ଶ୍ରୀ ଦେଓଭଞ୍ଜ ଶିଳ୍ପମନ୍ତ୍ରୀଭାବରେ ରାଉରକେଲା ଲୁହା-କାରଖାନା ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭାଗ ନେଇଥିଲେ ଏବଂ ଘଟଣାକ୍ରମେ ଉକ୍ତ ଅଞ୍ଚଳରେ ଏବେ କି ଭଳି ଶିଳ୍ପବିକାଶ ଘଟିଛି, ତାହା ନିଜେ ଦେଖି ଆସିବା ଉଦ୍ଦେଶ୍ୟରେ ରାଉରକେଲା ଯାଇଥିବା ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଲା । ସ୍ୱର୍ଗତଃ ଆତ୍ମା ଶାନ୍ତି ଲଭ କରୁ ।

## ମିଳିତ ମନ୍ତ୍ରୀମଣ୍ଡଳ ଗଠନଦ୍ୱାରା ଦୃଢ଼ଶାସନ ପ୍ରତିଷ୍ଠା ଓ ଯୋଜନାର ଅଗ୍ରଗତି

ମୋ ସରକାର ଚଳିତ ବର୍ଷ ଯେଉଁ ଲକ୍ଷ୍ୟ ହାସଲ କରିଛନ୍ତି ଏବଂ ଆସନ୍ତା ବର୍ଷପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହା ପର୍ଯ୍ୟାଲୋଚନା କରିବା ପୂର୍ବରୁ ଆଲୋଚ୍ୟ ବର୍ଷ ଭିତରେ ଘଟିଯାଇଥିବା କେତେକ ବିଶେଷ ଘଟଣା ମୁଁ ଉଲ୍ଲେଖ କରିବି । ଚୀନ ପକ୍ଷରୁ ଭାରତ ସୀମାନ୍ତ ଉପରେ ନିକଟରେ ଯେଉଁ ଆକ୍ରମଣ ହୋଇଛି, ତାହା ଉଲ୍ଲେଖ କରିବା ଆବଶ୍ୟକ ବୋଲି ମୁଁ ମନେ କରୁଛି । ଗତ ବର୍ଷର ଅଭିଭାଷଣରେ ପରସ୍ପର ବୁଝାମଣା ଓ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗନିମନ୍ତେ ମୁଁ ଆପଣମାନଙ୍କୁ ନିବେଦନ କରିଥିଲି, କାରଣ ରାଜ୍ୟରେ ଏକ ଦୃଢ଼ ଓ ନିଶ୍ଚିତ ଅବସ୍ଥା ଆଣିବା ସକାଶେ ଏହା ନିତାନ୍ତ ଆବଶ୍ୟକ ଥିଲା । ମୋ ପକ୍ଷରେ ଏହା ଗଭୀର ସନ୍ତୋଷର କଥା ଯେ ଏହି ଗୃହର ଦୁଇଟି ଯାକର ପ୍ରଧାନଦଳର ନେତା ରାଜ୍ୟରେ ଐକ୍ୟ ସ୍ଥାପନ ଓ ଦୃଢ଼ଶାସନ ପ୍ରତିଷ୍ଠା ସକାଶେ ଯଥାର୍ଥ ରାଜନୈତିକ ବିଚକ୍ଷଣତା ଓ ଦୂରଦର୍ଶିତା ପ୍ରଦର୍ଶନ କଲେ । ଗୃହର ସଭ୍ୟମାନେ ଅବଗତ ଅଛନ୍ତି ଯେ ଗତ ୧୯୫୯ ମେ ମାସରେ ମୁଁ କଂଗ୍ରେସ ଓ ଗଣତନ୍ତ୍ର ପରିଷଦ ଉଭୟଦଳର ସଭ୍ୟମାନଙ୍କୁ ନେଇ ମୋ ମନ୍ତ୍ରୀମଣ୍ଡଳ ଗଠନ କରିଛି ।

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଚତୁର୍ଥ ବର୍ଷ ଶେଷ ହେବା ଉପରେ ଏବଂ ଆସନ୍ତା ବର୍ଷଟି ଦ୍ୱିତୀୟ ଯୋଜନାର ଶେଷବର୍ଷ । ଏହିସବୁ ଯୋଜନା ଆମ ଜାତୀୟ କାର୍ଯ୍ୟକ୍ରମର ସର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ବୈଶିଷ୍ଟ୍ୟପୂର୍ଣ୍ଣ ବିଭାଗ ଅଟେ । ତେଣୁ ଦ୍ୱିତୀୟ ଯୋଜନାର ଚାରି ବର୍ଷ ଭିତରେ ଆମେ ଯେଉଁ ଲକ୍ଷ୍ୟ ହାସଲ କରିଛୁ, ତାର ଏକ ମୋଟାମୋଟି ଚିତ୍ର ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ଯଥାର୍ଥ ହେବ । ଯୋଜନାର ଚାରିବର୍ଷ ଭିତରେ ମୋଟରେ ୭୯·୮୫ କୋଟି ପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ ହୋଇଛି । ଆସନ୍ତା ଆର୍ଥିକ ବର୍ଷପାଇଁ ଯୋଜନା କମିଶନଙ୍କ ମଞ୍ଜୁରୀ ପାଇଥିବା ମୋଟ ୨୧·୯୭ କୋଟି ଟଙ୍କା ସମେତ ପାଞ୍ଚବର୍ଷପାଇଁ ପ୍ରଥମେ ଅଟକଳ କରାଯାଇଥିବା ୯୯·୯୯ କୋଟି ଟଙ୍କା ପରିବର୍ତ୍ତେ ୯୧·୩୨ କୋଟି ଟଙ୍କା ଖର୍ଚ୍ଚ ହେବ । ଏଥିମଧ୍ୟରୁ ଯୋଜନାପାଇଁ ରାଜ୍ୟ ସରକାରଙ୍କ ଅଂଶ ମୋଟରେ ୨୫·୩୨ କୋଟି ଟଙ୍କା ହେବ ଏବଂ ଅବଶିଷ୍ଟ ୬୬ କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ଅଂଶ । ଏହା ଅବଶ୍ୟ ଉଲ୍ଲେଖ ଯୋଗ୍ୟ । ଆସନ୍ତା ଆର୍ଥିକ ବର୍ଷପାଇଁ ଅଟକଳ କରାଯାଇଥିବା ୨୧·୯୭ କୋଟି ଟଙ୍କା ଭିତରୁ ଭାରତ ସରକାର ମୋଟରେ ଋଣ ଓ ଗ୍ରାଣ୍ଟ ଆକାରରେ ୧୪ କୋଟି ଟଙ୍କା ଦେବେ । ଅବଶିଷ୍ଟ ୭·୯୭ କୋଟି ଟଙ୍କା ଆମ ରାଜ୍ୟର ସମ୍ବଳରୁ ଯୋଗାଇବାକୁ ହେବ । ମୋ ସରକାରଙ୍କ ଏ ସମ୍ପର୍କୀୟ ବିସ୍ତୃତ ବିବରଣୀ ଅର୍ଥମନ୍ତ୍ରୀ ନିକଟରେ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବେ ଏବଂ ମୋର ବିଶ୍ୱାସ ଯେ ଗୃହ ସେହି ପ୍ରସ୍ତାବଗୁଡ଼ିକପ୍ରତି ପୂର୍ଣ୍ଣ ସମର୍ଥନ ଜଣାଇବେ ।

ମୋ ସରକାରଙ୍କ ବର୍ତ୍ତମାନ ବିବେଚନାଧୀନଥିବା ସର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଭିତରେ ଓଡ଼ିଶାପାଇଁ ତୃତୀୟ ଯୋଜନାର ରୂପରେଖ ପ୍ରସ୍ତୁତ କରିବା ଅନ୍ୟତମ । ରାଜ୍ୟପାଇଁ ଯେଉଁ ତୃତୀୟ ଯୋଜନା ପ୍ରସ୍ତୁତ ହେଉଛି, ତା'ର ଆକାର ଦ୍ୱିତୀୟ ଯୋଜନାର ଆକାରଠାରୁ ଯଥେଷ୍ଟ ବୃହତ୍ ହେବ । ଯୋଜନାର ମୋଟ ଆକାର ଏବଂ ସରକାରଙ୍କ ବିଭିନ୍ନ ପରିକଳ୍ପନାଗୁଡ଼ିକର ଅଗ୍ରାଧିକାରକ୍ରମ ଏପର୍ଯ୍ୟନ୍ତ କେନ୍ଦ୍ର, ରାଜ୍ୟ-ସରକାର ଏବଂ ଯୋଜନା କମିଶନଙ୍କ ବିବେଚନାଧୀନ ଅଛି । ମୋ ସରକାର ରାଜ୍ୟ ଯୋଜନାର ରୂପରେଖ ନିର୍ଦ୍ଧାରଣ କଲାବେଳେ

ରାଜ୍ୟର ଜନସାଧାରଣଙ୍କ ଜୀବନ ଧାରଣମାନର ଉନ୍ନତି ଉଦ୍ଦେଶ୍ୟରେ ଓ ସର୍ବାଙ୍ଗୀନ ବିକାଶ ନିମନ୍ତେ, ବିଶେଷତଃ କୃଷି ଉତ୍ପାଦନ ଓ ଶିଳ୍ପବିକାଶପ୍ରତି ଦୃଷ୍ଟି ରଖିବେ । ଗତଥର ପରି ଏଥର ମଧ୍ୟ ତୃତୀୟ ଯୋଜନାର ଢାଞ୍ଚା ପ୍ରସ୍ତୁତ ହୋଇଯିବା ମାତ୍ରେ ସେ ସମ୍ପର୍କରେ ସଭାର ମତାମତ ନେବାନିମନ୍ତେ ଏହା ଏହି ସଭାରେ ଉପସ୍ଥାପିତ କରାଯିବ ।

## ବୈଷୟିକ କର୍ମଚାରୀଙ୍କ ତାଲିମ ବ୍ୟବସ୍ଥା

ସମ୍ବଳ ଛଡ଼ା ପଞ୍ଚବାର୍ଷିକ ଯୋଜନାର ପ୍ରଥମ କେତେ ବର୍ଷ ମୁଖ୍ୟତଃ ବୈଷୟିକ କର୍ମଚାରୀ ବିଶେଷତଃ ଡାକ୍ତର ଓ ଇଞ୍ଜିନିୟରଙ୍କ ବିଭାଗୀୟ କର୍ମଚାରୀ ଏବଂ ଆଂଶିକଭାବରେ କୃଷି ଓ ପଶୁଚିକିତ୍ସା ବିଭାଗୀୟ କର୍ମଚାରୀଙ୍କ ଅଭାବହିଁ ପ୍ରଧାନ ଅନ୍ତରାୟ ସୃଷ୍ଟି କରିଥିଲା । ମୋ ସରକାର ବୈଷୟିକ କର୍ମଚାରୀ ବିଶେଷତଃ ଡାକ୍ତର, ଇଞ୍ଜିନିୟର, କୃଷିବିଶେଷଜ୍ଞ ଓ ପଶୁଚିକିତ୍ସକଙ୍କ ଅଭାବ ପୂରଣ କରିବା ଏବଂ ଅତିରିକ୍ତ କର୍ମଚାରୀ ତାଲିମ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟି ଦେଇଛନ୍ତି । ଏ ଦିଗରେ ନିର୍ଦ୍ଦିଷ୍ଟଭାବରେ କେଉଁଥିପାଇଁ କେତେ କର୍ମଚାରୀ ଆବଶ୍ୟକ, ତାହା ନିର୍ଦ୍ଧାରଣ କରିବାନିମନ୍ତେ ଯେଉଁ ହିସାବ ସଂଗ୍ରହ କରାଯାଇଥିଲା, ତହିଁରୁ ଜଣାପଡ଼ିଥିଲା ଯେ ଦ୍ୱିତୀୟ ଯୋଜନାର ଶେଷ ସୁଦ୍ଧା ୨୦୦ ଡାକ୍ତରଙ୍କ ଅଭାବ ପଡ଼ିବ । ତୃତୀୟ ଯୋଜନାକାଳରେ ଅଧିକ ଆକାରର କାର୍ଯ୍ୟକ୍ରମନିମନ୍ତେ ଏହି ଅଭାବର ପରିମାଣ ଅଧିକ ବୃଦ୍ଧି ପାଇବ । ଏହି ଅଭାବ ଯେତେଦୂର ସମ୍ଭବ ପୂରଣ କରିବାନିମନ୍ତେ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଏକ ଶାଖା ବୁର୍ଲାଠାରେ ସ୍ଥାପନ କରାଯାଇ ଏଥିରେ ଭର୍ତ୍ତି ହେଉଥିବା ଛାତ୍ରଙ୍କସଂଖ୍ୟା ୧୯୫୯-୬୦ଠାରୁ ଅଧିକା ୫୦ ବଢ଼ାଇ ଦିଆଯାଇଛି । ତାଛଡ଼ା ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ୧୯୫୯-୬୦ରେ ଦୁଇ ଦଳରେ ପଢ଼ିବାର ସୁବିଧା କରାଯାଇ ଆଉ ଅଧିକା ୬୦ ଜଣ ଛାତ୍ରଙ୍କୁ ଭର୍ତ୍ତି କରାଯାଇପାରିଛି । ଏହି ବ୍ୟବସ୍ଥାର ଫଳ ତୃତୀୟ ଯୋଜନାରେ ଯାଇଁ ଜଣାପଡ଼ିବ । ଏହି ବ୍ୟବସ୍ଥା ସତ୍ତ୍ୱେ ତୃତୀୟ ଯୋଜନାରେ ଯେଉଁ ଭଳି ପରିକଳ୍ପନାମାନ କରାଯାଉଛି, ତାହାକୁ ଯଦି କାର୍ଯ୍ୟକାରୀ କରାଯାଏ, ତାହାହେଲେ ତୃତୀୟ ଯୋଜନା ଶେଷ ସୁଦ୍ଧା ଆହୁରି ୩୦୦ ଡାକ୍ତରଙ୍କ ଅଭାବ ପଡ଼ିବ । ତୃତୀୟ ଯୋଜନାକାଳ ଭିତରେ ତୃତୀୟ ମେଡ଼ିକାଲ କଲେଜ ସ୍ଥାପନ କରିବା ପ୍ରସ୍ତାବ ସରକାରଙ୍କର ସକ୍ରିୟ ବିଚାରାଧୀନ ଅଛି । ଏହା ଛଡ଼ା ଦ୍ୱିତୀୟ ଯୋଜନାର ଶେଷଭାଗରେ ପ୍ରାୟ ୬୨ ଜଣ ଇଞ୍ଜିନିୟରଙ୍କ ଅଭାବ ପଡ଼ିବ ଏବଂ ତୃତୀୟ ଯୋଜନା ପାଇଁ ଯେଉଁ ଅଧିକା ଇଞ୍ଜିନିୟର ଆବଶ୍ୟକ ହେବେ ତା ଫଳରେ ଅଭାବ ପଡ଼ୁଥିବା ଇଞ୍ଜିନିୟରଙ୍କ ସଂଖ୍ୟା ଆହୁରି ଅଧିକ ବୃଦ୍ଧି ପାଇବ । ଆଞ୍ଚଳିକ ଭିତ୍ତିରେ ଓଡ଼ିଶାରେ ଗୋଟିଏ ମେଡ଼ିକାଲ କଲେଜ ଏବଂ ଗୋଟିଏ ଇଞ୍ଜିନିୟରିଙ୍ଗ କଲେଜ ସ୍ଥାପନନିମନ୍ତେ ମୋ ସରକାର ଭାରତ ସରକାରଙ୍କ ସଙ୍ଗେ ଆଲୋଚନା ଚଳାଇଛନ୍ତି । ଉତ୍କଳ କୃଷି ମହାବିଦ୍ୟାଳୟ ଓ ଓଡ଼ିଶା ପଶୁଚିକିତ୍ସା ଓ ପଶୁପାଳନ କଲେଜରେ ଭର୍ତ୍ତି ହେଉଥିବା ଛାତ୍ରଙ୍କସଂଖ୍ୟା ଯଥାକ୍ରମେ ୬୫ ଓ ୮୦ରୁ ୧୨୮ ଏବଂ ୧୨୦କୁ ବୃଦ୍ଧି କରାଯାଇଛି ଏବଂ ଏହି କଲେଜରୁ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ ତଦ୍ୱାରା ଏ କ୍ଷେତ୍ରରେ ଆବଶ୍ୟକ ହେଉଥିବା କର୍ମଚାରୀଙ୍କ ଅଭାବ ପ୍ରାୟ ପୂରଣ ହୋଇଯିବ, କାରଣ ତୃତୀୟ ଯୋଜନାକାଳଭିତରେ ଏହି କଲେଜମାନଙ୍କରେ ଭର୍ତ୍ତି ହେଉଥିବା ଛାତ୍ରଙ୍କ ସଂଖ୍ୟା ଦରକାର ପଡ଼ିଲେ ଅଧିକ ବୃଦ୍ଧି କରାଯିବ । ଗତ ୧୯୫୯ ଅକ୍ଟୋବର ପହିଲାଠାରୁ ଝାରସୁଗୁଡ଼ା ଇଞ୍ଜିନିୟରିଙ୍ଗ ସ୍କୁଲ ସରକାରଙ୍କ ହାତକୁ ଯିବାପରେ ବର୍ତ୍ତମାନ ସରକାରଙ୍କ ପ୍ରତ୍ୟକ୍ଷ ପରିଚାଳନାଧୀନରେ କଟକ, ବ୍ରହ୍ମପୁର ଓ ଝାରସୁଗୁଡ଼ା ଇଞ୍ଜିନିୟରିଙ୍ଗ ସ୍କୁଲମାନ ରହିଛି । ଏଥିମଧ୍ୟରୁ ପ୍ରତ୍ୟେକ ଅନୁଷ୍ଠାନରେ ବାର୍ଷିକ ୧୮୦ ଜଣ ଛାତ୍ର ଭର୍ତ୍ତି ହେଉଛନ୍ତି

ଏବଂ ଆସନ୍ତା ବର୍ଷ ମଧ୍ୟ ସେତିକି ସଂଖ୍ୟାରେ ଛାତ୍ର ଭର୍ତ୍ତି ହେବେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସାହାଯ୍ୟରେ ବେସରକାରୀ ଭାବରେ ପରିଚାଳିତ ହେଉଥିବା ଭଦ୍ରକ ଇଞ୍ଜିନିୟରିଙ୍ଗ ସ୍କୁଲ ସନ୍ତୋଷଜନକଭାବରେ ଅଗ୍ରଗତି କରୁଛି । ଚଳିତ ବର୍ଷ ଏହି ସ୍କୁଲର ଛାତ୍ରସଂଖ୍ୟା ୮୦ରୁ ୧୨୦କୁ ବଢ଼ାଇ ଦିଆଯାଇଛି । ଏହି ଅନୁଷ୍ଠାନରେ ଭର୍ତ୍ତି ହେଉଥିବା ଛାତ୍ରସଂଖ୍ୟା ଆସନ୍ତା ବର୍ଷଠାରୁ ୧୮୦କୁ ବୃଦ୍ଧି କରାଯିବ ବୋଲି ପ୍ରସ୍ତାବ ରହିଛି । ଆସନ୍ତା ବର୍ଷଠାରୁ ଆଉ ଗୋଟିଏ ଇଞ୍ଜିନିୟରିଙ୍ଗ ସ୍କୁଲ କେନ୍ଦ୍ରାପଡ଼ାଠାରେ ସ୍ଥାପନ କରାଯିବ । ଚଳିତ ବର୍ଷ ଏହି ଅନୁଷ୍ଠାନପାଇଁ ପ୍ରାଥମିକ ବ୍ୟବସ୍ଥାମାନ କରାଯାଉଛି । ୧୯୬୧-୬୨ରେ ବଲାଙ୍ଗୀରଠାରେ ଆଉ ଗୋଟିଏ ଇଂଜିନିୟରିଙ୍ଗ ସ୍କୁଲ ସ୍ଥାପନ କରିବାପାଇଁ ମଧ୍ୟ ପ୍ରସ୍ତାବ ରହିଛି ।

## ମିଳିତ ଖାଦ୍ୟାଞ୍ଚଳ ଗଠନ

୫ । ସମଗ୍ର ଚଳିତ ବର୍ଷ ଖାଦ୍ୟ ପରିସ୍ଥିତି ସନ୍ତୋଷଜନକ ରହିଛି । କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ମୋ ସରକାର ୧୯୫୮-୫୯ ରେ ରାଜ୍ୟରେ ଷ୍ଟେଟ ଟ୍ରେଡିଙ୍ଗ ବା ସରକାରଙ୍କ ପ୍ରତ୍ୟକ୍ଷ ପରିଚାଳନାଧୀନରେ ଖାଦ୍ୟଶସ୍ୟ କାରବାର ଚଳେଇଥିଲେ । ଏହି ବ୍ୟବସ୍ଥା ଅନୁସାରେ ରାଜ୍ୟରୁ ଖାଦ୍ୟଶସ୍ୟ ରପ୍ତାନି ବନ୍ଦ କରି ଦିଆଗଲା । ରାଜ୍ୟଭିତରେ ଥିବା ବଳକା ଧାନଚାଉଳ ସରକାର କିଣିନେଲେ । ଏହି ବଳକା ଖାଦ୍ୟଶସ୍ୟ ଭାରତ ସରକାରଙ୍କୁ ଦେଇଦିଆଗଲା । ସାଧାରଣଭାବରେ ଏହି ଯୋଜନାର ଏହାହିଁ ଫଳ ହେଲା ଯେ ରାଜ୍ୟର ସ୍ଥାନୀୟ ଧାନଚାଉଳର ଦର କମ୍ ହୋଇରହିଲା । ଏଥିରେ ଖାଉଟିମାନେ ବିଶେଷ ସନ୍ତୋଷଲାଭ କରିଥିଲେ; ମାତ୍ର ଉତ୍ପାଦନକାରୀମାନେ ଅସନ୍ତୁଷ୍ଟ ହୋଇଥିଲେ, କାରଣ ଅନ୍ୟ ପଡ଼ୋଶୀ ରାଜ୍ୟମାନଙ୍କରେ ଉତ୍ପାଦନକାରୀ ଧାନଚାଉଳପାଇଁ ଯେଉଁ ଦାମ୍ ପାଉଥିଲେ ତା ତୁଳନାରେ ଏଠାରେ ଉତ୍ପାଦନକାରୀମାନେ କମ୍ ପାଇଲେ । ଓଡ଼ିଶା ବାହାରେ ଭିନ୍ନ ପ୍ରକାର ପରିସ୍ଥିତି ଯୋଗୁ ଓଡ଼ିଶା ବଜାରରେ ତଥା ପଡ଼ୋଶୀ ରାଜ୍ୟରେ ଧାନ ଓ ଚାଉଳର ଦରରେ ସ୍ପଷ୍ଟତର ପାର୍ଥକ୍ୟ ଦେଖାଦେଲା । ଏହା ଫଳରେ ଓଡ଼ିଶାର ଉତ୍ପାଦନକାରୀମାନେ ଅତ୍ୟନ୍ତ କ୍ଷତିଗ୍ରସ୍ତ ହେଲେ । ଏହି ଅବସ୍ଥାର ସମ୍ମୁଖୀନ ହେବାପାଇଁ ଏକ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି—ଏହାଦ୍ୱାରା ଓଡ଼ିଶାର ସମସ୍ତ ବଳକା ଧାନଚାଉଳ ଅବାଧ ବାଣିଜ୍ୟ ମଣ୍ଡଳରେ ପଶ୍ଚିମ ବଙ୍ଗଳାକୁ ବିକ୍ରି କରିଦିଆଯିବ । ବସ୍ତୁତଃ ଦେଖାଯାଉଛି ଯେ ଏହା ଫଳରେ ଉତ୍ପାଦନକାରୀମାନେ ଅଧିକା ଦାମ୍ ପାଇପାରିବେ ଓ ଦୁଇ ରାଜ୍ୟଭିତରେ ଧାନଚାଉଳ ଅବାଧରେ ଯିବାଆସିବା କରିବ ଏବଂ ଷ୍ଟେଟ୍ ଟ୍ରେଡ଼ିଙ୍ଗ୍ ଫଳରେ ଦରଦାମ୍‌ର ପାର୍ଥକ୍ୟନେଇ ଯେଉଁ ଅସୁବିଧା ଉପୁଜିଥିଲା, ତାହା ଦୂର ହୋଇଯିବ । ଭାରତ ସରକାରଙ୍କଦ୍ୱାରା ଜାରିକରାଯାଇଥିବା ଚାଉଳ (ପୂର୍ବାଞ୍ଚଳ) ଚଳାଚଳ ନିୟନ୍ତ୍ରଣ ଆଦେଶ, ୧୯୫୯ ଅନୁସାରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି; ମାତ୍ର ଅନ୍ୟ ରାଜ୍ୟକୁ ଧାନଚାଉଳ ରପ୍ତାନିପାଇଁ ଯେଉଁ କଟକଣା ରହିଥିଲା, ତାହା ପୂର୍ବ ପରି ରହିବ । ସମଗ୍ର ରାଜ୍ୟରେ ଖାଉଟିମାନଙ୍କୁ ନ୍ୟାୟସଂଗତ ମୂଲ୍ୟରେ ଯଥେଷ୍ଟ ପରିମାଣ ଧାନଚାଉଳ ଯୋଗାଇଦେବାନିମନ୍ତେ ଏବଂ ଓଡ଼ିଶାରୁ ପଶ୍ଚିମ ବଙ୍ଗଳାକୁ ଯେପରି ଅତ୍ୟଧିକ ପରିମାଣରେ ଧାନଚାଉଳ ଚାଲି ନ ଯିବ, ସେଥିପାଇଁ ନିୟନ୍ତ୍ରଣ ବ୍ୟବସ୍ଥା କରିବାନିମନ୍ତେ ରାଜ୍ୟ ସରକାରଙ୍କୁ କେନ୍ଦ୍ରସରକାର କ୍ଷମତା ଦେଇଛନ୍ତି; ଏହି କ୍ଷମତା ବଳରେ ଓଡ଼ିଶା ସରକାର "ଓଡ଼ିଶା ଖାଦ୍ୟଶସ୍ୟ ବ୍ୟବସାୟୀ ଲାଇସେନ୍ସିଙ୍ଗ ଅର୍ଡ଼ର, ୧୯୫୯" ଜାରି କରିଛନ୍ତି । ଏଥିରେ ନିର୍ଦ୍ଦେଶ ଦିଆଯାଇଛି ଯେ କୌଣସି ବ୍ୟବସାୟୀ କୌଣସି ଦିନ ୫୦ ମହଣରୁ ଅଧିକ କିଣିବାକୁ ବା ବିକିବାକୁ ଚାହିଁଲେ ତାକୁ କଲେକ୍ଟରଙ୍କଠାରୁ

ଲାଇସେନ୍ସ ନେବାକୁ ପଡ଼ିବ, ଲାଇସେନ୍ସଧାରୀମାନଙ୍କୁ ମଧ୍ୟ କୁହାଯାଇଛି ଯେ ସେମାନେ ଯେଉଁ ଧାନଚାଉଳ କିଣିବେ ବା ବିକ୍ରି କରିବେ ବା ନିଜ ପାଖରେ ମହଜୁଦ୍ ରଖିବେ ତାର ଏକ ବିବରଣୀ ସରକାରଙ୍କ ନିକଟରେ ଦାଖଲ କରିବେ । ମୋ ସରକାର ଓଡ଼ିଶା ଖାଦ୍ୟଶସ୍ୟ ସଂଗ୍ରହ (ଲେଭି) ଆଦେଶ, ୧୯୫୯ ମଧ୍ୟ ଜାରି କରିଛନ୍ତି । ଏହାଫଳରେ ଆଦେଶ ଜାରି ହେଲାବେଳେ ବା ତା' ପରବର୍ତ୍ତୀ ସମୟରେ ସମସ୍ତ ବ୍ୟବସାୟୀ ଓ ଚାଉଳ ମିଲ୍‌ମାଲିକଙ୍କ ନିକଟରେ ଯେଉଁ ଚାଉଳ ବା ଧାନ ମହଜୁଦ୍ ରହିଥିବ ସେମାନଙ୍କୁ ତାର ଶତକଡ଼ା ୨୦ ଭାଗ ସରକାରଙ୍କୁ ବିକ୍ରି କରିବାକୁ ହେବ । ଜରୁରୀ ଅବସ୍ଥାରେ ରାଜ୍ୟର ଆବଶ୍ୟକତା ପୂରଣନିମନ୍ତେ ୭୫ହଜାର ଟନ୍ ଧାନ ଓ ଚାଉଳ ମହଜୁଦ୍ କରି ରଖିବାଲାଗି ମୋ ସରକାର ବ୍ୟବସ୍ଥା କରିଛନ୍ତି । ଉପଯୁକ୍ତ ବ୍ୟବସ୍ଥା ଫଳରେ ରାଜ୍ୟ ଭିତରେ ଲୋକଙ୍କପାଇଁ ଦରକାର ହେଉଥିବା ଖାଦ୍ୟଶସ୍ୟର ଅଭାବ ପଡ଼ିପାରେ ବୋଲି କେତେକଙ୍କ ଭିତରେ ଯେଉଁ ଆଶଙ୍କା ରହିଛି, ମୋ ସରକାର ସେଥିପ୍ରତି ପୂରାପୂରି ଅବହିତ ଅଛନ୍ତି । ମୋ ସରକାର ଏହି ଅବସ୍ଥାକୁ ବିଶେଷ ସତର୍କତାର ସହିତ ଲକ୍ଷ୍ୟ କରୁଛନ୍ତି ଏବଂ ଦରକାର ହେବାମାତ୍ରେ ତୁରନ୍ତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ।

## ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତଗ୍ରସ୍ତ ଅଞ୍ଚଳକୁ ସାହାଯ୍ୟ

ଦୁର୍ଭାଗ୍ୟର କଥା ଯେ ଏ ବର୍ଷ କଟକ ଓ ପୁରୀ ଜିଲ୍ଲାରେ ବନ୍ୟା ଆକାରରେ ଏବଂ ବାଲେଶ୍ୱର, କଟକ ଓ ମୟୂରଭଞ୍ଜ ଜିଲ୍ଲାରେ ଝଡ଼ ଆକାରରେ ପ୍ରାକୃତିକ ବିପର୍ଯ୍ୟୟ ଦେଖା ଦେଇଥିଲା । ଦୁର୍ଦ୍ଦଶାଗ୍ରସ୍ତ ଅଞ୍ଚଳରେ ଲୋକମାନଙ୍କ ଉଦ୍ଧାର ଓ ସାହାଯ୍ୟକାର୍ଯ୍ୟପାଇଁ ଯଥେଷ୍ଟ ବ୍ୟବସ୍ଥା କରାଯାଇଥିଲା । ଯେଉଁମାନଙ୍କର ଜୀବନଧାରଣର ଅନ୍ୟ ଉପାୟ ନ ଥିଲା, ସେ ଭଳି ଅଭାବଗ୍ରସ୍ତ ଦରିଦ୍ର ଲୋକଙ୍କୁ ମାଗଣାରେ ଖାଦ୍ୟଦ୍ରବ୍ୟ ଯୋଗାଇ ଦିଆଯାଇଥିଲା । ସଂପୃକ୍ତ କଲେକ୍ଟରମାନଙ୍କର ଚାହିଦା ପୂରଣ କରିବାନିମନ୍ତେ ରେଭିନ୍ୟୁ ଡିଭିଜନର ରେଭିନ୍ୟୁ ଡିଭିଜନାଲ କମିଶନରଙ୍କ ମାରଫତରେ ୧ ଲକ୍ଷ ୭ ହଜାର ଟଙ୍କା ଦିଆଯାଇଥିଲା । ଝଡ଼ତୋଫାନଦ୍ୱାରା ବାଲେଶ୍ୱର ଓ କଟକ ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଲୁଣାପାଣି ମାଡ଼ିଯିବା ଯୋଗୁଁ ବହୁସଂଖ୍ୟକ ମନୁଷ୍ୟ ଓ ଗୃହପାଳିତ ପଶୁଙ୍କର ଜୀବନହାନି ଘଟିଥିଲା ଓ ଫସଲ ମଧ୍ୟ ନଷ୍ଟ ହୋଇଯାଇଥିଲା । ଲୋକମାନଙ୍କ ପିଇବା ପାଣିର ଅଭାବ ଘଟିଲା । ତୁରନ୍ତ ପାନୀୟ ଜଳଯୋଗାଣ ସମସ୍ୟାର ସମାଧାନନିମନ୍ତେ ଅସ୍ଥାୟୀ ନଳ-କୂଅ ଖୋଳିବାପାଇଁ ବାଲେଶ୍ୱର ଓ କଟକ ଜିଲ୍ଲାର କଲେକ୍ଟରମାନଙ୍କ ହାତରେ ଯଥାକ୍ରମେ ଟ ୧୮,୨୫୦, ଓ ଟ ୬,୦୦୦, ଦିଆଯାଇଥିଲା । ତା ଛଡ଼ା ବାଲେଶ୍ୱର ଓ କଟକ ଜିଲ୍ଲାର ଲୁଣାପାଣି ମାଡ଼ଯାଇଥିବା ଅଞ୍ଚଳରେ ଯଥାକ୍ରମେ ୧୫୦ ଓ ୫୦ଟି ନଳକୂଅ ଖୋଳାଯିବାପାଇଁ ସରକାର ୧୦ ଲକ୍ଷ ଟଙ୍କାର ଗୋଟିଏ ଯୋଜନା ମଞ୍ଜୁର କରିଥିଲେ । ସକ୍ଷମ ବ୍ୟକ୍ତିମାନଙ୍କୁ କର୍ମ ଯୋଗାଇ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସବୁଠାରୁ ଅଧିକ ଦୁର୍ଦ୍ଦଶାଗ୍ରସ୍ତ ଅଞ୍ଚଳରେ ଟେଷ୍ଟ୍ ରିଲିଫ୍ କାମ କରାଯାଇଥିଲା । ଏଥିନିମନ୍ତେ କଟକ ପୁରୀ ଏବଂ ବାଲେଶ୍ୱର ଜିଲ୍ଲାର କଲେକ୍ଟରମାନଙ୍କ ମାରଫତରେ ଯଥାକ୍ରମେ ଟ ୨୦,୦୦୦, ଟ ୧୭,୨୫୦, ଏବଂ ଟ ୨୪,୦୦୦, ଦିଆଯାଇଥିଲା । ବନ୍ୟା ଓ ଝଡ଼ତୋଫାନ ଯୋଗୁଁ ୧୩୮୩୭ଟି ଘର ଭାଙ୍ଗିପଡ଼ିଥିଲା ଏବଂ ୩୧୦୩୭ଟି ଘର ଆଂଶିକଭାବରେ କ୍ଷତଗ୍ରସ୍ତ ହୋଇଥିଲା । ବନ୍ୟା ଓ ଝଡ଼ତୋଫାନ ଯୋଗୁଁ ଭାଙ୍ଗିଯାଇଥିବା ବା ଧ୍ୱଂସ ହୋଇଯାଇଥିବା ଘରଗୁଡ଼ିକର ମରାମତି ବା ପୁନର୍ନିର୍ମାଣ କାର୍ଯ୍ୟପାଇଁ କ୍ଷତଗ୍ରସ୍ତ ବ୍ୟକ୍ତିମାନଙ୍କୁ

ସାହାଯ୍ୟ ଦେବାନିମନ୍ତେ ସରକାର ୧୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହି ସାହାଯ୍ୟ ବାବଦ ଆବଶ୍ୟକୀୟ ପରିମାଣର ଅର୍ଥ ସଂପୃକ୍ତ କଲେକ୍ଟରମାନଙ୍କ ହାତରେ ଦିଆଯାଇଛି । ବନ୍ୟା ଓ ଝଡ଼ତୋଫାନଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ସାହାଯ୍ୟ କରିବା ଓ କ୍ଷତିଗ୍ରସ୍ତ ଅଞ୍ଚଳର ଗରିବ ଛାତ୍ରମାନଙ୍କୁ ପ୍ରାଥମିକ ସାହାଯ୍ୟ ଦେବାନିମନ୍ତେ ମୁଖ୍ୟମନ୍ତ୍ରୀଙ୍କର ସାହାଯ୍ୟ ପାଣ୍ଠିରୁ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାକୁ ୧ ଲକ୍ଷ ୭୫ ହଜାର ଟଙ୍କା ଦିଆଯାଇଛି ।

## ଅଧିକ କୃଷି ଉତ୍ପାଦନ

୧୯୬୯-୭୦ ମସିହାର କୃଷି ଉତ୍ପାଦନର ଲକ୍ଷ୍ୟ ନିମ୍ନଭାବରେ ପୂରଣ ହୋଇଛି । ଖାଦ୍ୟଶସ୍ୟ ୩୦.୯୨ ଲକ୍ଷ ଟନ୍, ତୁଳା ୧୦ ହଜାର ଗାଣ୍ଠି, ଝୋଟ ୩ଲକ୍ଷ ଗାଣ୍ଠି ଆଖୁ ୧ ଲକ୍ଷ ୪୦ ହଜାର ଟନ୍ ଓ ତୈଳବୀଜ ୯୦ ହଜାର ଟନ୍ । ଆସନ୍ତାବର୍ଷ ପାଇଁ ନିମ୍ନମତେ ଉତ୍ପାଦନର ଲକ୍ଷ୍ୟ ସ୍ଥିର କରାଯାଇଛି । ଖାଦ୍ୟଶସ୍ୟ ୩୨.୮୭ ଲକ୍ଷ ଟନ୍, ତୁଳା ୩୦ ହଜାର ଗାଣ୍ଠି, ଝୋଟ ୩ ଲକ୍ଷ ଗାଣ୍ଠି, ଆଖୁ ୧.୩୦ ଲକ୍ଷ ଟନ୍ ଏବଂ ତୈଳବୀଜ ୯୦ ହଜାର ଟନ୍ । ସମୁଦାୟ ରାଜ୍ୟକୁ ଉନ୍ନତ ଧରଣର ବିହନ ଯୋଗାଇ ଦେବାନିମନ୍ତେ ୨୫୨୦ ଏକରକୁ ନେଇ ବିହନ ଉତ୍ପାଦନ ଫାର୍ମମାନ ପ୍ରତିଷ୍ଠା କରିବାର ବ୍ୟବସ୍ଥା ହୋଇଛି । ଏ ପର୍ଯ୍ୟନ୍ତ ୬୮ଟି (ପ୍ରତ୍ୟେକଟି ୨୫ ଏକର ଲେଖାଏଁ) ଫାର୍ମ ଆରମ୍ଭ ହୋଇଗଲାଣି ଓ ଏହିବର୍ଷ ଶେଷଆଡ଼କୁ ସେଗୁଡ଼ିକରୁ ଉତ୍ପାଦନ ଆରମ୍ଭ ହୋଇଯିବ ବୋଲି ଆଶା କରାଯାଏ । ଏହାର ଆୟତନ ମୋଟ ୧୭୦୦ ଏକର ଏବଂ ଏହିରୁ ମୋଟ ୧୨,୨୧୦ ମହଣ ଉନ୍ନତ ଧରଣର ବିହନ ଉତ୍ପନ୍ନ ହୋଇ ପାରିବାର ଆଶା କରାଯାଉଛି । କୃଷି ଗବେଷଣା ଓ ସଂପ୍ରସାରଣ ଯୋଜନାମାନ ସନ୍ତୋଷଜନକଭାବରେ ଆଗେଇ ଚାଲିଛି । ଭାରତୀୟ କୃଷି ଗବେଷଣା ପରିଷଦରୁ ଆର୍ଥିକ ସାହାଯ୍ୟ ପାଇ ଗୋଟିଏ ନୂଆ କୃଷି ଗବେଷଣା ଯୋଜନା ଆରମ୍ଭ କରାଯାଇଛି । ଅଧିକ ଉତ୍ପାଦନପାଇଁ କିପରି ଆଗ୍ରହ ସୃଷ୍ଟି କରାଯାଇ ପାରିବ, ସେହି ଉଦ୍ଦେଶ୍ୟରେ କୃଷି ମହାବିଦ୍ୟାଳୟର କୃଷି ଅର୍ଥନୀତି ଶାଖାର ଆନୁକୂଲ୍ୟରେ କଟକ ଓ ପୁରୀ ଜିଲ୍ଲାର ଜମିରେ ବିଭିନ୍ନ ପ୍ରକାର ଫସଲ ଉତ୍ପାଦନରେ କେଉଁ ଉପାଦାନର ପ୍ରଭାବ ପଡ଼ୁଛି, ସେ ସମ୍ବନ୍ଧରେ ପରୀକ୍ଷା କରାଯାଉଛି ।

ହଳଦୀ, ନଡ଼ିଆ, ଗୁଆ, ତୈଳବୀଜ, ଆଖୁ, ତୁଳା ଓ ଲେମ୍ବୁ ଜାତୀୟ ଫଳ, ମରିଚ, ଅଦାଭଳି ଅର୍ଥକରୀ ଫସଲଗୁଡ଼ିକର ସ୍ୱତନ୍ତ୍ର ସମସ୍ୟା ସମ୍ପର୍କରେ ଗବେଷଣା କରାଯାଉଛି ଏବଂ ହୀରାକୁଦର ଜଳସେଚିତ ଅଞ୍ଚଳରେ କି ପ୍ରକାରର ଫସଲ କରାଯାଇପାରିବ, ସେ ସମ୍ପର୍କରେ ଗବେଷଣାକାର୍ଯ୍ୟ ହାତକୁ ନିଆଯାଇଛି । ବିଶେଷଭାବରେ ମୁଁ ଏଠାରେ ଉଲ୍ଲେଖ କରୁଛି ଯେ ଓଡ଼ିଶାରେ କଫିଚାଷର ସମ୍ଭାବନା ଅଛି ବୋଲି ନିକଟରେ ଆମେ ଗୋଟିଏ ଗବେଷଣା ରିପୋର୍ଟ ପାଇଅଛୁ । ଆମକୁ ପରାମର୍ଶ ଦେବାପାଇଁ ଆସିଥିବା କଫି ବୋର୍ଡ଼ର ବିଶେଷଜ୍ଞ ରିପୋର୍ଟ ଦେଇଛନ୍ତି ଯେ କୋରାପୁଟ ଓ କାଶୀପୁର ଅଞ୍ଚଳରେ ବିସ୍ତୃତଭାବରେ ଓ ଜି. ଉଦୟଗିରି ଅଞ୍ଚଳରେ ସାମାନ୍ୟଭାବରେ କଫିଚାଷ କରାଯିବାର ଚମତ୍କାର ସୁବିଧା ରହିଛି । ସରକାର ଏହି ବିଶେଷଜ୍ଞଙ୍କ ପରାମର୍ଶର ସୁବିଧା ନେବାପାଇଁ ଚେଷ୍ଟା କରୁଛନ୍ତି । ଚିଲିକା ହ୍ରଦର ଅବବାହିକା ଅଞ୍ଚଳରେ ପ୍ରାୟ ୧୩୦୦ ଏକର ଜମିକୁ କୃଷି ଉପଯୋଗୀ କରାଯାଇଛି ଏବଂ ନିକଟରେ ଏହା ଚାଷୀମାନଙ୍କୁ ଦିଆଯିବ । ମୋଟ ୪୦,୬୦୯ ଏକର ଚାଷଜମିରେ ମୃତ୍ତିକାସଂରକ୍ଷଣର ବ୍ୟବସ୍ଥା ହୋଇଛି । ଏହା ଛଡ଼ା ୧୦,୫୦୦ ଏକର ଜମିରେ ବୃକ୍ଷରୋପଣ କରାଯାଇଛି ଏବଂ ପ୍ରାୟ ୩୯ ମାଇଲ ଜମିରେ ମୁର୍ଗା ଲଗାଯାଇଛି ।

## ନୂତନ ମାପ ଓ ଓଜନର ପ୍ରଚଳନ

ରାଜ୍ୟର ବହୁ ଅଧିକ ଲୋକ କୃଷି ଉପରେ ନିର୍ଭର କରନ୍ତି । ଲୋକମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ଘଟାଇବାକୁ ହେଲେ ରାଜ୍ୟର କୃଷିଜାତ ଦ୍ରବ୍ୟର କ୍ରୟବିକ୍ରୟପାଇଁ ଉନ୍ନତଧରଣର ବ୍ୟବସ୍ଥା ଥିବା ନିତାନ୍ତ ଆବଶ୍ୟକ । ଏଥିପାଇଁ ଘୋଷିତ ହୋଇଥିବା ବଜାର ଅଞ୍ଚଳଗୁଡ଼ିକରେ ଅଧିକ କୃଷିଜାତ ଦ୍ରବ୍ୟର କ୍ରୟବିକ୍ରୟକୁ ନିୟନ୍ତ୍ରଣ କରାଯିବା ଦରକାର । ଏହି ଲକ୍ଷ୍ୟ ହାସଲନିମନ୍ତେ ମୋ ସରକାର ୧୯୫୬ ମସିହା ଓଡ଼ିଶା କୃଷିଜାତ ଦ୍ରବ୍ୟ ବଜାର ଆଇନ୍ ପ୍ରଣୟନ କରିଛନ୍ତି । ଏହି ଆଇନ ଅନୁଯାୟୀ କଟଣୀ, ଟିକାବାଲି, ବରଗଡ଼, ଅନୁଗୁଳ, କଣ୍ଟାବାଞ୍ଜି, ଠେକଦ୍ରପାଟଣା ଏବଂ ଭଦ୍ରକ ବଜାରକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଚାଷୀ, ବ୍ୟବସାୟୀ, ସ୍ୱାୟତ୍ତଶାସନ ଅନୁଷ୍ଠାନ ଏବଂ ସମବାୟ ସଂଗଠନର ପ୍ରତିନିଧିମାନଙ୍କୁ ନେଇ ୭ଟି ମାର୍କେଟ୍ କମିଟି ଗଠନ କରାଯାଇଛି । ନବରଙ୍ଗପୁର, ଖଡ଼ିଆଳ ରୋଡ଼୍, ଜୁନାଗଡ଼ ଏବଂ ବେତନଟିରେ ଅଧିକା ୪ଟି ବଜାରକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ପ୍ରାରମ୍ଭିକ ବ୍ୟବସ୍ଥାମାନ କରାଯାଇଛି । ୧୯୬୦-୬୧ ମସିହାରେ ଅନ୍ୟାନ୍ୟ ୪ଟି ବଜାରରେ ଏହି ନିୟନ୍ତ୍ରଣ ବ୍ୟବସ୍ଥା ଚାଲୁ କରାଯିବ । ରାଜ୍ୟରେ କ୍ରୟବିକ୍ରୟ ଉନ୍ନୟନ ଦିଗରେ ମାପ ଓ ଓଜନର ମାନ ନିର୍ଦ୍ଧାରଣ କରିବା ହେଉଛି ଅନ୍ୟତମ ବ୍ୟବସ୍ଥା । କେନ୍ଦ୍ର ସରକାରଙ୍କ ନୀତି ଅନୁଯାୟୀ କେବଳ ଓଜନ କ୍ଷେତ୍ରରେ ୧୯୫୮ ମସିହା ଅକ୍ଟୋବର ପହିଲାଠାରୁ କଟକ, ବ୍ରହ୍ମପୁର ଏବଂ ସମ୍ବଲପୁର ମ୍ୟୁନିସିପାଲିଟି ଅଞ୍ଚଳରେ ପ୍ରାଥମିକ ଭାବରେ ମେଟ୍ରିକ୍ ଓଜନ ପ୍ରଣାଳୀର ପ୍ରବର୍ତ୍ତନ କରାଯାଇଛି । ୧୯୬୦ ଏପ୍ରିଲ ପହିଲାଠାରୁ ଏହାକୁ ସମଗ୍ର ରାଜ୍ୟରେ ଚାଲୁ କରାଯିବାର ପ୍ରସ୍ତାବ ରହିଅଛି ।

## ପଶୁପାଳନ

୧୯୫୯-୬୦ ମସିହାରେ ରାଜ୍ୟରେ ୧୪ଟି ନୂଆ ପଶୁ-ଚିକିତ୍ସାଳୟ ଏବଂ ୪୦ଟି ନୂଆ ଷ୍ଟକ୍‌ମ୍ୟାନ୍ କେନ୍ଦ୍ର ଖୋଲାଯିବାର ଯେଉଁ ଲକ୍ଷ୍ୟ ରଖାଯାଇଥିଲା, ତାହା ହାସଲ କରାଯାଇଛି । ୧୯୬୦-୬୧ ମସିହାମଧ୍ୟରେ ୧୬ଟି ନୂଆ ପଶୁ-ଚିକିତ୍ସାଳୟ ଓ ୧୦୫ଟି ନୂଆ ଷ୍ଟକ୍‌ମ୍ୟାନ୍ କେନ୍ଦ୍ର ଖୋଲିବାପାଇଁ ମୋ ସରକାର ଲକ୍ଷ୍ୟ ରଖିଛନ୍ତି । ଦୁଃଖର କଥା ଯେ ଫୁଲନଖରାଠାରେ ଗୋଟିଏ ଦୁଗ୍ଧ ଯୋଗାଣ କେନ୍ଦ୍ର ସ୍ଥାପନ ପରିକଳ୍ପନା ଆଶାନୁରୂପ କାର୍ଯ୍ୟକାରୀ ହୋଇପାରି ନାହିଁ । ମାତ୍ର ଯଥାଶୀଘ୍ର ସେଠାରେ ଗୋଟିଏ ଦୁଗ୍ଧ ସଂଶୋଧନ କଳ ସ୍ଥାପନ କରିବାପାଇଁ ବ୍ୟବସ୍ଥା କରାଯାଉଛି ।

## ମାଛ ଚାଷ

ମାଛ-ଯାଆଁଳ ଯୋଗାଇ ଦେବା, କର୍ମଚାରୀମାନଙ୍କୁ ତାଲିମ ଦେବା, ପଙ୍କୋଦ୍ଧାରର ଯନ୍ତ୍ରପାତି, ମାଛ ଧରିବା ଉପକରଣ ପ୍ରଭୃତି ଯୋଗାଇଦେଇ ରାଜ୍ୟର ସମୁଦ୍ରଠାରୁ ଦୂରରେଥିବା ଗାଡ଼ିଆପୋଖରୀରେ ମାଛ-ଚାଷର ଉନ୍ନୟନ କରାଯିବା ଦିଗରେ ଗତ ବର୍ଷ ସବୁଠାରୁ ଅଧିକ ଦୃଷ୍ଟି ଦିଆଯାଇଛି । ୧୯୫୮-୫୯ରେ ୯୦ ଲକ୍ଷ ଯାଆଁଳ ଧରାଯାଇଥିବାସ୍ଥଳେ ଗତ ବର୍ଷ ଦେଢ଼ କୋଟି ମାଛ-ଯାଆଁଳ ସଂଗ୍ରହ କରାଯାଇପାରିଛି । ମାଛ-ଯାଆଁଳ ଯୋଗାଣପାଇଁ କ୍ରମାଗତ ଅଧିକ ଚାହିଦା ହେଉଥିବା ଦୃଷ୍ଟିରୁ ଗାଁଗହଳର ଗାଡ଼ିଆପୋଖରୀରେ ମାଛଚାଷର ଯୋଜନା ଖୁବ୍ ଫଳପ୍ରଦ ହୋଇଥିବାର ଜଣାଯାଏ । ଗଭୀର ସମୁଦ୍ରରୁ ମାଛ ଧରିବା ଦିଗରେ ଖୁବ୍

ଭଲ ଫଳ ମିଳନ୍ତି ଏବଂ ନୌକା ସାହାଯ୍ୟରେ ଶଙ୍ଖୁଡ଼ିମାଛ ମାରିବାପାଇଁ ଯେଉଁ ପରୀକ୍ଷା କରାଯାଉଥିଲା, ତାହା ଉତ୍ସାହପ୍ରଦ ହୋଇଛି । ୧୯୫୯-୬୦ରେ କେବଳ ମାତ୍ର ୨ଟି ନୌକା ସାହାଯ୍ୟରେ ୧୦୦୦ ମହଣ ମାଛ ଧରାଯାଇଛି । ସ୍ଥାନୀୟ କେଉଟମାନେ ଗଭୀର ଜଳମଧ୍ୟରୁ ମାଛ ମାରିବାର ନୂଆ ପ୍ରଣାଳୀରେ ସ୍ୱୀକୃତ ଜଳ-ଭଣ୍ଡାରରୁ ସୁବିଧାରେ ମାଛ ମାରିପାରୁଛନ୍ତି । ଡଜନେ ଦଳ ଏହି ନୂଆ ପ୍ରଣାଳୀରେ ମାଛ ମାରୁଛନ୍ତି । ଚିଲିକାରେ ଶଙ୍ଖୁଡ଼ିମାଛ ସଂରକ୍ଷଣ, ମାଛଙ୍କ ଖାଦ୍ୟପଦାର୍ଥ ଉତ୍ପାଦନ, ମାଛକୁ ବରଫଦ୍ୱାରା ସଂରକ୍ଷଣ କରିବା, ଉନ୍ନତ ପ୍ରଣାଳୀରେ ମାଛ ଓ ସାଆଁଳ-ଶୁଖ କରିବା ପ୍ରଭୃତି ସମ୍ପର୍କରେ ଗବେଷଣାକାର୍ଯ୍ୟ ଚାଲୁ ରହିବ । ବରଫଦ୍ୱାରା ମାଛ ସଂରକ୍ଷଣ ଓ ଉନ୍ନତଧରଣର ସାଆଁଳ-ଶୁଖ ବିଷୟରେ ବହୁ ମୂଲ୍ୟବାନ୍ ତଥ୍ୟ ସଂଗ୍ରହ କରାଯାଇଛି; ମାତ୍ର ଆହୁରି କିଛି ଦିନପାଇଁ ଏହି କାର୍ଯ୍ୟ ଚାଲୁ ରଖାଯିବାର ଆବଶ୍ୟକ ପଡ଼ୁଛି ।

## ସମୂହବିକାଶ ଯୋଜନାର ଅଗ୍ରଗତି

୧୧ । ଆଲୋଚ୍ୟ ବର୍ଷ ମଧ୍ୟରେ ରାଜ୍ୟରେ ସମୂହବିକାଶ ବ୍ଲକମାନ ଖୋଲିଯିବା ଦିଗରେ ସନ୍ତୋଷଜନକ ଅଗ୍ରଗତି ଘଟିଛି । ବର୍ତ୍ତମାନ ମୋଟ ୧୭୮ଟି ବ୍ଲକ ରହିଛି । ଏଗୁଡ଼ିକମଧ୍ୟରୁ ୧୧୪ଟି ପ୍ରଥମ ପର୍ଯ୍ୟାୟଭୁକ୍ତ ବ୍ଲକ, ୧୭ଟି ସମୂହବିକାଶ ବ୍ଲକ, ୨୩ଟି ଦ୍ୱିତୀୟ ପର୍ଯ୍ୟାୟଭୁକ୍ତ ବ୍ଲକ ଏବଂ ୨୪ଟି ପ୍ରାକ୍ ସମ୍ପ୍ରସାରଣ ବ୍ଲକ ଅଛି । ଏଗୁଡ଼ିକ ବ୍ୟତୀତ ଆମର ୪ଟି ବହୁମୁଖୀ ଆଦିବାସୀ ବ୍ଲକ ଅଛି । ମୋଟରେ ରାଜ୍ୟର ଲୋକସଂଖ୍ୟାର ଶତକଡ଼ା ୬୩ ଭାଗ, କ୍ଷେତ୍ରଫଳର ଶତକଡ଼ା ୪୮ ଭାଗ, ଗ୍ରାମ ସଂଖ୍ୟାର ଶତକଡ଼ା ୬୦ ଭାଗ ଏବଂ ସମୁଦାୟ ଗ୍ରାମପଞ୍ଚାୟତର ସଂଖ୍ୟାର ୫୯ ଭାଗ ଅଞ୍ଚଳ ଏହି ଯୋଜନାର ଅନ୍ତର୍ଭୁକ୍ତ ହେଲଣି । ୧୯୬୦-୬୧ ମସିହାମଧ୍ୟରେ ୩୨ଟି ପ୍ରାକ୍ ସଂପ୍ରସାରଣ ବ୍ଲକ ଖୋଲାଯିବ ଏବଂ ୨୪ଟି ପ୍ରାକ୍ ସଂପ୍ରସାରଣ ବ୍ଲକକୁ ପ୍ରଥମ ପର୍ଯ୍ୟାୟ ବ୍ଲକରେ ପରିଣତ କରାଯିବ । ଏହା ସହିତ ମୋ ସରକାର ରାଜ୍ୟ ସମବାୟ ଇଉନିଅନ ଜରିଆରେ ବ୍ଲକ ଉନ୍ନୟନ କମିଟିର ବେସରକାରୀ ସଭ୍ୟମାନଙ୍କୁ ତାଲିମ ଦେବାପାଇଁ ବ୍ୟବସ୍ଥା କରିଛନ୍ତି । ସମବାୟ ଇଉନିଅନ୍ ଦ୍ୱାରା ୧୨ ଜଣ ବେସରକାରୀ ତାଲିମଦାତା ତାଲିମ ପାଇସାରିଲେଣି ଏବଂ ୧୯୬୦ ମସିହା ଫେବ୍ରୁଆରୀ ଓ ଏପ୍ରିଲ ମାସମଧ୍ୟରେ ରାଜ୍ୟର ୬ଟି ବିଭିନ୍ନ କେନ୍ଦ୍ରରେ ବ୍ଲକ ଉନ୍ନୟନ କମିଟିର ୩୦୦୦ ବେସରକାରୀ ସଭ୍ୟଙ୍କୁ ତାଲିମ ଦେବାପାଇଁ ଏମାନଙ୍କର ସାହାଯ୍ୟ ନିଆଯିବାର ପ୍ରସ୍ତାବ ରହିଛି । ସମୂହବିକାଶ ଯୋଜନାପ୍ରତି ଜନସହଯୋଗପାଇଁ ଉତ୍ସାହ ଦେବାନିମନ୍ତେ ୧୧୧୨ଟି କେନ୍ଦ୍ରରେ ୮୩,୪୫୪ ଜଣ ଗ୍ରାମସହାୟକଙ୍କୁ ତାଲିମ ଦିଆଯାଇଛି ଏବଂ ବର୍ତ୍ତମାନ କୃଷି ଉନ୍ନୟନ ଯୋଜନାରେ ସେମାନଙ୍କର ସାହାଯ୍ୟ ନିଆଯାଉଛି । ମହିଳା ସମିତିର ସଭ୍ୟ ଓ ସେକ୍ରେଟେରୀମାନଙ୍କୁ ଖାଦ୍ୟସାର କାର୍ଯ୍ୟକ୍ରମ, ଶିଶୁମଙ୍ଗଳ ଅନୁଷ୍ଠାନର ପରିଚାଳନା ଏବଂ ଜନ୍ମନିୟନ୍ତ୍ରଣ ସମ୍ପର୍କରେ ତାଲିମ ଦେବାନିମନ୍ତେ ଗୋଟିଏ ପଥପ୍ରଦର୍ଶକ ଯୋଜନା ଆରମ୍ଭ କରାଯାଇଛି । ଏହା ବିଶେଷ ଲୋକପ୍ରିୟ ହୋଇପାରିଛି । ୧୯୫୯ ମସିହାମଧ୍ୟରେ ସର୍ବମୋଟ ୫୫୭ ଜଣ ମହିଳା ସମିତିର ସଭ୍ୟ ଓ ସେକ୍ରେଟେରୀମାନଙ୍କୁ ତାଲିମ ଦିଆଯାଇପାରିଥିଲା ।

## ଗ୍ରାମପଞ୍ଚାୟତର ପୁନର୍ଗଠନ

୧୯୫୯-୬୦ ମସିହାମଧ୍ୟରେ ଗ୍ରାମପଞ୍ଚାୟତ ଶାସନର ପ୍ରଧାନ ଘଟଣା ହେଉଛି—୧୯୫୭-୫୮ରେ ଗଠିତ ହୋଇଥିବା ଗ୍ରାମପଞ୍ଚାୟତ ତଦନ୍ତ କମିଟିଙ୍କ ରିପୋର୍ଟ ଉପରେ ସରକାରଙ୍କ ସିଦ୍ଧାନ୍ତ । ୫୦୦୦ରୁ

୨୦୦୦ ଲୋକଙ୍କୁ ନେଇ ଗ୍ରାମପଞ୍ଚାୟତ ଗଢ଼ିବା ଧାରାର ସଂଶୋଧନ କରାଯାଇଛି ଏବଂ ଏଣିକି ୧୫୦୦ରୁ ୩୦୦୦ ଲୋକଙ୍କୁ ନେଇ ପଞ୍ଚାୟତ ଗଢ଼ାଯିବ । ଶତକଡ଼ା ୨୦ ଭାଗ କମ୍ ହେଲେ ମଧ୍ୟ ଚଳିଯାଇପାରେ । ଅନୁନ୍ନତ ଓ ପାହାଡ଼ିଆ ଅଞ୍ଚଳମାନଙ୍କରେ ପଞ୍ଚାୟତର ଲୋକସଂଖ୍ୟା ୧୫୦୦ କିମ୍ବା ତା'ଠାରୁ ଶତକଡ଼ା ୨୦ କମ୍ ହୋଇପାରେ । ପ୍ରଚଳିତ ବନ୍ଧବାନ୍ଧ କର ଓ ଟିକସକୁ ଉଠାଇଦେଇ ତା' ପରିବର୍ତ୍ତେ କେତୋଟି ସୁଚିନ୍ତିତ ଓ ଫଳପ୍ରଦ ବ୍ୟବସ୍ଥା ଗ୍ରହଣ କରି ପଞ୍ଚାୟତଗୁଡ଼ିକର ଟିକସ ବସାଇବା କ୍ଷମତା ଓ ଟିକସର ପ୍ରକାରକୁ ଏକ ନିର୍ଦ୍ଦିଷ୍ଟ ଗଣ୍ଡିରେ ପକାଇବାପାଇଁ ସ୍ଥିର କରାଯାଇଛି । ଗ୍ରାମପଞ୍ଚାୟତ ତଦନ୍ତ କମିଟିଙ୍କ ସୁପାରିସ ଉପରେ ଗୃହୀତ ସିଦ୍ଧାନ୍ତମତେ ଶୀଘ୍ର ସାରା ରାଜ୍ୟରେ ଗ୍ରାମପଞ୍ଚାୟତଗୁଡ଼ିକ ପୁନର୍ଗଠିତ ହେବ ଏବଂ ପ୍ରଚଳିତ ଆଇନ୍‌କାନୁନ୍‌ର ଆବଶ୍ୟକୀୟ ସଂଶୋଧନ କରାଯିବ । ମୋ ସରକାର ଅଧ୍ୟୟନ ଶିବିର ଓ ଆଲୋଚନା ଚକ୍ରମାନ ସଂଗଠନ କରିବାର ପ୍ରସ୍ତାବ ରଖିଛନ୍ତି । ଏ ସବୁଥିରେ ଗ୍ରାମପଞ୍ଚାୟତଗୁଡ଼ିକର ପ୍ରତିନିଧିମାନେ ଏକତ୍ର ହୋଇ ସେମାନଙ୍କର ବିଭିନ୍ନ ସମସ୍ୟାମାନ ଆଲୋଚନା କରିବେ ଏବଂ ଆଲୋଚନା ଓ ମତବିନିମୟ ସୂତ୍ରେ ପଞ୍ଚାୟତ ସମ୍ପର୍କରେ ଯାହା କିଛି ଶିଖିବା ଉଚିତ, ଶିଖିବେ । ୧୯୬୦-୬୧ ମସିହାଠାରୁ ଏହି ପରିକଳ୍ପନା କାର୍ଯ୍ୟକାରୀ ହେବ ।

## ସମବାୟ ଆନ୍ଦୋଳନର ଅଗ୍ରଗତି

ଆଲୋଚ୍ୟ ବର୍ଷମଧ୍ୟରେ ସମବାୟ କ୍ଷେତ୍ରରେ ଅଗ୍ରଗତି ମୋଟାମୋଟି ଅବ୍ୟାହତ ରହିଛି ଏବଂ ଏ କ୍ଷେତ୍ରରେ ଯେଉଁସବୁ ଉନ୍ନୟନ କାର୍ଯ୍ୟ ହୋଇଛି, ସେଥିମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ କେତୋଟି କାର୍ଯ୍ୟ ସମ୍ପର୍କରେ ମୁଁ ଏହି ସୁଯୋଗରେ ସଂକ୍ଷେପରେ ସୂଚାଇ ଦେବାକୁ ଚାହେଁ । ରାଜ୍ୟରେ ରାସାୟନିକ ସାର ବଣ୍ଟନର ଦାୟିତ୍ୱ ଏକମାତ୍ର ଓଡ଼ିଶା ରାଜ୍ୟ ସମବାୟ ବିକ୍ରି ବଣ୍ଟା ସମିତି ଉପରେ ନ୍ୟସ୍ତ ହୋଇଛି । ବର୍ତ୍ତମାନ ରହିଥିବା ୩୦ଟି ଆଞ୍ଚଳିକ ବିକ୍ରି ବଣ୍ଟା ସମିତି ମଧ୍ୟ ଲୁହା ଛଡ଼, ଜି. ସି. ଆଇ. ଚଦର, କୃଷି ଯନ୍ତ୍ରପାତି, କୀଟନାଶକ ଦ୍ରବ୍ୟାଦି କୃଷକମାନଙ୍କୁ ବିକ୍ରି କରିବାର ଭାର ନେଇଛନ୍ତି । ସୁଖର କଥା ଯେ ଏହି ସମିତିମାନଙ୍କମଧ୍ୟରୁ କେତେକ (ଷ୍ଟେଟ୍ ଟ୍ରେଡିଂ ସ୍କିମ୍) ରାଷ୍ଟ୍ରାୟତ୍ତ ବାଣିଜ୍ୟ ପରିକଳ୍ପନା ଅଧୀନରେ ଧାନଚାଉଳ ସଂଗ୍ରହ କରିବା ଦାୟିତ୍ୱ ନେଇଛନ୍ତି ଏବଂ ଏ ପର୍ଯ୍ୟନ୍ତ ୭୯୯୨ ମହଣ ଧାନ ଓ ୨୭,୯୯୨ ମହଣ ଚାଉଳ ସଂଗ୍ରହ କରିଛନ୍ତି । ଗତ ଦୁଇ ବର୍ଷମଧ୍ୟରେ ବିକ୍ରି ବଣ୍ଟା ସମିତିମାନେ ୧୯,୯୭୪ ଟନ ସାର କାରବାର କରିଥିଲେ । ଏଇ ପ୍ରଥମ ଥରପାଇଁ ସୁଦୂର ଗାଁଗହଳରେ ଚାଷୀମାନଙ୍କୁ ସାର ବଣ୍ଟାଯାଇଥିଲା । ଏ ପର୍ଯ୍ୟନ୍ତ ୭୮୩ଟି ପଞ୍ଚାୟତ ଶସ୍ୟଗୋଲା ସମବାୟ ସମିତିକୁ ନଗଦ ତଥା ଋଣ ସମିତିରୂପେ ଗଢ଼ାଯାଇଛି । ଉନ୍ନୟନପାଇଁ ଟଙ୍କା ଖଟାଇବାକୁ ଭାରତ ରିଜର୍ଭ ବ୍ୟାଙ୍କ୍‌ରୁ ଋଣ ନେଉଥିବା ପ୍ରତ୍ୟେକ ସମିତିରେ ଅଂଶ-ମୂଳଧନ ରୂପେ ରାଜ୍ୟ ସରକାର ଟ ୨,୫୦୦୯ ଲଗାଇଛନ୍ତି । ସମବାୟ କମଣ (ପ୍ରୋସେସିଙ୍ଗ୍) କାର୍ଯ୍ୟକ୍ରମର ପ୍ରସାର ଉଦ୍ଦେଶ୍ୟରେ ମୋ ସରକାର ଚଳିତ ବର୍ଷମଧ୍ୟରେ ୩ଟି ଚାଉଳ କଳ ଓ ୩୦ଟି ହଲର ବା ଶ୍ରେଷ୍ଠ ଧାନକୁଟା କଳ ସ୍ଥାପନର ପ୍ରସ୍ତାବ କରିଛନ୍ତି । ଦାନପୁର ସମବାୟ-ଝୋଟ ବିକ୍ରି ବଣ୍ଟା ସମିତିର କାମର ସୁବିଧାନିମନ୍ତେ ଗୋଟିଏ ଝୋଟ ଗଣ୍ଠି କରିବା କଳ (ଜୁଟ୍ ବେଲିଙ୍ଗ୍ ପ୍ଲାଣ୍ଟ୍) ପ୍ରତିଷ୍ଠା କରାଯାଉଛି । ୧୯୬୧ ଏପ୍ରିଲ ସୁଦ୍ଧା ଆସ୍କାଠାରେ ସମବାୟ ଚିନି କାରଖାନାରେ ଉତ୍ପାଦନ ଆରମ୍ଭ ହୋଇଯିବ ବୋଲି ଆଶା କରାଯାଏ । ଚିଲିକା ଅଞ୍ଚଳରେ ବାସ କରୁଥିବା ମତ୍ସ୍ୟଜୀବୀମାନଙ୍କୁ ନେଇ ଯେଉଁସବୁ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିମାନ ଗଠିତ ହୋଇଥିଲା, ସେଗୁଡ଼ିକର କାର୍ଯ୍ୟମଧ୍ୟରେ

ସମନ୍ୱୟ ଆଣିବାନିମନ୍ତେ ବାଲୁଗାଁଠାରେ ଗୋଟିଏ ଶୀର୍ଷ ମତ୍ସ୍ୟଜୀବୀ ସମବାୟ ସମିତି ପ୍ରତିଷ୍ଠା କରାଗଲାଣି । ସ୍ୱଳ୍ପାକାର ଋଣ ସମବାୟ ସମିତିଗୁଡ଼ିକର ପୁନର୍ଗଠନ ଓ ଦୃଢ଼ୀକରଣନିମନ୍ତେ ମଧ୍ୟ ମୋ ସରକାର ଏକ ବଡ଼ ଧରଣର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଶେଷକୁ ଏଗୁଡ଼ିକକୁ ସେବା ସମବାୟରେ ପରିଣତ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଛି । ତାହା ଛଡ଼ା ପ୍ରଚଳିତ ସମବାୟ ଆଇନ୍‌କାନୁନ୍ ଯେପରି ଉତ୍ତରୋତ୍ତର ବୃଦ୍ଧି ପାଉଥିବା ସମବାୟ ଆନ୍ଦୋଳନର ଆବଶ୍ୟକତା ତୁଲାଇପାରିବ, ସେଥିପାଇଁ ଏଗୁଡ଼ିକୁ ସହଜ ଓ ଅଧିକ ଉପଯୋଗୀ କରାଇବା ଉଦ୍ଦେଶ୍ୟରେ ମୋ ସରକାର ଉକ୍ତ ନିୟମକୁ ସରଳ କରିବାର ବ୍ୟବସ୍ଥା କରୁଛନ୍ତି ।

## ଜଙ୍ଗଲର ସୁରକ୍ଷା ଓ ବୃଦ୍ଧି

୧୪ । ଜଙ୍ଗଲଗୁଡ଼ିକର ସୁରକ୍ଷା ଓ ବିକାଶ ଏବଂ ସ୍ଥାନୀୟ ଲୋକଙ୍କୁ ଜାଳେଣି ଓ ଗଡ଼ିକାଠ ଯୋଗାଇବା କାର୍ଯ୍ୟରେ ଲୋକଙ୍କର ସହଯୋଗ ଲାଭକରିବା ଉଦ୍ଦେଶ୍ୟରେ ମୋ ସରକାର ଜିଲ୍ଲା ଓ ରାଜ୍ୟ ସ୍ତରରେ ଜଙ୍ଗଲ ପରାମର୍ଶଦାତା କମିଟିମାନ ଗଠନ କରିଛନ୍ତି । ଜଙ୍ଗଲ ପରିଚାଳନା ବିଷୟରେ ସରକାରଙ୍କୁ ଏହି କମିଟିଗୁଡ଼ିକ ପରାମର୍ଶ ଦେବେ । ଜଙ୍ଗଲ ବିଭାଗ ଗତ ତିନିବର୍ଷରୁ ହାରାହାରି ପ୍ରଚଳିତ ଦରରେ ବିଭିନ୍ନ ଜଙ୍ଗଲ ଶ୍ରମିକ ସମବାୟ ସମିତିକୁ ଫୁଲଝାଡ଼ୁ ଓ ହରିଡ଼ା ଇତ୍ୟାଦି ଗୌଣ ଜଙ୍ଗଲଜାତ ଦ୍ରବ୍ୟ ଠିକା ଦେଇଛନ୍ତି । ଏ ଭଳି ସମିତିରେ ଆଦିବାସୀମାନେ ବହୁସଂଖ୍ୟାରେ ସଭ୍ୟ ଅଛନ୍ତି ଓ ଏହା ଫଳରେ ସେମାନଙ୍କ ଆର୍ଥିକ ଦୁରବସ୍ଥା ବହୁ ପରିମାଣରେ ସୁଧୁରିଯିବ । ବାଲେଶ୍ୱର ଜିଲ୍ଲାରେ ହୋଇଥିବା ଗତ ଝଡ଼ତୋଫାନ ଫଳରେ ଦେଖାଯାଇଛି ଯେ ସମୁଦ୍ର କୂଳେ କୂଳେ ଜଙ୍ଗଲ ରହିବା ନିତାନ୍ତ ଆବଶ୍ୟକ । ଯେଉଁସବୁ ଅଞ୍ଚଳରେ କିଛି କିଛି ଜଙ୍ଗଲ ରହିଛି ସେଠାରେ କ୍ଷତିର ପରିମାଣ କମ୍ ହୋଇଛି । ଗତବର୍ଷମଧ୍ୟରେ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ମୋଟ ୪୫୦୦ ଏକର ଭୂମିରେ ଝାଉଁ, ଲଙ୍କାଆମ୍ବ ଓ ଇଉକାଲିପଟାସ୍ ଲଗାଯାଇଛି । ଏବର୍ଷ (୧୯୬୯-୭୦ରେ) ସେହିପରି ୪୭୦୦ ଏକର ଜମିରେ ବୃକ୍ଷରୋପଣ କରାଯାଇଛି । ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଏ ଭଳି ବୃକ୍ଷରୋପଣର ଏକ ବିଶେଷ କାର୍ଯ୍ୟକ୍ରମ ବିଷୟରେ ମୋ ସରକାର ବିଚାର କରୁଛନ୍ତି ।

## ଶିଳ୍ପ ବିକାଶ ପାଇଁ ପ୍ରଚେଷ୍ଟା

୧୫ । ମୋର ଗତବର୍ଷର ଅଭିଭାଷଣରେ ବେସରକାରୀ କ୍ଷେତ୍ରରେ ପ୍ରସ୍ତାବିତ ଶିଳ୍ପବିକାଶ ସମ୍ପର୍କରେ ମୁଁ କେତେକ ସୂଚନା ଦେଇଥିଲି । ତାହାପରଠାରୁ ଏଦିଗରେ ନିମ୍ନଲିଖିତ ଅଗ୍ରଗତି ହାସଲ ହୋଇପାରିଛି । କଣ୍ଟାଲୁହା ଓ ଲୌହମିଶ୍ରିତ ଧାତୁ ଉତ୍ପାଦନପାଇଁ କେନ୍ଦୁଝର ଜିଲ୍ଲାର ବଡ଼ବିଲଠାରେ ଗୋଟିଏ ଲୋ ସାଫ୍ଟ ଫର୍ଣ୍ଣେସ୍ ସ୍ଥାପନକରିବାପାଇଁ କଳିଙ୍ଗ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଲାଇସେନ୍‌ସ୍ ପାଇଛନ୍ତି ଓ ୧୯୬୯ ଅଗଷ୍ଟ ମାସରୁ ଏଠାରେ ଉତ୍ପାଦନ ଆରମ୍ଭ ହୋଇଛି । କଳିଙ୍ଗ ଟ୍ୟୁବ୍‌ସ୍ ଲିମିଟେଡ୍ ଙ୍କର ଚୌଦ୍ୱାରଠାରେ ଥିବା କାରଖାନାରୁ ଇସ୍ପାତ୍ ବଲେଟ୍ ତିଆରିପାଇଁ ଲାଇସେନ୍‌ସ୍ ପାଇଛନ୍ତି । ଟିଟାଗଡ଼ ପେପର ମିଲ୍‌ସ୍ ଲିମିଟେଡ୍ ଚୌଦ୍ୱାରଠାରେ ବାର୍ଷିକ ସବୁ କିସମର ୧୨୦୦୦ଟନ୍ କାଗଜ ଉତ୍ପାଦନ କଲାଭଳି ଗୋଟିଏ କାଗଜ କାରଖାନାପାଇଁ ଲାଇସେନ୍‌ସ୍ ପାଇଛନ୍ତି । ଏହି କାରଖାନା ତିଆରି ଇତ୍ୟାଦି କାର୍ଯ୍ୟ ବହୁତ ଆଗେଇଗଲାଣି । ୧୯୭୦ମାର୍ଚ୍ଚ-

ସୁଦ୍ଧା ଏହି କାରଖାନାରେ ଉତ୍ପାଦନ ଆରମ୍ଭ ହେବାର ଆଶାକରାଯାଏ । କୋରାପୁଟ ଜିଲ୍ଲାର ସିଂହପୁରଠାରେ ବାର୍ଷିକ ୧୮୦୦୦ ଟନ୍ ଉତ୍ପାଦନ କଲା ଭଳି ଗୋଟିଏ କାଗଜ କଳ ବସାଇବାପାଇଁ ମେସର୍ସ ଷ୍ଟ୍ରା ପ୍ରଡକ୍ଟସ୍ ଲାଇସେନ୍ସ୍ ପାଇଛନ୍ତି । ଏହି କାରଖାନା ବସାଇବାପାଇଁ ସେମାନେ ବର୍ତ୍ତମାନ ବ୍ୟବସ୍ଥା କରୁଛନ୍ତି । ରାୟଗଡ଼ାଠାରେ ମେସର୍ସ ଜୟପୁର ସୁଗାର ଲିମିଟେଡ୍‌ଙ୍କର ଯେଉଁ ଶିଳ୍ପାନୁଷ୍ଠାନ ରହିଛି, ସେଠାରେ ଫେରୋମାଙ୍ଗାନିଜ୍ ତିଆରିପାଇଁ ସେମାନେ ଉକ୍ତ ଅନୁଷ୍ଠାନର ଯଥେଷ୍ଟ ସଂପ୍ରସାରଣ କରାଇବାନିମିତ୍ତ ଲାଇସେନ୍ସ୍ ପାଇଛନ୍ତି । ଏହି ସଂପ୍ରସାରଣ ହୋଇଗଲେ ସେମାନେ ବାର୍ଷିକ ୨୪୦୦୦ ଟନ୍ ଉତ୍ପାଦନପାଇଁ ସମର୍ଥ ହେବେ । ମେସର୍ସ ଇଣ୍ଡିଆନ୍ ଆଲ୍ୟୁମିନିୟମ୍ କମ୍ପାନୀ ଲିମିଟେଡ୍‌ଙ୍କ ହୀରାକୁଦରେ ଥିବା କାରଖାନାରୁ ବର୍ତ୍ତମାନ ବର୍ଷକୁ ୧୦,୦୦୦ ଟନ୍, ଆଲ୍ୟୁମିନିୟମ୍ ପିଣ୍ଡ ଉତ୍ପାଦନ କରାଯାଉଛି । ଏହି ଉତ୍ପାଦନ ଶକ୍ତିକୁ ୨୦,୦୦୦ ଟନ୍‌କୁ ବଢ଼ାଇଦେବାପାଇଁ କାରଖାନାର ସଂପ୍ରସାରଣନିମନ୍ତେ ସେମାନେ ଏବେ ଲାଇସେନ୍ସ୍ ପାଇଛନ୍ତି । ସମ୍ବଲପୁର ଜିଲ୍ଲାର ବେଲପାହାଡ଼ଠାରେ ଗୋଟିଏ ଅଗ୍ନିସହନଶୀଳ ( ରିଫ୍ରାକ୍‌ଟୋରି ) ଇଷ୍ଟକ କାରଖାନା ପ୍ରତିଷ୍ଠାପାଇଁ ଟାଟା କମ୍ପାନୀ ଲାଇସେନ୍ସ୍ ପାଇଛନ୍ତି । ତାଙ୍କର କାରଖାନା ନିର୍ମାଣକାର୍ଯ୍ୟ ଶେଷ ହେଲାଣି । ଓଡ଼ିଶା ଫାୟାର୍ ବ୍ରିକ୍‌ସ୍ ଏଣ୍ଡ୍ ପଟେରିଜ୍ ଲିମିଟେଡ୍ ଝାରସୁଗୁଡ଼ାଠାରେ ଅଗ୍ନିଇଷ୍ଟକ ଓ ମୃଣ୍ମୟ ପାତ୍ର ତିଆରି କରିବାପାଇଁ ଲାଇସେନ୍ସ୍ ନେଇଛନ୍ତି । ସେମାନେ କାରଖାନା ଘରପାଇଁ ଜମି କିଣିସାରିଲେଣି । ଆଉ ମଧ୍ୟ ସେମାନେ ଆବଶ୍ୟକୀୟ ଯନ୍ତ୍ରପାତିର ଶତକଡ଼ା ୬୦ ଭାଗ ପାଇସାରିଛନ୍ତି । ବାର୍ଷିକ ୧୨୦୦ ଟନ୍ ମାଙ୍ଗାନିଜ୍ ଡାଇଅକ୍‌ସାଇଡ୍ ଉତ୍ପାଦନକ୍ଷମ ଏକ ନୂତନ ଶିଳ୍ପ ପ୍ରତିଷ୍ଠାନ ଢେଙ୍କାନାଳଠାରେ ବସାଇବାପାଇଁ କଲିକତାର ଶ୍ରୀ ଏ. ଆର. ଚୌଧୁରୀ ଏବେ ନିକଟରେ ଲାଇସେନ୍ସ୍ ପାଇଛନ୍ତି । କେତେକ ପ୍ରକାର ଶିଳ୍ପଯନ୍ତ୍ରପାତି ତିଆରି କରିବାପାଇଁ ହୀରାକୁଦଠାରେ ଏକ ଶିଳ୍ପ ପ୍ରତିଷ୍ଠାନ ବସାଇବାନିମନ୍ତେ ବମ୍ବେର ମେସର୍ସ ଲାର୍ସେନ୍ ଏଣ୍ଡ୍ ଟୁବ୍ରୋ ଲିମିଟେଡ୍ ଲାଇସେନ୍ସ୍ ପାଇଛନ୍ତି । ବରଗଡ଼ଠାରେ ୧୨,୦୦୦ ତାକୁଡ଼ିବିଶିଷ୍ଟ ଗୋଟିଏ ସମବାୟ ସୂତାକଳ ପ୍ରତିଷ୍ଠାପାଇଁ ଭାରତ ସରକାର ଲାଇସେନ୍ସ୍ ଦେଇଛନ୍ତି । ଏହାର ଅଂଶ ମୂଳଧନ ବାବଦରେ ପ୍ରାଥମିକ ବୁଣାକାର ସମବାୟ-ସମିତିମାନଙ୍କଠାରୁ ଏପର୍ଯ୍ୟନ୍ତ ଟ ୧,୧୩,୦୦୯ ଉଠାଯାଇଛି । ଖୁବ୍ ନିକଟରେ ଆଉ ୭ ଲକ୍ଷ ଟଙ୍କା ଉଠାଇବାପାଇଁ ବ୍ୟବସ୍ଥା କରାଯାଉଛି । ରାୟଗଡ଼ା ଚିନିକଳ ନିଜର ବାର୍ଷିକ ଉତ୍ପାଦନ ବଢ଼ାଇ ୨୪,୦୦୦ ଟନ୍ କରିବାନିମନ୍ତେ ଲାଇସେନ୍ସ୍ ପାଇଛନ୍ତି । ଆସ୍କା ସମବାୟ ଚିନିକଳ ଲିମିଟେଡ୍ ଗୋଟିଏ ଚିନିକଳ ବସାଇବାପାଇଁ ଲାଇସେନ୍ସ୍ ପାଇଛନ୍ତି ଓ ଏହିଦିଗରେ ସନ୍ତୋଷଜନକ ଅଗ୍ରଗତି କରିଛନ୍ତି । ଏହି କମ୍ପାନୀର ଅଂଶ-ମୂଳଧନ ରୂପେ ୧୩.୭୪ ଲକ୍ଷ ଟଙ୍କା ଆଦାୟ ହୋଇଛି । ଏପର୍ଯ୍ୟନ୍ତ ମୋ ସରକାର ଏଥିରୁ ୧୦ଲକ୍ଷ ଟଙ୍କାର ଅଂଶ କିଣିଛନ୍ତି ଓ ତା' ଛଡ଼ା ଆଉ ୧୦ଲକ୍ଷ ଟଙ୍କାର ଅଂଶ କିଣିବାପାଇଁ ବନ୍ଦୋବସ୍ତ କରୁଛନ୍ତି । ଆଉ ମଧ୍ୟ ଇଣ୍ଡଷ୍ଟ୍ରିଆଲ୍ ଫାଇନାନ୍‌ସିଆଲ୍ କର୍ପୋରେସନ୍ ଓ ଅନ୍ୟାନ୍ୟ ବ୍ୟବସାୟୀ ବ୍ୟାଙ୍କ୍‌ରୁ ଋଣ ପାଇବାର ଉପାୟ କରାଯାଉଛି । କାରଖାନାପାଇଁ ଆବଶ୍ୟକ ଜମିରୁ ବହୁତ ଭାଗ ଦଖଲ ନିଆସରିଛି ଏବଂ ୧୯୬୦ ଅକ୍ଟୋବର ମଧ୍ୟରେ ଯନ୍ତ୍ରପାତି ଯୋଗାଇ ଦେବାପାଇଁ କଲିକତାର ମେସର୍ସ ଷ୍ଟ୍ୟାକ୍‌ସ୍-ମେସ୍ ଲିମିଟେଡ୍‌ଙ୍କ ସହିତ ଚୁକ୍ତି ସମ୍ପାଦିତ ହୋଇଛି । ୧୯୬୧ ନଭେମ୍ବରରେ ଏହି କାରଖାନାରେ ଉତ୍ପାଦନ ଆରମ୍ଭ ହେବାର ଆଶା କରାଯାଏ ।

# ଉତ୍କଳ ପ୍ରସଙ୍ଗ

## ଶିଳ୍ପ ପାଇଁ ସାହାଯ୍ୟର ସୁବିଧା

ଦେଶରେ ଶିଳ୍ପ କ୍ଷେତ୍ରରେ ଅଧିକ ଉତ୍ପାଦନପାଇଁ ମନୋବୃତ୍ତି ସୃଷ୍ଟି କରିବାକୁ ଏବଂ ଶିଳ୍ପକୌଶଳ ଓ ପଦ୍ଧତିମାନ ଉନ୍ନତ କରିବାନିମନ୍ତେ ଉପଯୁକ୍ତ ବାତାବରଣ ସୃଷ୍ଟି କରିବାପାଇଁ ଭାରତ ସରକାର ଏକ ଜାତୀୟ ଉତ୍ପାଦିକାଶକ୍ତି ପରିଷଦ ( ନ୍ୟାସନାଲ୍ ପ୍ରଡକ୍ଟିଭିଟି କାଉନ୍‌ସିଲ୍ ) ବସାଇଛନ୍ତି । ଏହି ନୀତି ଅନୁସରଣ କରି ମୋ ସରକାର ରାଜ୍ୟର ବିଭିନ୍ନ ଶିଳ୍ପ କେନ୍ଦ୍ରରେ ୭ ଟି ସ୍ଥାନୀୟ ଉତ୍ପାଦିକାଶକ୍ତି କାଉନ୍‌ସିଲ୍ ପ୍ରତିଷ୍ଠା କରିବାପାଇଁ ସ୍ଥିର କରିଛନ୍ତି । ଏଥିମଧ୍ୟରୁ କଟକରେ ସ୍ଥାନୀୟ ଉତ୍ପାଦିକାଶକ୍ତି କାଉନ୍‌ସିଲ୍ ତତ୍ପରତାର କାର୍ଯ୍ୟ ଆରମ୍ଭ ହେଲାଣି । କ୍ଷୁଦ୍ରଶିଳ୍ପର ବିକାଶପାଇଁ ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନ୍ ୧୯୫୯ ଡିସେମ୍ବର ଶେଷସୁଦ୍ଧା ଟ ୭୩,୪୫,୦୦୦ ଋଣ ମଞ୍ଜୁର କରିଥିଲେ । ଅଗ୍ରଗାମୀ ଯୋଜନା ପରିକଳ୍ପନା ଅଧୀନରେ ଜଏଣ୍ଟ ଷ୍ଟକ୍ କମ୍ପାନିମାନଙ୍କରେ ରାଜ୍ୟ ସରକାର ଅଂଶ ଆକାରରେ ୧୯୫୭-୫୮ ମସିହାରେ ୧୧.୫୫ ଲକ୍ଷ ଟଙ୍କା ଓ ୧୯୫୮-୫୯ ମସିହାରେ ୧୬.୭୫ ଲକ୍ଷ ଟଙ୍କା ଖଟାଇଥିଲେ । ଗତବର୍ଷଠାରୁ ଏହି ପରିକଳ୍ପନା ଅଧୀନରେ ୩୦ଟି ବେସରକାରୀ ଲିମିଟେଡ୍ କମ୍ପାନୀ ଗଠିତ ହୋଇଛି । ଓ ସେଥିମଧ୍ୟରୁ ୧୦ଟି କମ୍ପାନୀ ଉତ୍ପାଦନ ଆରମ୍ଭକରିଛନ୍ତି । କିନ୍ତୁ ମେସର୍ସ କଳିଙ୍ଗ ସେରାମିକ୍ ଇଣ୍ଡଷ୍ଟ୍ରିଜ୍ ଓ ମେସର୍ସ ରାଉରକେଲା ଫ୍ରୁଟ୍ ପ୍ରଡକ୍ଟସ୍ ନାମକ ଦୁଇଟି ପ୍ରତିଷ୍ଠାନ କାର୍ଯ୍ୟକାରୀ ହୋଇ ନ ଥିବାରୁ ସେଗୁଡ଼ିକୁ ବନ୍ଦ କରିଦେବାପାଇଁ କାର୍ଯ୍ୟାନୁଷ୍ଠାନ କରାଯାଇଛି । ଅନ୍ୟ ପ୍ରତିଷ୍ଠାନଗୁଡ଼ିକ ଯନ୍ତ୍ରପାତି କ୍ରୟ, କର୍ମଚାରୀ ନିଯୁକ୍ତି, ଘରବାଡ଼ି ତିଆରି, କଞ୍ଚାମାଲ କ୍ରୟ ଇତ୍ୟାଦି କାର୍ଯ୍ୟରେ ଆଗେଇ ଯାଇଛନ୍ତି । ଶିଳ୍ପ କାରିଗରମାନଙ୍କୁ ଆଧୁନିକଯନ୍ତ୍ରପାତିଦ୍ୱାରା କାର୍ଯ୍ୟ କରିବାପାଇଁ ସୁବିଧା ଦେବା ଓ ସେମାନଙ୍କ ବ୍ୟବସାୟ ସମ୍ପର୍କରେ ଉନ୍ନତତର ଜ୍ଞାନ ଶିକ୍ଷା ଦେବା ଉଦ୍ଦେଶ୍ୟରେ ମୋଟ ୬ଟି ଶିଳ୍ପଧନ୍ଦା ବିଷୟକ ମରାମତି କାରଖାନା ବସାଇବାପାଇଁ ସ୍ଥିର କରାଯାଇଛି । ଏଗୁଡ଼ିକ କମାର୍ କାମ, ବଢ଼େଇ କାମ, ଦର୍ଜି କାମ, ଶିଙ୍ଗକାମ ଓ ଉପଯୁକ୍ତ ସ୍ଥାନମାନଙ୍କରେ ଯେଉଁଠି କାରିଗରମାନେ ବେଶି ସଂଖ୍ୟାରେ ଠୁଳ ହୋଇ ରହିଛନ୍ତି, ସେଠାରେ ତାରକସୀ ଓ ଚମଡ଼ା କାମ । ବ୍ୟକ୍ତିଗତଭାବେ କାରିଗରମାନଙ୍କୁ ଆଂଶିକ ସାହାଯ୍ୟ (ସବ୍‌ସିଡି) ଦେବାର ଯେଉଁ ପରିକଳ୍ପନା ଆଗେ ଥିଲା, ତାହା ବଦଳରେ ଏହି ପରିକଳ୍ପନା ସ୍ଥିର କରାଯାଇଛି । ଏହି ପରିକଳ୍ପନା ଅନୁସାରେ କାରିଗରମାନେ କେନ୍ଦ୍ର ସ୍ଥାନରେ ରଖାଯାଇଥିବା କଳକବ୍ଜା ବ୍ୟବହାର କରିବାର ସୁବିଧା ଓ ଆଧୁନିକ ଉତ୍ପାଦନ ପ୍ରଣାଳୀରେ ତାଲିମ ପାଇବାର ସୁବିଧା ପାଇପାରିବେ । ଏପର୍ଯ୍ୟନ୍ତ କମାର୍ କାମ, ବଢ଼େଇ କାମ, ସିଙ୍ଗ କାମ, ତାରକସୀ, ଦର୍ଜି କାମ ଓ ଚମଡ଼ା କାମପାଇଁ ୧୦ଟି ସାଧାରଣ ମରାମତି କେନ୍ଦ୍ର ମଞ୍ଜୁର କରାଯାଇଛି । ୯ଟି କେନ୍ଦ୍ରରେ କାମ ଆରମ୍ଭହେଲାଣି । କଟକରେ ଗୋଟିଏ ମୃତ୍ତିକାଶିଳ୍ପ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଝାରସୁଗୁଡ଼ାଠାରେ ଥିବା ମୃତ୍ତିକାଶିଳ୍ପ ଉନ୍ନୟନ କେନ୍ଦ୍ରରେ ଗୋଟିଏ ଟାଇଲ୍ ତିଆରି ବିଭାଗ ଯୋଗ କରାଯାଇ ତାହାର ସଂପ୍ରସାରଣ କରାଯାଇଛି । କେନ୍ଦ୍ରାପଡ଼ା, ଯାଜପୁର ଓ ବାଲେଶ୍ୱରଠାରେ ତିନୋଟି ଟାଇଲ୍ ତିଆରି କାରଖାନା ବସାଇବାପାଇଁ ବ୍ୟବସ୍ଥା କରାଯାଇଛି । ଏହି କେନ୍ଦ୍ରଗୁଡ଼ିକରେ ଆସନ୍ତା ଆର୍ଥିକ ବର୍ଷଠାରୁ ଉତ୍ପାଦନ ଆରମ୍ଭ କରାଯିବ । ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାର ଝାରସୁଗୁଡ଼ାଠାରେ ବର୍ଷକୁ ୨୦ ଜଣ ଲୋକଙ୍କୁ ବିଦ୍ୟୁତ୍‌ଚାଳିତ ଯନ୍ତ୍ରପାତି ସାହାଯ୍ୟରେ ରାଣୀଗଞ୍ଜ ଟାଇଲ୍ ତିଆରି କୌଶଳ ଶିକ୍ଷା ଦେବାପାଇଁ ଗୋଟିଏ ତାଲିମ କେନ୍ଦ୍ର ମଞ୍ଜୁର କରାଯାଇଛି ।

## ହୀରାକୁଦ ଯୋଜନାର ଅବଶିଷ୍ଟ କାର୍ଯ୍ୟ

କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା ପରେ ମୋ ସରକାର ସ୍ଥିର କରିଛନ୍ତି ଯେ ୧୯୬୦ ଏପ୍ରିଲ ପହିଲାଠାରୁ ହୀରାକୁଦ ବନ୍ଧ ଯୋଜନାର ଅବଶିଷ୍ଟ ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣକାର୍ଯ୍ୟ ସମେତ (ଚିପିଲିମା ପାୱାର ହାଉସ) ସମୁଦାୟ ହୀରାକୁଦ ଯୋଜନାର ଦାୟିତ୍ୱ ହାତକୁ ନେବେ । ହିସାବ କରି ଦେଖାଯାଇଛି ଯେ ୧୯୬୦ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଯୋଜନାର ପ୍ରଥମ ପର୍ଯ୍ୟାୟରେ ମୋଟ ଖର୍ଚ୍ଚ ୬୫ କୋଟି ଟଙ୍କା ହେବ । ଏଥିରେ ମୂଳଧନ ଉପରେ ଦାବୀ ହେଉଥିବା ସୁଧ ମିଶି ନାହିଁ । ୧୯୫୯-୬୦ ଶେଷସୁଦ୍ଧା ଏହି ସୁଧର ପରିମାଣ ୧୬.୨୩ କୋଟି ଟଙ୍କା ହେବ । ୧୯୫୯ ଡିସେମ୍ବର ଶେଷସୁଦ୍ଧା ହୀରାକୁଦ କେନାଲରୁ ୩,୩୫,୭୬୦ ଏକର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ୧୯୬୦ ମାର୍ଚ୍ଚ ଶେଷସୁଦ୍ଧା ଜମି ନିକଟକୁ ମାହାର ଖୋଳାକାମ ସମ୍ପୂର୍ଣ୍ଣ ହେବ । ଆଶା କରାଯାଉଛି ଯେ ଆସନ୍ତା ଶାରଦ ଫସଲ ପୂର୍ବରୁ ସମୁଦାୟ ଜଳସେଚନ ଉପଯୋଗୀ ଅଞ୍ଚଳ ଅର୍ଥାତ୍ ୩,୮୦,୦୦୦ ଏକର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯିବ । ତ୍ରିକୋଣଭୂମି ଜଳସେଚନ ଯୋଜନା ଅନୁସାରେ ୨୫୦ ମାଇଲ ପ୍ରଧାନ କେନାଲ ଓ ଶାଖା କେନାଲ ଏବଂ ୩୭୭ ମାଇଲ କରନାଲ ଓ ମାହାର ଖୋଳା ଯିବାର ପ୍ରସ୍ତାବ ଥିଲା । ସେଥିରୁ କରନାଲ ସମେତ ୧୨୫ ମାଇଲ ନୂଆ କେନାଲ ଖୋଳାଯାଇଛି ଏବଂ ୧୮୯ମାଇଲ ପୁରୁଣା କେନାଲର ପୁନର୍ନିର୍ମାଣ କରାଯାଇଛି । ପ୍ରଧାନ ପୁରୀ କେନାଲ ଏବଂ ଗୋପ ଓ କାକଟପୁର ଶାଖା କେନାଲ କାର୍ଯ୍ୟରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି ଘଟିଛି ଏବଂ ନୂଆ କେନାଲର କେତେକ ଜାଗାରେ ପୋଲ ତିଆରି ସରିଛି । ବାସଚ୍ୟୁତ ଲୋକମାନଙ୍କର ଥଇଥାନ କାର୍ଯ୍ୟରେ ବେଶ୍ ଅଗ୍ରଗତି ହୋଇଛି । ମୋଟ ୧୦,୨୨୮.୧୪ ଏକର ନୟାବାଦ ଜମିମଧ୍ୟରୁ ଥଇଥାନ ହୋଇଥିବା ବ୍ୟକ୍ତିଙ୍କୁ ୭,୦୭୭.୮୯ ଏକର ଜମି ଯୋଗାଇ ଦିଆଯାଇଛି । ଏହା ଛଡ଼ା ହୀରାକୁଦ ଜଳଭଣ୍ଡାର ଚତୁଃସୀମାରେ ବସବାସ କରୁଥିବା ବାସଚ୍ୟୁତ ବ୍ୟକ୍ତିଙ୍କ ପୁନର୍ବସତିନିମିତ୍ତ ସୁବିଧା ଯୋଗାଇ ଦିଆଯାଇଛି । ୧୪ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା, ସ୍କୁଲ, ଗୋଷ୍ଠୀ କେନ୍ଦ୍ର ପ୍ରଭୃତି ସୁବିଧା ଯୋଗାଇବାର ଗୋଟିଏ ପରିକଳ୍ପନା ମଞ୍ଜୁର କରାଯାଇଛି ଏବଂ ଚଳିତ ବର୍ଷ ଏହି ପରିକଳ୍ପନା କାର୍ଯ୍ୟକାରୀ ହେଉଛି ।

## ରାଉରକେଲା ଇସ୍ପାତ କାରଖାନା ଓ ସ୍ଥାନଚ୍ୟୁତ ଲୋକମାନଙ୍କ ଥଇଥାନ

ରାଉରକେଲା ଇସ୍ପାତ ଯୋଜନା ସନ୍ତୋଷଜନକ ଅଗ୍ରଗତି କରି ଚାଲିଛି । ଏପର୍ଯ୍ୟନ୍ତ ଦୁଇଟି ବ୍ଲାଷ୍ଟ ଫରନେସ୍ ଓ ଗୋଟିଏ ଓପନ୍ ହାର୍ଥ ଫରନେସ୍ ଚାଲୁ କରାଯାଇଛି । ଆଉ ମଧ୍ୟ ବ୍ଲୁମିଂ ଓ ସ୍ଲାବିଂମିଲ୍, ଷ୍ଟିଲ୍ ମେଲ୍ଟିଂ ସପ୍ ଓ ଏଲ୍. ଡି. ପ୍ଲାଣ୍ଟରେ କାମ ଆରମ୍ଭ ହୋଇଛି । ଇସ୍ପାତ କାରଖାନା ଓ ସହର ବସାଇବାପାଇଁ ମୋଟ ୨୦,୪୮୬.୫୧ ଏକର ଜମି ଆବଶ୍ୟକ ହେଉଥିଲା । ସେଥିମଧ୍ୟରୁ ୧୯,୬୮୫.୬୦ ଏକର ଜମି ଦଖଲ କରାଯାଇଛି ଏବଂ ସ୍ଥାନଚ୍ୟୁତ ଲୋକମାନଙ୍କର ଜମି, ଘର ଇତ୍ୟାଦି ଦଖଲ କରିବାପାଇଁ ସେମାନଙ୍କୁ ୮୫.୬୭ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଛି । ପ୍ରାୟ ୧୯୩ଟି ପରିବାରକୁ ସ୍ଥାନଚ୍ୟୁତ କରାଯାଇଛି ଓ ସେମାନଙ୍କ-ମଧ୍ୟରୁ ଅଧିକାଂଶଙ୍କୁ ସରକାରଙ୍କ ଦାୟିତ୍ୱରେ ପରିଚାଳିତ ପୁନର୍ବସତି କଲୋନୀ ଓ ନୟାବାଦ ବ୍ଲକ (ରିକ୍ଲାମେସନ୍ ବ୍ଲକ)ରେ ଥଇଥାନ କରାଯାଇଛି । ଇସ୍ପାତ କାରଖାନାପାଇଁ ପୂରାପୂରି ଗାଁମାନ ଦଖଲ କରାଯିବାରୁ ଏହା ଲୋକଙ୍କୁ ବିଶେଷ ବାଧିଥିଲା । ତେଣୁ ସ୍ଥାନଚ୍ୟୁତ ବ୍ୟକ୍ତିମାନଙ୍କୁ ବିନା ମୂଲ୍ୟରେ ଘରଡିହ, ଜମି ଓ ଜଣେ ବ୍ୟକ୍ତିଙ୍କୁ

୩।୩ ଏକରରୁ ଅନଧିକ ଆବାଦଯୋଗ୍ୟ ଜମି ଦିଆଯାଇଛି । ସେହି ଜମି ଆବାଦ କରିବାପାଇଁ ସ୍ଥାନଚ୍ୟୁତ ବ୍ୟକ୍ତିମାନଙ୍କୁ ଏକରପିଛା ୧୦୦ ଟଙ୍କା ସାହାଯ୍ୟ ଓ ପରିବାରପିଛା ୨୦୦ ଟଙ୍କାରୁ ୪୦୦ ଟଙ୍କା ପର୍ଯ୍ୟନ୍ତ ଗୃହ ତିଆରି ସାହାଯ୍ୟ ଆକାରରେ ମୋ ସରକାର ଆର୍ଥିକ ସାହାଯ୍ୟ ଦେଇଆସୁଛନ୍ତି । ଆଉ ମଧ୍ୟ ସେମାନଙ୍କୁ ରାସ୍ତା, ଜଳଯୋଗାଣ, ସ୍କୁଲ ଓ ପାର୍କ ପ୍ରଭୃତି ମୌଳିକ ସୁବିଧାମାନ ଯୋଗାଇ ଦେଇ ପୁନର୍ବସତି କଲୋନୀଗୁଡ଼ିକର ଉନ୍ନୟନ ବ୍ୟବସ୍ଥା ରାଜ୍ୟ ସରକାର ଗ୍ରହଣ କରିଛନ୍ତି । ଏ ସମ୍ପର୍କରେ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରାୟ ୨୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ।

ସ୍ଥାନଚ୍ୟୁତ ବ୍ୟକ୍ତିମାନଙ୍କୁ ବେଦଖଲ ଓ ଥଇଥାନ କରିବା ପ୍ରଶ୍ନ ସମ୍ପର୍କୀୟ ସମସ୍ତ ବିଷୟକୁ ତ୍ୱରାରେ ବିଚାର କରିବାପାଇଁ ଓ ସେଥିପ୍ରତି ଉପଯୁକ୍ତ ଧ୍ୟାନ ଦେବାପାଇଁ ନଦୀ-ଉପତ୍ୟକା ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ସଭାପତିତ୍ୱରେ ୧୯୫୮ ମସିହା ଡିସେମ୍ବର ମାସରେ ରାଜ୍ୟ ସରକାର "ରାଉରକେଲା ଓ ମନ୍ଦିରା ପୁନର୍ବସତି ଉପଦେଷ୍ଟା କମିଟି" ଗଠନ କରିଛନ୍ତି । ଆଉ ମଧ୍ୟ ସରକାର ୧୯୫୯ ଡିସେମ୍ବର ମାସରେ ମୁଖ୍ୟମନ୍ତ୍ରୀଙ୍କ ସଭାପତିତ୍ୱରେ "ରାଉରକେଲା ଉନ୍ନୟନ ସମନ୍ୱୟ କମିଟି" ଗଠନ କରିଛନ୍ତି । ରାଉରକେଲା ଉନ୍ନୟନ ସମ୍ପର୍କୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକର ଯେପରି ଯଥାସମ୍ଭବ ତୁରନ୍ତ ନିଷ୍ପତ୍ତି ହେବ, ସେଥିପାଇଁ ସରକାରଙ୍କ ସଂପୃକ୍ତ ବିଭାଗମାନଙ୍କମଧ୍ୟରେ ଆବଶ୍ୟକମତେ ସମନ୍ୱୟ ଆଣିବା ଏହି କମିଟି ଗଠନର ଉଦ୍ଦେଶ୍ୟ । ୧୯୫୯ ଏପ୍ରିଲ ମାସରେ ନଦୀଉପତ୍ୟକା ଉନ୍ନୟନମନ୍ତ୍ରୀ, ବିରୋଧୀଦଳର ନେତା ଓ ବିଧାନ ସଭାର ୫ ଜଣ ସଭ୍ୟଙ୍କୁ ନେଇ ଗଠିତ ରାଉରକେଲା ତଦନ୍ତ କମିଟି ରାଉରକେଲା ପରିଦର୍ଶନ କରି ଏବଂ ସ୍ଥାନଚ୍ୟୁତ ବ୍ୟକ୍ତି-ମାନଙ୍କଦ୍ୱାରା ଆଗତ ବିଭିନ୍ନ ଦାବୀ ପରୀକ୍ଷାକରି ଗୋଟିଏ "ରାଉରକେଲା ବିଷୟକ ରିପୋର୍ଟ" ଦାଖଲ କରିଥିଲେ । ମୋ ସରକାର ଏହି ରିପୋର୍ଟକୁ ତତ୍ପରତାର ସହ ବିଚାର କରୁଛନ୍ତି । ଆଉ ମଧ୍ୟ ମୋ ସରକାର ସ୍ଥାନୀୟ ଏମ୍ପ୍ଲୟମେଣ୍ଟ୍ ଏକ୍ସଚେଞ୍ଜ୍ ଜରିଆରେ ଏବଂ ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଓ ଭାରତ ସରକାରଙ୍କ ସହିତ ସିଧା ସଳଖ ପତ୍ର ବିନିମୟଦ୍ୱାରା ସ୍ଥାନଚ୍ୟୁତ ବ୍ୟକ୍ତିମାନଙ୍କପାଇଁ ନିଯୁକ୍ତି-ସୁବିଧା ହାସଲ କରିବାକୁ ଉଦ୍ୟମ କରିଛନ୍ତି । ସେମାନଙ୍କ ପ୍ରଚେଷ୍ଟା କେତେକ ପରିମାଣରେ ସଫଳ ହୋଇଛି ଏବଂ ବହୁଲୋକ କମ୍ପାନୀ ଚାକିରିରେ ରହିବା ସଙ୍ଗେ ସଙ୍ଗେ ରାଉରକେଲାରେ ହିନ୍ଦୁସ୍ଥାନ ଷ୍ଟିଲ୍ କମ୍ପାନୀ ବସାଇଥିବା ଦୋକାନ ଘର ପ୍ରଭୃତି ପଟ୍ଟା ନେବା ବିଷୟରେ ସାହାଯ୍ୟ ପାଇଛନ୍ତି ।

## ପରିବହନର ପ୍ରସାର

୧୯୫୮-୫୯ ଶେଷ ସୁଦ୍ଧା ସରକାରୀ ପରିବହନ ସଂସ୍ଥା ଅଧୀନରେ ୨୧୭ଟି ଗାଡ଼ି ୭୨ ଲକ୍ଷ ମାଇଲରୁ ଅଧିକ ଚାଲିଥିଲା । ୧୯୫୯-୬୦ ମସିହାରେ ଏଥି ସହିତ ଆଉ ୪୯ଟି ଗାଡ଼ି ଯୋଗ କରାଯାଇଥିଲା (ରାଉରକେଲା ଟାଉନ୍ ସର୍ଭିସ୍ ଚଳାଇବାପାଇଁ ହିନ୍ଦୁସ୍ଥାନ ଇସ୍ପାତ ପ୍ରାଇଭେଟ୍ ଲିମିଟେଡ୍‌ଙ୍କଠାରୁ ନିଆଯାଇଥିବା ୧୭ଟି ଗାଡ଼ି ସମେତ) ଏବର୍ଷମଧ୍ୟରେ ୪ଟି ନୂଆ ରାସ୍ତା ହାତକୁ ନିଆଯାଇଛି ଏବଂ ଆସନ୍ତା ବର୍ଷ ୯ଟି ନୂଆ ରାସ୍ତା ହାତକୁ ନେବାର ପ୍ରସ୍ତାବ ଅଛି । ସରକାରୀ ପରିବହନସଂସ୍ଥାକୁ ଗୋଟିଏ କର୍ପୋରେସନ୍‌ରେ ଅନ୍ତର୍ଭୁକ୍ତ କରି ନ ଗଲେ କୌଣସି ଋଣ ଦେବାକୁ ଯୋଜନା କମିଶନ୍ ମନା କରିବାଯୋଗୁଁ ଉକ୍ତ ପରିବହନ ସଂସ୍ଥାର ଦ୍ରୁତ ସଂପ୍ରସାରଣ ସମ୍ଭବ ହୋଇ ନାହିଁ । ଏପରି କର୍ପୋରେସନ୍ ଗଢ଼ିବାଦ୍ୱାରା ଲାଭ ପରିମାଣ ବହୁତ

ଭାସିଯିବ ଏବଂ ତାହାଦ୍ୱାରା ରାଜ୍ୟର ସମ୍ବଳ ଉପରେ କ୍ଷତିକାରକ ପ୍ରଭାବ ପଡ଼ିବ । ବର୍ତ୍ତମାନ ରାଜ୍ୟ ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ସମ୍ବଳ ସଂଗ୍ରହ କରିବା ଅତ୍ୟାବଶ୍ୟକ ହୋଇଥିବାରୁ ମୋ ସରକାର ଏ ଭଳି କର୍ପୋରେସନ୍ ଗଢ଼ିବାପାଇଁ ଏ ପର୍ଯ୍ୟନ୍ତ ନିଷ୍ପତ୍ତି କରି ନାହାନ୍ତି । ଆଉ ମଧ୍ୟ ୧୯୬୦-୬୧ ମସିହାଠାରୁ ହୀରାକୁଦ ଜଳଭଣ୍ଡାରର ଜଳପଥରେ ଗମନାଗମନର ବ୍ୟବସ୍ଥା ଚଳାଇବାପାଇଁ ମୋ ସରକାର ବିଚାର କରୁଛନ୍ତି ।

## ଶିକ୍ଷାର ଅଗ୍ରଗତି

ରାଜ୍ୟରେ ଶିକ୍ଷାର ପ୍ରସାର ଦିଗରେ ଉଲ୍ଲେଖଯୋଗ୍ୟ ଉନ୍ନତି ହୋଇଛି । ୧୯୫୯-୬୦ ମଧ୍ୟରେ ରାଜ୍ୟରେ ୩୦୦୦ଟି ଅତିରିକ୍ତ ପ୍ରାଥମିକ ସ୍କୁଲ୍ ଶିକ୍ଷକ ନିଯୁକ୍ତ ହୋଇଛନ୍ତି । ୨୨୦୦ ଶିକ୍ଷକଙ୍କୁ ନେଇ ୨୨୦୦ ଟି ଏକଜଣ ଶିକ୍ଷକବିଶିଷ୍ଟ ନୂଆ ପ୍ରାଥମିକ ସ୍କୁଲ୍ ଖୋଲାଯାଇଛି । ଉପର୍ଯ୍ୟୁକ୍ତ ୩୦୦୦ ଶିକ୍ଷକଙ୍କ ମଧ୍ୟରୁ ୨୦୦୦ ଜଣ ଶିକ୍ଷକ ଶିକ୍ଷିତ ବେକାରଙ୍କୁ ସାହାଯ୍ୟ କରିବା ପରିକଳ୍ପନା ଅନୁସାରେ କେନ୍ଦ୍ରଠାରୁ ସମ୍ପୂର୍ଣ୍ଣ ସାହାଯ୍ୟ ନିଆଯାଇ ନିଯୁକ୍ତ କରାଯାଇଛି । ୧୯୬୦-୬୧ ମଧ୍ୟରେ ୨୫୦୦ ଶିକ୍ଷକ ନିଯୁକ୍ତ ହେବାର ପ୍ରସ୍ତାବ ରହିଛି । ଏମାନଙ୍କମଧ୍ୟରୁ ୫୦୦ ଜଣ ସାଧାରଣ ପରିକଳ୍ପନା ଅନୁସାରେ ଓ ଅବଶିଷ୍ଟ ୨୦୦୦ ଜଣ ଶିକ୍ଷିତ ବେକାରଙ୍କୁ ସାହାଯ୍ୟ ପରିକଳ୍ପନା ଅନୁସାରେ ନିଯୁକ୍ତ ହେବେ । ତୃତୀୟ ଯୋଜନାର ଶେଷ ସୁଦ୍ଧା ୬ରୁ ୧୧ ବର୍ଷ ବୟସ ଶ୍ରେଣୀର ସମସ୍ତ ଶିଶୁଙ୍କୁ ସ୍କୁଲରେ ପଢ଼ାଇବାପାଇଁ ଭାରତ ସରକାରଙ୍କ ଯେଉଁ ସିଦ୍ଧାନ୍ତ ରହିଛି, ତଦନୁ ଅନୁଯାୟୀ ଗଞ୍ଜାମ ଜିଲ୍ଲାର ଛତ୍ରପୁର, ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି, କଳାହାଣ୍ଡି ଜିଲ୍ଲାର ଖଡ଼ିଆଳ ଓ କଟକ ଜିଲ୍ଲାର କଟକ ସଦରକୁ ମିଶାଇ ୪ ଟି ଜାତୀୟ ସଂପ୍ରସାରଣ ବ୍ଲକ୍‌ରେ ପରୀକ୍ଷାମୂଳକ-ଭାବେ ସର୍ବଜନୀନ ପ୍ରାଥମିକ ଶିକ୍ଷା ପ୍ରଚଳନ କରାଯାଇଛି । ଦ୍ୱିତୀୟ ଯୋଜନାର ଶେଷ ସୁଦ୍ଧା ୬ ରୁ ୧୧ ବର୍ଷ ବୟସର ଶତକଡ଼ା ୫୦ ଜଣ ଶିଶୁ ସ୍କୁଲରେ ପାଠ ପଢ଼ିପାରିବେ ବୋଲି ଆଶା କରାଯାଉଛି । ଅଧିକ ତାଲିମ-ପ୍ରାପ୍ତ ଶିକ୍ଷକ ନିଯୁକ୍ତ କରିବା ଉଦ୍ଦେଶ୍ୟରେ ୧୯୫୯-୬୦ ରେ ୧୨ ଟି ପ୍ରାଥମିକ ତାଲିମ ସ୍କୁଲ୍ ଖୋଲାଯାଇଛି ଓ ୧୯୬୦-୬୧ ରେ ଆହୁରି ୧୧ ଟି ମୌଳିକ ତାଲିମ ସ୍କୁଲ୍ ଖୋଲାଯିବାର ପ୍ରସ୍ତାବ ରହିଛି । ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ୧୯୬୦-୬୧ ମଧ୍ୟରେ ବାଳିକାମାନଙ୍କପାଇଁ ୧୫ ଟି ମଧ୍ୟ-ଇଂରାଜୀ ସ୍କୁଲ୍, ବାଳକମାନଙ୍କପାଇଁ ୧୦୪ ଟି ମଧ୍ୟ ଇଂରାଜୀ ସ୍କୁଲ୍ ଓ ବାଳକମାନଙ୍କପାଇଁ ୩୩ ଟି ଉଚ୍ଚଇଂରାଜୀ ସ୍କୁଲ୍, ସାହାଯ୍ୟ ଭିତ୍ତିରେ ଖୋଲା-ଯିବାର ପ୍ରସ୍ତାବ ରହିଛି । ସରକାରୀ ପରିଚାଳନାରେ ୨ ଟି ଓ ବେସରକାରୀ ପରିଚାଳନାରେ ୪ ଟି ଏହିପରି ବାଳିକାମାନଙ୍କ ପାଇଁ ଆହୁରି ୬ ଟି ଉଚ୍ଚଇଂରାଜୀ ସ୍କୁଲ୍ ଖୋଲାଯିବାର ମଧ୍ୟ ପ୍ରସ୍ତାବ ରହିଛି । ୧୯୫୯-୬୦ରେ ୩ ଟି ଉଚ୍ଚଇଂରାଜୀ ସ୍କୁଲ୍‌ର ୧୧ଶ ଶ୍ରେଣୀ ଓ ୨ଟି ଉଚ୍ଚଇଂରାଜୀ ସ୍କୁଲ୍‌ର ୧୦ମ ଶ୍ରେଣୀମାନଙ୍କୁ ଉଚ୍ଚ ମାଧ୍ୟମିକ ସୋପାନକୁ ପରିବର୍ତ୍ତନ କରାଯାଇଛି । ମୁଁ ଆନନ୍ଦର ସହିତ ଏଠାରେ ଉଲ୍ଲେଖ କରୁଛି ଯେ ରାଜ୍ୟରେ ହାଇସ୍କୁଲ୍ ପରୀକ୍ଷାରେ ଯୋଗ ଦେଇଥିବା ଓ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି । ୧୯୫୮ ରେ ନାମ ଲେଖାଇଥିବା ଛାତ୍ରମାନଙ୍କ ସଂଖ୍ୟା ୬୬୧୩ ଥିବାସ୍ଥଳେ ୧୯୫୯ ରେ ତାହା ୭୮୧୫କୁ ବୃଦ୍ଧି ପାଇଛି । ୧୯୫୯-୬୦ରେ କଟକଠାରେ କେବଳ ମହିଳାମାନଙ୍କପାଇଁ ଗୋଟିଏ ମାଧ୍ୟମିକ ତାଲିମ ସ୍କୁଲ୍ ଖୋଲାହୋଇଥିଲା ଏବଂ ୧୯୬୦-୬୧ ରେ ବାଲେଶ୍ୱର ଜିଲ୍ଲାରେ ଆଉ ଗୋଟିଏ ତାଲିମ ସ୍କୁଲ୍ ଖୋଲାଯିବାର ପ୍ରସ୍ତାବ ରହିଛି ।

## ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ଓ ବୈଷୟିକ ଶିକ୍ଷାର ସୁବିଧା

ଦର୍ଶନ-ଶାସ୍ତ୍ର, ସଂସ୍କୃତ, ମନସ୍ତତ୍ତ୍ୱ, ପରିସଂଖ୍ୟାନ, ନୃ-ତତ୍ତ୍ୱ ଓ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ବର୍ଗମାନ ଇତିପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଖୋଲିସାରିଛନ୍ତି । ଏହା ବ୍ୟତୀତ ୧୯୫୯-୬୦ରେ ସ୍ନାତକୋତ୍ତର ବର୍ତ୍ତମାନ ଇତିପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଖୋଲିସାରିଛନ୍ତି । ଏହା ବ୍ୟତୀତ ୧୯୫୯-୬୦ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସରେ ସ୍ନାତକୋତ୍ତର ବର୍ଗ ଖୋଲିଛନ୍ତି । ଭୁବନେଶ୍ୱରଠାରେ ବିଶ୍ୱବିଦ୍ୟାଳୟର ନୂଆ କୋଠା ନିର୍ମାଣ ସରିଲା ପରେ ବିଶ୍ୱବିଦ୍ୟାଳୟଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ସମସ୍ତ ସ୍ନାତକୋତ୍ତର ଶ୍ରେଣୀ ଖୋଲିବ ବୋଲି ଆଶା କରାଯାଉଛି । ରାଜ୍ୟର ସବୁ କଲେଜରେ ୩ ବର୍ଷିଆ ଡିଗ୍ରୀ ପାଠ୍ୟକ୍ରମ ଆରମ୍ଭ କରିବାପାଇଁ ୧୯୫୯ ଏପ୍ରିଲ ମାସରେ ଉତ୍କଳ ବିଶ୍ୱବିଦ୍ୟାଳୟ ଯେଉଁ ସିଦ୍ଧାନ୍ତ ଗ୍ରହଣ କରିଥିଲେ, ସେହି ଅନୁସାରେ ଯାଜପୁର କଲେଜ ଓ ସମ୍ବଲପୁରଠାରେ ଥିବା ମହିଳା କଲେଜ ବ୍ୟତୀତ ଅନ୍ୟ ସମସ୍ତ କଲେଜରେ ପ୍ରାକ୍-ବିଶ୍ୱବିଦ୍ୟାଳୟ ଶ୍ରେଣୀମାନ ଖୋଲାଯାଇଛି । ଉକ୍ତ ଦୁଇଟି କଲେଜରେ ୧୯୬୦ ଜୁଲାଇ ମାସଠାରୁ ପ୍ରାକ୍-ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ଆରମ୍ଭ କରାଯିବ । ଯେଉଁ ସମସ୍ତ କଲେଜରେ ପ୍ରାକ୍-ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ଆରମ୍ଭ କରାଯାଇସାରିଥିବ, ସେହି କଲେଜମାନଙ୍କରେ ୧୯୬୦-୬୧ ମଧ୍ୟରେ ୩ ବର୍ଷିଆ ଡିଗ୍ରୀ ପାଠ୍ୟକ୍ରମ ଶିକ୍ଷାଦାନ ଆରମ୍ଭ କରାଯିବ । ୧୯୫୯-୬୦ ମଧ୍ୟରେ ଢେଙ୍କାନାଳ, ଖୋର୍ଦ୍ଧା, ନବରଙ୍ଗପୁର ଓ ସମ୍ବଲପୁରଠାରେ ନୂଆ କଲେଜମାନ ଖୋଲାଯାଇଛି । ଏଥିମଧ୍ୟରୁ ସମ୍ବଲପୁରଠାରେ ଖୋଲାଯାଇଥିବା କଲେଜଟି ହେଉଛି ମହିଳା କଲେଜ । ଫୁଲବାଣୀ ଜିଲ୍ଲାରେ ଗୋଟିଏ ବିଜ୍ଞାନ କଲେଜ ଖୋଲାଯିବାର ଏକ ପ୍ରସ୍ତାବ ରହିଛି । ୧୯୫୮ ମସିହାରେ ଆଇ. ଏ. ଶ୍ରେଣୀଗୁଡ଼ିକର ପ୍ରଥମ ବାର୍ଷିକ ଶ୍ରେଣୀରେ ୧୮୨୬ ଜଣ ଛାତ୍ର ନାମ ଲେଖାଇଲା ଭଳି ସ୍ଥାନଥିବା ସ୍ଥଳେ ୧୯୫୯ରେ ତାହା ୨୪୧୬କୁ ବୃଦ୍ଧି ପାଇଛି ଓ ୧୯୬୦ରେ ତାହା ୨୮୦୪କୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ୧୯୫୮ରେ ଆଇ. ଏସ୍. ସି. ଶ୍ରେଣୀଗୁଡ଼ିକର ପ୍ରଥମ ବାର୍ଷିକ ଶ୍ରେଣୀରେ ୧୬୦୦ ଜଣ ଛାତ୍ର ନାମ ଲେଖାଇଲା ଭଳି ସ୍ଥାନଥିବା ସ୍ଥଳେ ୧୯୫୯ରେ ତାହା ୧୮୮୮କୁ ବୃଦ୍ଧି ପାଇଛି ଓ ୧୯୬୦ ବେଳକୁ ତାହା ୨୩୧୪କୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ବି. ଏ. ଶ୍ରେଣୀଗୁଡ଼ିକର ପ୍ରଥମ ବାର୍ଷିକ ଶ୍ରେଣୀରେ ୧୯୫୮ରେ ୯୭୮ ଜଣ ଛାତ୍ର ନାମ ଲେଖାଇଲା ଭଳି ସ୍ଥାନ ଥିଲା । ୧୯୫୯ରେ ତାହା ୧୦୪୦କୁ ବୃଦ୍ଧି ପାଇଛି ଓ ୧୯୬୦ରେ ତାହା ୧୧୦୦କୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ସେହିପରି ୧୯୫୮ରେ ବି. ଏସ୍. ସି. ଶ୍ରେଣୀଗୁଡ଼ିକର ପ୍ରଥମ ବାର୍ଷିକ ଶ୍ରେଣୀରେ ୩୦୪ ଜଣ ଛାତ୍ର ନାମ ଲେଖାଇଲା ଭଳି ସ୍ଥାନ ଥିଲା । ୧୯୫୯ରେ ତାହା ୩୩୨କୁ ବୃଦ୍ଧି ପାଇଛି ଓ ୧୯୬୦ରେ ୪୮୮କୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଏଥିରୁ ବୁଝାଯାଉଛି ବିଭିନ୍ନ କଲେଜଗୁଡ଼ିକରେ ଛାତ୍ରମାନଙ୍କ ନାମ ଲେଖାଇବାପାଇଁ ସ୍ଥାନର ସଂଖ୍ୟା ଯଥେଷ୍ଟ ବଢ଼ିଯାଇଛି ଏବଂ ଭବିଷ୍ୟତରେ ଏହି ଅଗ୍ରଗତିକୁ ଅବ୍ୟାହତ ରଖିବାପାଇଁ ମୋ ସରକାର ଆଶା କରୁଛନ୍ତି । ବିଶ୍ୱବିଦ୍ୟାଳୟ ଗ୍ରାଣ୍ଟସ୍ କମିଶନଙ୍କ ନିର୍ଦ୍ଧାରଣ ମତେ ବେସରକାରୀ ଡିଗ୍ରୀ କଲେଜଗୁଡ଼ିକର ଶିକ୍ଷକମାନଙ୍କୁ ବୃଦ୍ଧିପ୍ରାପ୍ତ ହାରରେ ବେତନ ଦେବାପାଇଁ ମୋ ସରକାର ସିଦ୍ଧାନ୍ତ କରିଛନ୍ତି । ବେସରକାରୀ ଇଣ୍ଟରମିଡିଏଟ୍ କଲେଜଗୁଡ଼ିକପାଇଁ ବିଶ୍ୱବିଦ୍ୟାଳୟ ଗ୍ରାଣ୍ଟସ୍ କମିଶନଙ୍କଠାରୁ କୌଣସି ସାହାଯ୍ୟ ନ ମିଳିଲେ ହେଁ ରାଜ୍ୟ ସରକାରଙ୍କ ତରଫରୁ ଶିକ୍ଷକମାନଙ୍କ ବେତନର ୫୦% ବୃଦ୍ଧି ପାଇଲା ଭଳି ସାହାଯ୍ୟ ଦିଆଯିବ । ଅନ୍ୟାନ୍ୟ ଶିକ୍ଷାମୂଳକ କାର୍ଯ୍ୟକଳାପ କ୍ଷେତ୍ରରେ ମୂକ, ବଧିର ଓ ଅନ୍ଧଶିଶୁମାନଙ୍କ ଭଳି ଅକ୍ଷମଶିଶୁଙ୍କୁ ପାଠ ପଢ଼ିବାର ସୁବିଧା ଯୋଗାଇବାପାଇଁ ରାଜ୍ୟ ଶିଶୁ କଲ୍ୟାଣ ପରିଷଦକୁ ସାହାଯ୍ୟ ଦେବାର ପ୍ରସ୍ତାବ ରହିଛି ।

ମିଉଜିଅମ୍ ଗୃହର କୋଠାବାଡ଼ି ନିର୍ମାଣକାର୍ଯ୍ୟ ପ୍ରାୟ ସରିଆସିଲାଣି । ୧୯୬୦-୬୧ମଧ୍ୟରେ ରାଜ୍ୟ ଐତିହାସିକ ତଥ୍ୟ ସଂରକ୍ଷଣାଗାର ପୁନର୍ଗଠନ କରିବା ପ୍ରସ୍ତାବ ରହିଛି ।

## ରାଜ୍ୟର ସାଧାରଣ ସ୍ୱାସ୍ଥ୍ୟ

ରାଜ୍ୟର ସ୍ୱାସ୍ଥ୍ୟ ସମ୍ପର୍କୀୟ କାର୍ଯ୍ୟକ୍ରମରେ ମୁଣ୍ଡପିଛା ୧୯୪୮ରେ ୭୩ ନ୍ୟୁ. ପ. ଓ ୧୯୫୮ରେ ଟ ୧.୦୩ ନ୍ୟୁ. ପ. ଖର୍ଚ୍ଚ ହେଉଥିଲା; କିନ୍ତୁ ୧୯୫୯ରେ ତାହା ଟ ୧.୨୮ ନ୍ୟୁ.ପ.କୁ ବୃଦ୍ଧି ପାଇଛି । ଆରୋଗ୍ୟମୂଳକ ଓ ପ୍ରତିଷେଧମୂଳକ ବ୍ୟବସ୍ଥାମଧ୍ୟରେ ସମନ୍ୱୟ ସ୍ଥାପନ ହେଲେ ଆଧୁନିକ ଖର୍ଚ୍ଚ ଏବଂ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାର ପ୍ରଥମ ସୋପାନ ସ୍ୱରୂପ ପ୍ରାଥମିକ ସ୍ୱାସ୍ଥ୍ୟ-କେନ୍ଦ୍ରମାନ ଖୋଲାଯାଇଛି । କିପରି ଏହି ସମନ୍ୱୟ ଉପର ସ୍ତରରେ ସମ୍ଭବ ହେବ, ତାହାର ଉପାୟ ସମ୍ପର୍କରେ ସରକାରଙ୍କୁ ପରାମର୍ଶ ଦେବାପାଇଁ ଗୋଟିଏ କମିଟି ବସାଇବାପାଇଁ ବର୍ତ୍ତମାନ ସ୍ଥିର କରାଯାଉଛି । ଏପର୍ଯ୍ୟନ୍ତ ୭୨ଟି ପ୍ରାଥମିକ ସ୍ୱାସ୍ଥ୍ୟ-କେନ୍ଦ୍ର ଖୋଲାଯାଇଛି ୧୯୬୦-୬୧ ଶେଷ ସୁଦ୍ଧା ଆହୁରି ୧୦୭ଟି ଖୋଲାଯିବ । ଜାତୀୟ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପରିବର୍ତ୍ତେ ୧-୪-୫୮ ଠାରୁ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି ଏବଂ ଏହା ଫଳରେ ସାରା ରାଜ୍ୟରେ ବହୁ ପରିମାଣରେ ମ୍ୟାଲେରିଆ ନିୟନ୍ତ୍ରଣ କରାଯାଇପାରୁଛି । ବି. ସି. ଜି. ଟିକାଦାନକାର୍ଯ୍ୟରେ ସନ୍ତୋଷଜନକ ଅଗ୍ରଗତି ହୋଇଛି । ଏ ପର୍ଯ୍ୟନ୍ତ ୫୧,୭୭,୬୧୯ ଜଣ ଲୋକଙ୍କୁ ପରୀକ୍ଷା କରାଯାଇଛି ଏବଂ ୧୯୫୯ ନଭେମ୍ବର ମାସ ଶେଷ ସୁଦ୍ଧା ୨୦,୪୨,୯୩୦ ଜଣଙ୍କୁ ଟିକା ଦିଆଯାଇଛି । ରାଜ୍ୟରେ କୁଷ୍ଠରୋଗୀଙ୍କ ସଂଖ୍ୟା ହେଉଛି ଶତକଡ଼ା ୧.୫ । ୧୩ଟି କୁଷ୍ଠରୋଗ ସମ୍ପର୍କୀୟ ପଥପ୍ରଦର୍ଶକ ଯୋଜନା କାର୍ଯ୍ୟକାରୀ ହେଉଛି । ଏହି ଯୋଜନାଗୁଡ଼ିକ ଅନୁସନ୍ଧାନ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ରୋଗୀ ଯେପରି ନିଜ ଘରେ ଚିକିତ୍ସିତ ହୋଇପାରିବ, ସେ ଦିଗରେ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ ୭ଟି ଦଳ ବାତଜ୍ୱର ନିରାକରଣପାଇଁ କାର୍ଯ୍ୟ କରୁଛନ୍ତି ଓ ବାତଜ୍ୱରକୁ କେତେକ ପରିମାଣରେ ଆୟତ୍ତ କରାଯାଇଛି । ଠିକ୍ ସମୟରେ ଓ ଠିକ୍ ଭାବରେ ବ୍ୟାପକ ଇଞ୍ଜେକ୍ସନ୍ ଦିଆଯାଉଥିବା ଫଳରେ ହଇଜା ରୋଗକୁ ବହୁ ପରିମାଣରେ ଆୟତ୍ତ କରାଯାଇଛି । ବିଭିନ୍ନ ହାସପାତାଳ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରସୂତି ଓ ଶିଶୁ-ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ୨୮ଟି ସହର ଓ ୫୯ଟି ଗ୍ରାମ୍ୟ ପରିବାର ନିୟନ୍ତ୍ରଣ-କେନ୍ଦ୍ର କାର୍ଯ୍ୟ କରୁଛି । ଆସନ୍ତା ବର୍ଷ ଆଉ ଗୋଟିଏ ଗ୍ରାମ୍ୟ ପରିବାର ନିୟନ୍ତ୍ରଣ କେନ୍ଦ୍ର ଖୋଲାଯିବ । ଶିକ୍ଷାନୁଷ୍ଠାନମାନଙ୍କର ସ୍ୱାସ୍ଥ୍ୟ ଯୋଜନାନୁଯାୟୀ ୩ଟି ଦନ୍ତ ଚିକିତ୍ସା ୟୁନିଟ୍ ସ୍ଥାପନ କରାଯାଇଛି । ପୁଷ୍ଟି ସମ୍ପର୍କୀୟ ତାଲିମ-କାର୍ଯ୍ୟକ୍ରମକୁ ପୂରା ଉଦ୍ୟମରେ କାର୍ଯ୍ୟକାରୀ କରାଯାଉଛି ଏବଂ ଗ୍ରାମସେବକ ଓ ମହିଳା ସମିତିଗୁଡ଼ିକର ସଭ୍ୟମାନଙ୍କୁ ଏ ଦିଗରେ ତାଲିମ ଦିଆଯାଉଛି । ସୁନ୍ଦରପୁରଠାରେ ଥିବା ଯକ୍ଷ୍ମାନିବାସର ଉନ୍ନତି ବିଧାନ କରାଯାଉଛି ଓ ୧୯୬୦-୬୧ରେ ଶଯ୍ୟା-ସଂଖ୍ୟା ୧୫୦ରୁ ୧୮୦କୁ ବୃଦ୍ଧି କରାଯିବା ପ୍ରସ୍ତାବ ରହିଛି । ପୁରୀ ଓ ବାରିପଦାଠାରେ ଦୁଇଟି ଯକ୍ଷ୍ମା ଚିକିତ୍ସାଳୟ ସ୍ଥାପନ କରାଯାଇଛି । ବ୍ରହ୍ମପୁର, ବାଲେଶ୍ୱର ଓ କୋରାପୁଟଠାରେ ଆହୁରି ୩ଟି ସ୍ଥାପନ କରାଯିବ । ଆସନ୍ତା ବର୍ଷ ଜିଲ୍ଲା ସଦର ମହକୁମାମାନଙ୍କରେ ଯକ୍ଷ୍ମା ଚିକିତ୍ସାଳୟମାନ ଖୋଲାଯିବ । ଏହା ଛଡ଼ା ସଙ୍କଟାପନ୍ନ ଅବସ୍ଥାରେ ଥିବା ଯକ୍ଷ୍ମା ରୋଗୀଙ୍କୁ ପୃଥକ୍ ରଖି ଚିକିତ୍ସା କରିବାପାଇଁ ୧୯୬୦-୬୧ ମଧ୍ୟରେ ଭବାନୀପାଟଣା, ବାଲେଶ୍ୱର, ବ୍ରହ୍ମପୁର, ବାରିପଦା ଓ ବୁର୍ଲାଠାରେ ୧୨ ଗୋଟି ଶଯ୍ୟାବିଶିଷ୍ଟ ଗୋଟିଏ ଗୋଟିଏ ଚିକିତ୍ସା କେନ୍ଦ୍ର ଖୋଲାଯିବ ।

ରାଜ୍ୟରେ ବର୍ତ୍ତମାନ ଥିବା ହାସପାତାଳଗୁଡ଼ିକରେ ଯକ୍ଷ୍ମା ରୋଗୀଙ୍କ ପାଇଁ ୮୪ଟି ଶଯ୍ୟା ରଖାଯିବାର ବ୍ୟବସ୍ଥା କରାଯାଇଛି । ବିହାର ରାଜ୍ୟର ଇଟ୍‌କି ଯକ୍ଷ୍ମାନିବାସରେ ଜଟିଳ ରୋଗୀମାନଙ୍କର ଚିକିତ୍ସାପାଇଁ ଆମର ୪ଟି ସଂରକ୍ଷିତ ଶଯ୍ୟା ରହିଛି ଏବଂ ଅସ୍ତ୍ରୋପଚାର ଦରକାର କରୁଥିବା ରୋଗୀମାନଙ୍କପାଇଁ ମାନ୍ଦ୍ରାଜ ରାଜ୍ୟର ମଦନାପଲ୍ଲୀ ଯକ୍ଷ୍ମାନିବାସରେ ୬ଟି ସଂରକ୍ଷିତ ଶଯ୍ୟା ରହିଛି । କଟକସ୍ଥିତ ଶ୍ରୀରାମଚନ୍ଦ୍ର ମେଡିକାଲ୍ କଲେଜ ହାସପାତାଳରେ ମହିଳାମାନଙ୍କପାଇଁ ୨୦୦ ଶଯ୍ୟାବିଶିଷ୍ଟ ଗୋଟିଏ ବ୍ଲକ ଓ ୪୦ଟି ଶଯ୍ୟାବିଶିଷ୍ଟ କଲେରା ୱାର୍ଡ଼ ଖୋଲାଯାଇଛି । ୧୫୦ ଶଯ୍ୟାବିଶିଷ୍ଟ ଗୋଟିଏ ନୂଆ ସର୍ଜିକାଲ୍ ୱାର୍ଡ଼ ନିର୍ମାଣ ଚାଲିଛି ଏବଂ ତାହା ଆସନ୍ତା ବର୍ଷ ଖୋଲିବାର ପ୍ରସ୍ତାବ ରହିଛି । ଦ୍ୱିତୀୟ ଯୋଜନାକାଳମଧ୍ୟରେ ପୁରୀ, ବ୍ରହ୍ମପୁର, ବାଲେଶ୍ୱର ଓ ଭୁବନେଶ୍ୱରର ନୂଆ ରାଜଧାନୀଠାରେ ଥିବା ହାସପାତାଳଗୁଡ଼ିକର ମୋଟ ଶଯ୍ୟାସଂଖ୍ୟା ଯାହାଥିଲା ତାହାଠାରୁ ୧୩୦ ଅଧିକ ହୋଇଛି । ଦ୍ୱିତୀୟ ଯୋଜନାକାଳମଧ୍ୟରେ ୧୨ଟି ଆୟୁର୍ବେଦୀୟ ଓ ଗୋଟିଏ ହୋମିଓପ୍ୟାଥିକ୍ ଚିକିତ୍ସାଳୟ ଖୋଲାଯାଇଛି ଏବଂ ଆସନ୍ତା ବର୍ଷ ଆଉରି ୩ଟି ଆୟୁର୍ବେଦୀୟ ଚିକିତ୍ସାଳୟ ଖୋଲାଯିବାର ପ୍ରସ୍ତାବ ରହିଛି । ୧-୪-୫୯ ଠାରୁ ଗୋଟିଏ ହୋମିଓପ୍ୟାଥିକ୍ ଓ ୨୬ଟି ଆୟୁର୍ବେଦୀୟ ଚିକିତ୍ସାଳୟ ସମେତ ୧୪୬ ଟି ଜିଲ୍ଲା ବୋର୍ଡ଼ ଚିକିତ୍ସାଳୟକୁ ସରକାର ନିଜ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରିବାପାଇଁ ହାତକୁ ନେଇଛନ୍ତି । ଭାରତୀୟ ରେଡ଼କ୍ରସ୍ ସୋସାଇଟିର ଓଡ଼ିଶା ଶାଖା ଆନୁକୂଲ୍ୟରେ କଟକଠାରେ ଗୋଟିଏ ରକ୍ତ-ଭଣ୍ଡାର ସ୍ଥାପନ କରାଯାଇଛି । ଇଞ୍ଜେକ୍‌ସନ୍ ତିଆରି କରିବାପାଇଁ ରକ୍ତ-ଭଣ୍ଡାରରେ ଗୋଟିଏ ଭେଷଜବିଜ୍ଞାନ ଶାଖା ଖୋଲାଯାଇଛି । ଆସନ୍ତା ବର୍ଷ ଏହି ରକ୍ତ-ଭଣ୍ଡାରରୁ ଜିଲ୍ଲା ସଦରମହକୁମା ହାସପାତାଳମାନଙ୍କୁ ରକ୍ତ ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯାଉଛି ।

## ଶ୍ରମିକଙ୍କ ପାଇଁ ଗୃହନିର୍ମାଣ

ସାହାଯ୍ୟପ୍ରାପ୍ତ ଶିଳ୍ପ ଶ୍ରମିକଙ୍କପାଇଁ ଗୃହନିର୍ମାଣ ପରିକଳ୍ପନା ଅନୁସାରେ ଚଳିତ ଆର୍ଥିକ ବର୍ଷମଧ୍ୟରେ ନୂଆବଜାର, ଚୌଦ୍ୱାର ଓ ରାଉରକେଲାଠାରେ ୪୬୬ଟି ବସାଘର ତିଆରି କାର୍ଯ୍ୟ ହାତକୁ ନେବାପାଇଁ ମୋ ସରକାର ସ୍ଥିର କରିଛନ୍ତି । ପରିକଳ୍ପନାନୁଯାୟୀ କାରଖାନାମାଲିକମାନଙ୍କ ଯୋଜନାଗୁଡ଼ିକୁ ମଞ୍ଜୁର କରିବା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ କ୍ଷମତା ଦେଇଛନ୍ତି । ଯେଉଁ ଶିଳ୍ପ ଶ୍ରମିକମାନେ ବସାଘର ପାଇବାକୁ ହକ୍‌ଦାର, ସେମାନଙ୍କୁ ବସାଘର ଯୋଗାଇଦେବାପାଇଁ କଳକାରଖାନାର ମାଲିକମାନଙ୍କୁ ଆର୍ଥିକ ସାହାଯ୍ୟ ଦେବା ଏହି ପରିକଳ୍ପନାର ଉଦ୍ଦେଶ୍ୟ । ୧୯୬୦-୬୧ ମଧ୍ୟରେ କାରଖାନା ମାଲିକମାନେ ଶିଳ୍ପ-ଶ୍ରମିକଙ୍କ-ପାଇଁ ପ୍ରାୟ ୧୬୦୦ଟି ବସାଘର ନିର୍ମାଣ କରିବେ ବୋଲି ଆଶା କରାଯାଉଛି । ୧୯୫୫-୫୬ରେ ରାଜ୍ୟରେ ଏହି ପରିକଳ୍ପନାଟି ପ୍ରଥମେ କାର୍ଯ୍ୟକାରୀ କରାଯାଇଥିଲା । ୧୯୫୫ ମସିହାରୁ ୧୯୫୯ ମସିହାମଧ୍ୟରେ ୬୦୫ଟି ଘର ତିଆରିକାର୍ଯ୍ୟ ରାଜ୍ୟ ଗୃହନିର୍ମାଣ କର୍ପୋରେସନ ଓ ସରକାରୀ ବିଭାଗମାନେ ହାତକୁ ନେଇଥିଲେ । ଏଥିରୁ ୫୨୯ଟି ଘର ତିଆରି କରାଯାଇସାରିଛି । ୧୯୫୮-୫୯ ମସିହାମଧ୍ୟରେ ଗ୍ରାମ୍ୟ ବାସଗୃହ ଯୋଜନା ଅଧୀନରେ ୩୨୨ଟି ଘର ମଞ୍ଜୁର କରାଯାଇଥିଲା । ୧୯୫୯ ଜୁନ୍ ଶେଷ ସୁଦ୍ଧା ଏଥିମଧ୍ୟରୁ ୮୮ଟି ଘର ସଂପୂର୍ଣ୍ଣ ହୋଇଛି । ଆସନ୍ତା ବର୍ଷ ୨୦୦ଟି ବଡ଼ ବଡ଼ ଗ୍ରାମରେ ଏହି ଯୋଜନା ଅନୁସାରେ ୨୦୦୦ଟି ବାସଗୃହ ନିର୍ମାଣର ପ୍ରସ୍ତାବ ଅଛି । ବାର୍ଷିକ ଟ୬୦୦୦ରୁ ଟ୧୨,୦୦୦ ମଧ୍ୟରେ ଆୟ କରୁଥିବା ବ୍ୟକ୍ତିଙ୍କୁ ବାସଗୃହ ସୁବିଧାରେ ଯୋଗାଇବା ଉଦ୍ଦେଶ୍ୟରେ

ଭାରତର ଜୀବନବୀମା କର୍ପୋରେସନଙ୍କଠାରୁ ଋଣ ନେଇ ସେଥିରେ ମଧ୍ୟମ ଆୟକାରୀ ବ୍ୟକ୍ତିଙ୍କପାଇଁ ବାସଗୃହ ଯୋଗାଇବା ପରିକଳ୍ପନା ହାତକୁ ନିଆଯାଇଛି ।

## ଆଦିବାସୀ ଓ ଅନୁନ୍ନତ ସମ୍ପ୍ରଦାୟର ଲୋକଙ୍କ ପାଇଁ ସୁବିଧା

ଏ ରାଜ୍ୟର ବହୁସଂଖ୍ୟକ ଲୋକ ଅନୁନ୍ନତ ଶ୍ରେଣୀର ଅନ୍ତର୍ଭୁକ୍ତ । ସେମାନଙ୍କ କଲ୍ୟାଣପାଇଁ ଉନ୍ନୟନ ପରିକଳ୍ପନାମାନ କାର୍ଯ୍ୟକାରୀ କରିବାନିମନ୍ତେ ଏ ବର୍ଷ ମୋ ସରକାର ବିଶେଷ ଧ୍ୟାନ ଦେଇଛନ୍ତି । ୧୯୫୯-୬୦ ପର୍ଯ୍ୟନ୍ତ ୬୨ଟି ଆଶ୍ରମସ୍କୁଲ ଖୋଲାଯାଇଛି । ଏଥିମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ଖୋଲାଯାଇଥିବା ଗୋଟିଏ ସ୍କୁଲ ପୁରାପୁରି ତଫସିଲଭୁକ୍ତ ଜାତିଙ୍କପାଇଁ ଅଭିପ୍ରେତ । ଏସବୁ ବିଦ୍ୟାଳୟରେ ୫୬୦୦ ଛାତ୍ର ପଢୁଛନ୍ତି ଏବଂ ସେମାନଙ୍କ ରହିବା ଓ ଖାଇବାର ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି । ଆସନ୍ତା ବର୍ଷ ବାଳକମାନଙ୍କପାଇଁ ୪ଟି ଓ ବାଳିକାମାନଙ୍କପାଇଁ ୨ଟି ଆଶ୍ରମସ୍କୁଲ ଖୋଲିବାର ପ୍ରସ୍ତାବ ଅଛି । ୧୯୫୯ରେ ଯେଉଁ ୨୭୪ ଜଣ ଛାତ୍ର ଅନ୍ୟାନ୍ୟ ଛାତ୍ରମାନଙ୍କ ସହିତ ମାଇନର ପରୀକ୍ଷା ଦେଇଥିଲେ, ସେମାନଙ୍କମଧ୍ୟରୁ ୨୨୧ ଜଣ ଅର୍ଥାତ୍ ଶତକଡ଼ା ୮୦.୬ ଭାଗ କୃତକାର୍ଯ୍ୟ ହୋଇଥିଲେ । ଗତବର୍ଷ କୃତକାର୍ଯ୍ୟ ହୋଇଥିବା ଛାତ୍ରମାନଙ୍କ ଅନୁପାତ ଶତକଡ଼ା ୭୭ ଥିଲା । ରାଜ୍ୟର ଅନୁନ୍ନତ ଅଞ୍ଚଳରେ ୪୪,୨୦୦ ଛାତ୍ରବିଶିଷ୍ଟ ୧୧,୫୫ଟି ସେବାଶ୍ରମ କାର୍ଯ୍ୟ କରୁଛି । ୧୯୬୦-୬୧ ମସିହାରେ ଆଉ ୩୦ଟି ସେବାଶ୍ରମ ଖୋଲିବାର ପ୍ରସ୍ତାବ ଅଛି । ବର୍ତ୍ତମାନ ରହିଥିବା ସେବାଶ୍ରମମଧ୍ୟରୁ ୪୬ଟିକୁ ନିମ୍ନ ପ୍ରାଥମିକରୁ ଉଚ୍ଚ ପ୍ରାଥମିକ ସ୍ତରକୁ ଉନ୍ନୀତ କରାଯାଇଛି । ଏପର୍ଯ୍ୟନ୍ତ ୧୩୮ଟି ଛାତ୍ରାବାସ ଖୋଲାଯାଇଛି ଏବଂ ୧୯୬୦-୬୧ ମସିହାମଧ୍ୟରେ ଆଉ କେତୋଟି ଖୋଲିବାର ପ୍ରସ୍ତାବ ଅଛି । ଏହା ଛଡ଼ା ଏ ବର୍ଷ ୨ଟି ନୂଆ ଛାତ୍ରାବାସ ତିଆରି କରିବାର ପ୍ରସ୍ତାବ ରହିଛି, ଯାହାକି ଅନୁନ୍ନତ ଶ୍ରେଣୀ ସମେତ ସବୁ ଗୋଷ୍ଠୀର ଛାତ୍ରମାନଙ୍କ ପାଇଁ ଉନ୍ମୁକ୍ତ ରହିବ । କେତେକ ନିର୍ଦ୍ଦିଷ୍ଟ ଜାତିର ଆଦିବାସୀଙ୍କ ବୈଶିଷ୍ଟ୍ୟ ଓ ସଂସ୍କୃତି ଉପରେ ଆଦିବାସୀ ଗବେଷଣା ବିଭାଗ ଗବେଷଣା ଚଳାଇଛନ୍ତି । ଜୁଆଙ୍ଗ, କନ୍ଧ, ଭୂୟାଁ ଓ ସଉରା ପ୍ରଭୃତି କେତେକ ପ୍ରଧାନ ପ୍ରଧାନ ଆଦିବାସୀ ସଂପ୍ରଦାୟଙ୍କ ସମ୍ପର୍କରେ ଅନୁଶୀଳନ କରାଯାଇଛି ଏବଂ ସେସବୁ ରିପୋର୍ଟ ପ୍ରକାଶ କରିବାପାଇଁ ବନ୍ଦୋବସ୍ତ କରାଯାଉଛି । ଆଦିବାସୀମାନଙ୍କ ଆବଶ୍ୟକତା ତୁଲାଇବାପାଇଁ ରାଜ୍ୟର ଆଦିବାସୀ ଅଞ୍ଚଳରେ ୩୦ଟି ବହୁମୁଖୀ ସମବାୟ ସମିତି ଓ ଉଚିତ ମୂଲ୍ୟରେ ବିକ୍ରି ପାଇଁ ୫୫ଟି ଦୋକାନ ସରକାରୀ ଉଦ୍ୟମରେ ଖୋଲାଯାଇଛି । ଏପର୍ଯ୍ୟନ୍ତ ୨୧୨ଟି ସାଧାରଣ ଧରଣର ଶସ୍ୟଗୋଲା, ୧୭ଟି ପୁନର୍ଗଠିତ ଧରଣର ଶସ୍ୟଗୋଲା ଓ ୩୪୭ଟି କୋଡ଼ମେଇ ଧରଣର ଶସ୍ୟଗୋଲା ପ୍ରତିଷ୍ଠା କରାଯାଇଛି । ୧୯୬୦-୬୧ ମସିହାରେ ୧୭୫ଟି ଶସ୍ୟଗୋଲା ଖୋଲିବାର ପ୍ରସ୍ତାବ ଅଛି । ନିଜ ନିଜର ଆର୍ଥିକ ଅବସ୍ଥାର ଉନ୍ନତି କରିବା ପାଇଁ ଜଙ୍ଗଲଜାତ ଦ୍ରବ୍ୟ ଉଠା ନେବାର ସୁବିଧା ଯେପରି ଆଦିବାସୀମାନେ ପାଇପାରିବେ, ସେହି ଉଦ୍ଦେଶ୍ୟରେ ଆଦିବାସୀମାନଙ୍କମଧ୍ୟରେ ୨୨ଟି ଜଙ୍ଗଲ ସମବାୟ ସମିତି ଗଢ଼ାଯାଇଛି । ୧୯୬୦-୬୧ ମସିହାରେ ଆଉ ୩ଟି ଜଙ୍ଗଲ ସମବାୟ ସମିତି ଗଢ଼ିବାର ପ୍ରସ୍ତାବ ରହିଛି । ସମତଳ ଅଞ୍ଚଳର ଉପଯୁକ୍ତ ଜାଗାରେ ଆଦିବାସୀମାନଙ୍କୁ ଥଇଥାନ କରିବାଦ୍ୱାରା ସେମାନଙ୍କୁ ପୋଡ଼ୁ ଚାଷରୁ ନିବର୍ତ୍ତାଇବାପାଇଁ ଯେଉଁ ପରିକଳ୍ପନା କରାଯାଇଥିଲା, ତାହା ଏବର୍ଷ ମଧ୍ୟରେ ଯଥେଷ୍ଟ ଅଗ୍ରଗତି କରିଛି ଏବଂ ଏ ଉଦ୍ଦେଶ୍ୟରେ ସମତଳ ଅଞ୍ଚଳରେ ଏପର୍ଯ୍ୟନ୍ତ ୧୩୨ଟି ନୂଆ ଗ୍ରାମ ପ୍ରତିଷ୍ଠା କରାଯାଇଛି । କୁକୁଡ଼ା-ପାଳନକୁ ଉତ୍ସାହିତ କରିବାପାଇଁ ଗୋଟାଏ

ନୂଆ ପ୍ରକାରର ପରିକଳ୍ପନା ସ୍ଥିର କରାଯାଇଛି । ଏହି ପରିକଳ୍ପନାରେ ଗୋଟିଏ ଆଶ୍ରମସ୍କୁଲରେ ଗୋଟିଏ ପ୍ରଧାନ ୟୁନିଟ୍ ରଖାଯାଇଛି ଓ ତାହା ଅଧୀନରେ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ୬ଟି ଶାଖା ୟୁନିଟ୍ ଖୋଲାଯାଇଛି । ୧୯୭୦-୭୧ ମସିହାରେ ୧୨ଟି ବ୍ଲକ କୁକୁଡ଼ାପାଳନ ୟୁନିଟ୍ ଓ ୩ଟି ନୂଆ ଧରଣର କୁକୁଡ଼ାପାଳନ ୟୁନିଟ୍ ଖୋଲିବାପାଇଁ ବ୍ୟବସ୍ଥା ଅଛି । ଆଦିବାସୀ ଶିଶୁ ଓ ଆସନ୍ନ ପ୍ରସବାମାନଙ୍କ ସ୍ୱାସ୍ଥ୍ୟୋନ୍ନତି ପାଇଁ ୟୁନିସେଫ୍ (UNICEF) ଦ୍ୱାରା ସହାୟତାପ୍ରାପ୍ତ ପୁଷ୍ଟିକାର୍ଯ୍ୟକ୍ରମ ଯୋଜନା ସ୍ଥିର କରାଯାଇଛି । ବାରିପଦା ଓ କୁନ୍ଦାଗଡ଼ାଠାରେ ୨ଟି ତାଲିମ ତଥା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଏଠାରେ ମୂଳତଃ ତଫସିଲଭୁକ୍ତ ସମ୍ପ୍ରଦାୟ ଓ ତଫସିଲଭୁକ୍ତ ଜାତିର ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଧନ୍ଦାରେ ଉନ୍ନତତର ତାଲିମ ଦିଆଯାଏ । ମୟୂରଭଞ୍ଜର ତକତପୁରଠାରେ ଖୋଲାଯାଇଥିବା ବୈଷୟିକ ତାଲିମ ଅନୁଷ୍ଠାନଟି ଆଦିବାସୀ ବାଳକମାନଙ୍କୁ ଉଚ୍ଚତର ଯାନ୍ତ୍ରିକ ଓ ବୈଦ୍ୟୁତିକ ଇଞ୍ଜିନିୟରିଂ ଶିକ୍ଷା ଦିଏ । ଆଦିବାସୀମାନଙ୍କମଧ୍ୟରେ ମାଛ ଚାଷର ଉନ୍ନତିପାଇଁ ଫୁଲବାଣୀ, ମୟୂରଭଞ୍ଜ ଓ କୋରାପୁଟ ଜିଲ୍ଲାରେ ୩ଟି ମାଛଚାଷ କେନ୍ଦ୍ର ଖୋଲାଯାଇଛି । ୧୯୭୦-୭୧ ମସିହାମଧ୍ୟରେ ଆଦିବାସୀ ଅଞ୍ଚଳରେ ଆଉ ୩ଟି ମାଛଚାଷ କେନ୍ଦ୍ର ଖୋଲାଯିବ । କୋରାପୁଟ ଓ ବୌଦ୍ଧ-କନ୍ଧମାଳ ଜିଲ୍ଲାରେ ୪ଟି ମହୁମାଛି ପାଳନ କେନ୍ଦ୍ର ସ୍ଥିର ହୋଇଛି । ଉନ୍ନତଧରଣର ଘର ତିଆରିପାଇଁ ଘରପିଛା ୫୭୫୦୯ ହିସାବରେ ଆଦିବାସୀ ଓ ହରିଜନମାନଙ୍କୁ ଆର୍ଥିକ ସାହାଯ୍ୟ ଦିଆଯାଉଛି । ୧୯୭୦-୭୧ ମସିହାରେ ଏପରି ସାହାଯ୍ୟ ଦେବା ବ୍ୟବସ୍ଥା ଜାରିରଖାଯିବ ବୋଲି ପ୍ରସ୍ତାବ କରାଯାଉଛି ।

ଏ ପର୍ଯ୍ୟନ୍ତ ୫ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ କେନ୍ଦ୍ର ଗଠିତ ହୋଇସାରିଲାଣି ଏବଂ ଆଦିବାସୀ ଅଞ୍ଚଳପାଇଁ ୧୯୭୦-୭୧ ମଧ୍ୟରେ ଗୋଟିଏ କେନ୍ଦ୍ର ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ରହିଛି । ଏ ପର୍ଯ୍ୟନ୍ତ ୮ଟି ଏଲୋପାଥିକ୍ ଓ ୮ଟି ଆୟୁର୍ବେଦ ଚିକିତ୍ସାଳୟ ଏବଂ ୧୨ଟି ୬ ଶଯ୍ୟାବିଶିଷ୍ଟ ଡାକ୍ତରଖାନା ଆରମ୍ଭ କରାଯାଇଛି ଏବଂ ୧୯୭୦-୭୧ ମଧ୍ୟରେ ୨ଟି ଏଲୋପାଥିକ ଓ ୨ଟି ଆୟୁର୍ବେଦ ଚିକିତ୍ସାଳୟ ଓ ଅଧିକ ଶଯ୍ୟାବିଶିଷ୍ଟ ୮ଟି ଡାକ୍ତରଖାନା ଖୋଲିବାର ପ୍ରସ୍ତାବ ରହିଛି । ବିମୁକ୍ତ ଜାତିଙ୍କର ମଙ୍ଗଳନିମନ୍ତେ ୮ଟି ପ୍ରୌଢ଼ ଶିକ୍ଷା କେନ୍ଦ୍ର ଏବଂ ୬ଟି ମୌଳିକ ସ୍କୁଲ ପ୍ରତିଷ୍ଠା କରାଯାଇଛି ଏବଂ ୧୯୭୦-୭୧ ମଧ୍ୟରେ ଆଉ ଗୋଟିଏ ମୌଳିକ ସ୍କୁଲ ଖୋଲାଯିବାର ପ୍ରସ୍ତାବ ରହିଛି । ୩୭୦ଟି ପରିବାରପାଇଁ ୧୮ଟି ବସତି ସ୍ଥାପନ କରାଯାଇଛି । ସେଠାରେ ଉନ୍ନତ ଧରଣର ଗୃହ ନିର୍ମାଣ, ଗୋଷ୍ଠୀ ଘର, ଗାଈ ବଳଦ ଓ କୁକୁଡ଼ା ଯୋଗାଣ ଏବଂ କୁଟୀର ଶିଳ୍ପର ବିକାଶପାଇଁ ସାହାଯ୍ୟ ଦେବାର ସୁବିଧା ରଖାଯାଇଛି । ୧୯୭୦-୭୧ ମସିହାରେ ଏ ଭଳି ଗୋଟିଏ ବସତି ସ୍ଥାପନର ପ୍ରସ୍ତାବ ଅଛି ।

## ଆଶ୍ରୟପ୍ରାର୍ଥୀଙ୍କ ଥଇଥାନ

କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁସାରେ ନିକଟ ଭବିଷ୍ୟତରେ ସାହାଯ୍ୟ ଓ ପୁନର୍ବସତି ବିଭାଗ ଉଠାଇଦେବାପାଇଁ ଏବଂ ପୁନର୍ବସତି କଲୋନୀରେ ରହିଥିବା ଅନୁଷ୍ଠାନ ଓ ଜନକଲ୍ୟାଣ କାର୍ଯ୍ୟର ଦାୟିତ୍ୱ ସାଧାରଣ ଶାସନ ବିଭାଗ ହାତରେ ଦେଇଦେବାପାଇଁ ମୋ ସରକାର ବ୍ୟବସ୍ଥା କରୁଛନ୍ତି । କଲିକତାରେ ଥିବା କେନ୍ଦ୍ରୀୟ ରିଲିଫ୍ କ୍ୟାମ୍ପରୁ ସ୍ଥାନାନ୍ତରିତ ବ୍ୟକ୍ତିମାନଙ୍କୁ ଗ୍ରହଣକରି ପୁନର୍ବସତି ଉଦ୍ଦେଶ୍ୟରେ ସେମାନଙ୍କୁ ଏ ରାଜ୍ୟର ବିଭିନ୍ନ ପୁନର୍ବସତି କେନ୍ଦ୍ରକୁ ପଠାଇବାଦିଗରେ ଏକମାତ୍ର କାର୍ଯ୍ୟକରୁଥିବା କଟକ ଜିଲ୍ଲାର ଚାରବାଟିଆ ରିଲିଫ୍

କ୍ୟାମ୍ପଟି ୩୦।୧୧।୫୯ ତାରିଖରେ ବନ୍ଦ କରିଦିଆଗଲା । ଏହି କ୍ୟାମ୍ପରେ ବର୍ଷ ଆରମ୍ଭରୁ ରହିଥିବା ସମଗ୍ର ବାସଚ୍ୟୁତ ବ୍ୟକ୍ତି ଅର୍ଥାତ ୯୦୦ ଲୋକ ବିଶିଷ୍ଟ ୨୧୦ଟି ପରିବାରଙ୍କୁ ରାଜ୍ୟର ବିଭିନ୍ନ ପୁନର୍ବସତି କେନ୍ଦ୍ରକୁ ପଠାଇଦିଆଯାଇଥିଲା । ୪୦ ଟି ସ୍ଥାନଚ୍ୟୁତ ପରିବାରର ଲୋକଙ୍କୁ ମହାଲକ୍ଷ୍ମୀପୁର ଶିବିରରୁ କୃଷ୍ଣପୁର କଲୋନୀକୁ ପଠାଇଦିଆଯାଉଛି । ୧୯୫୯ ଡିସେମ୍ବର ଶେଷ ସୁଦ୍ଧା ୭୩ଜଣ ସ୍ଥାନଚ୍ୟୁତ ବ୍ୟକ୍ତି ଏ ରାଜ୍ୟରୁ ପଳାଇଯାଇଛନ୍ତି । ବର୍ତ୍ତମାନ ରହିଥିବା ୪୫ଟି କଲୋନୀ ସହିତ ଆଉ ନୂଆ ୫ଟି କଲୋନୀ ସହର ଓ ପଲ୍ଲୀ ଅଞ୍ଚଳରେ ଖୋଲାଯାଇ ସେଠାରେ ସୁରବାଡିଆ କ୍ୟାମ୍ପର ସ୍ଥାନଚ୍ୟୁତ ବ୍ୟକ୍ତିମାନଙ୍କୁ ରଖାଯାଇଥିଲା । ମୋଟ ଉପରେ ବର୍ତ୍ତମାନ ରାଜ୍ୟରେ ୫୦ଟି କଲୋନୀ ଅଛି ଏବଂ ସେଥିରେ ୯୭୮୦ ଲୋକବିଶିଷ୍ଟ ୨୨୨୧ଟି ପରିବାର ରହିଛନ୍ତି । ପୁନର୍ବସତି କେନ୍ଦ୍ରମାନଙ୍କରେ ଥିବା ସ୍ଥାନଚ୍ୟୁତ ବ୍ୟକ୍ତିମାନଙ୍କର ପିଲାଙ୍କୁ ଶିକ୍ଷାଦେବାପାଇଁ ଏପର୍ଯ୍ୟନ୍ତ ୧୨ଟି ଉ.ପ୍ରା. ଓ ୭ଟି ନି.ପ୍ରା. ସ୍କୁଲ ଖୋଲା ଯାଇଛି । କେତେକ କଲୋନୀର ଲୋକମାନେ ଘୁଞ୍ଚି ଚାଲିଯିବା ଫଳରେ ଏଥିମଧ୍ୟରୁ ଗୋଟିଏ ଉ.ପ୍ରା.ସ୍କୁଲ ଓ ୨ଟି ନି.ପ୍ରା. ସ୍କୁଲ ବନ୍ଦ କରିଦିଆଯାଇଛି । ଶରଣାର୍ଥୀ ପରିବାରର ଶିଶୁମାନଙ୍କୁ ଉଚ୍ଚତର ଶିକ୍ଷାଦେବାପାଇଁ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ ମୟୂରଭଞ୍ଜ ଜିଲ୍ଲାର ୫ଟି ସରକାରୀ ହାଇସ୍କୁଲରେ ୭୩ଟି ଜାଗା ରଖାଯାଇଛି । ସରକାରୀ ଖର୍ଚ୍ଚରେ କଟକ ଶିଳ୍ପତାଲିମ କେନ୍ଦ୍ର, ପୁରୀର ମହିଳା କୁଟୀର ଶିଳ୍ପ ଶିକ୍ଷାଶ୍ରମ ଓ ବସନ୍ତ କୁମାରୀ ବିଧବାଶ୍ରମ ଯଥାକ୍ରମେ ୫୪ଜଣ ସ୍ଥାନଚ୍ୟୁତ ବାଳକ ଓ ୪୫ଜଣ ବାଳିକାଙ୍କୁ ତାଲିମ ଦିଆଯାଉଛି । ସ୍ଥାନଚ୍ୟୁତ ବ୍ୟକ୍ତିମାନଙ୍କୁ ଲାଭଜନକ ନିଯୁକ୍ତି ଯୋଗାଇବା ଉଦ୍ଦେଶ୍ୟରେ ୩ଟି ଶିଳ୍ପ ଅର୍ଥାତ୍ ଗୋଟିଏ ବରଫକଳ, ଗୋଟିଏ କରାକଳ ଓ ଗୋଟିଏ ଇଟାଭାଟି ଆରମ୍ଭ କରି ତହିଁରେ ସ୍ଥାନଚ୍ୟୁତ ବ୍ୟକ୍ତିମାନଙ୍କୁ ନିଯୁକ୍ତ କରିବାପାଇଁ ୩ ଜଣ ବେସରକାରୀ ଶିଳ୍ପପ୍ରାର୍ଥୀଙ୍କୁ ଋଣ ମଞ୍ଜୁର କରାଯାଇଛି । ମୋ ସରକାର ଦଣ୍ଡକାରଣ୍ୟ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ସବୁପ୍ରକାର ସାହାଯ୍ୟ ଓ ସହଯୋଗ ଦେଉଛନ୍ତି । ଦଣ୍ଡକାରଣ୍ୟ କର୍ତ୍ତୃପକ୍ଷଙ୍କୁ ଜଣେ କୃଷି ବିଭାଗୀୟ ଡେପୁଟି ଡିରେକ୍ଟର, ୩ଜଣ ସହକାରୀ କୃଷି ଇଂଜିନିୟର ଏବଂ ୭ଜଣ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀଙ୍କୁ ଦିଆଯାଇଛି । ଦଣ୍ଡକାରଣ୍ୟ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ୧,୪୯,୦୦୦ ଏକର ଜମି ( ଉମରକୋଟଠାରେ ୩୯,୦୦୦ ଏକର, ରାୟଘରଠାରେ ୭୦୦୦ ଏକର ଓ ବାଲିମେଲାଠାରେ ୫୦,୦୦୦ ଏକର) ଦେବାକୁ ରାଜ୍ୟସରକାର ସ୍ଥିର କରିଛନ୍ତି । ଏହି ଜମିମଧ୍ୟରୁ ଉମରକୋଟଠାରେ ୯୦୦୦ଏକର ଜମି ଏ ପର୍ଯ୍ୟନ୍ତ ଦଣ୍ଡକାରଣ୍ୟ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଗଲାଣି ।

## ପଞ୍ଚାୟତିରାଜ୍ ସ୍ଥାପନଦ୍ୱାରା ଶାସନ ବିକେନ୍ଦ୍ରୀକରଣ

ଏହା କହିବାକୁ ଆନନ୍ଦର ସହିତ ଜଣାଉଛି ଯେ ହାଇକୋର୍ଟଙ୍କ ସହିତ ବିଚାର କରି ମୋ ସରକାର ପରୀକ୍ଷାମୂଳକଭାବେ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ମଇ ପହିଲାଠାରୁ ବିଚାର ବିଭାଗକୁ ଶାସନ ବିଭାଗରୁ ପୃଥକ କରିବାର ସାମ୍ବିଧାନିକ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାପାଇଁ ସ୍ଥିର କରିଛନ୍ତି ।

ପଞ୍ଚବାର୍ଷିକ ଯୋଜନାଗୁଡ଼ିକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ କରାଇବା ଓ ସମନ୍ୱୟ ରକ୍ଷା କରିବା ଉଦ୍ଦେଶ୍ୟରେ ବର୍ତ୍ତମାନ ଥିବା ଜିଲ୍ଲା ବୋର୍ଡ଼ ଓ ଜିଲ୍ଲା ଉନ୍ନୟନ କମିଟିଗୁଡ଼ିକ ବଦଳରେ ଜିଲ୍ଲା ସ୍ତରରେ ତିନି ପର୍ଯ୍ୟାୟଯୁକ୍ତ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ପଦ୍ଧତି ଚାଲୁକରାଇବାପାଇଁ ମୋ ସରକାର ସ୍ଥିର କରିଛନ୍ତି । ଏହାର ଅନ୍ୟ ଲୋକପ୍ରିୟ ନାମ ପଞ୍ଚାୟତରାଜ ଅଟେ । ଏଥିରେ ପ୍ରାଥମିକ

ସ୍ତରରେ ଗ୍ରାମପଞ୍ଚାୟତ, ବ୍ଲକ ସ୍ତରରେ ପଞ୍ଚାୟତ ସମିତି ଓ ଜିଲ୍ଲା ସ୍ତରରେ ସର୍ବୋପରି ଜିଲ୍ଲା ପରିଷଦମାନ ରହିବ । ଏହି ସୂତ୍ରରେ ଏଥିନିମନ୍ତେ ଆବଶ୍ୟକୀୟ ଆଇନ ଯଥା :— ଜିଲ୍ଲା ପରିଷଦ ଆଇନଟି ଗତ ଅଧିବେଶନରେ ଗୃହୀତ ହୋଇସାରିଛି ଏବଂ ଏହି ଆଇନର ବିଭିନ୍ନ ଧାରାଗୁଡ଼ିକୁ କାର୍ଯ୍ୟକାରୀ କରାଇବା ନିମନ୍ତେ ଶାସନତାନ୍ତ୍ରିକ ବ୍ୟବସ୍ଥାମାନ ଗ୍ରହଣ କରାଯାଉଛି । ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ଚଉକିଦାରୀ ଅନୁସନ୍ଧାନ କମିଟିଙ୍କର ରିପୋର୍ଟକୁ ମୋ ସରକାର ସତର୍କ ସହିତ ବିଚାର କରିଛନ୍ତି ଏବଂ ଏହି କମିଟିର ଉପରେ ଭିତ୍ତିକରି ଯଥାଶୀଘ୍ର ଆବଶ୍ୟକୀୟ ବିଲ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାଯିବ । ସବୁ ସ୍ତରରେ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକରେ ସମନ୍ୱୟ ରକ୍ଷା କରିବାପାଇଁ ଗତ ବର୍ଷଠାରୁ ପୂରା ସମୟ କାର୍ଯ୍ୟ କରିବାନିମନ୍ତେ ଗୋଟିଏ ଡେଭେଲପମେଣ୍ଟ କମିଶନର ପଦ ସୃଷ୍ଟି କରାଯାଇଛି ଏବଂ ଡେଭେଲପମେଣ୍ଟ କମିଶନର ସେକ୍ରେଟାରୀ ଥାଇ ସେକ୍ରେଟେରିଏଟ୍‌ରେ ଗୋଟିଏ ପୃଥକ ପ୍ଲାନିଙ୍ଗ୍ ଏଣ୍ଡ କୋଅର୍ଡ଼ିନେସନ ବିଭାଗ ସୃଷ୍ଟି କରାଯାଇଛି । ରାଜ୍ୟରେ ଦ୍ରୁତଗତିରେ ଶିଳ୍ପୋନ୍ନତି ଘଟୁଥିବାରୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବାରୁ ମୋ ସରକାର ପୁଲିସ ଶାସନର ପୁନର୍ଗଠନ କରାଯିବାର ଆବଶ୍ୟକତା ଉପଲବ୍ଧି କରିଛନ୍ତି । ଏହି ଉଦ୍ଦେଶ୍ୟରେ ମୋ ସରକାର ସ୍ୱତନ୍ତ୍ର ଭାବରେ ଜଣେ ଆଡିସନାଲ ଇନସ୍ପେକ୍ଟର ଜେନେରାଲ ନିଯୁକ୍ତ କରିଛନ୍ତି । ଏହି ଅଫିସର ସମ୍ପ୍ରଦାୟ ପୁଲିସ୍ ସଙ୍ଗଠନ ବିଷୟରେ ଅନୁସନ୍ଧାନ କରିବେ ଏବଂ ଏହାର ଉନ୍ନୟନନିମନ୍ତେ ଆବଶ୍ୟକୀୟ ପରାମର୍ଶମାନ ଦେବେ । ତାଙ୍କର ରିପୋର୍ଟଟି କିଛି ଦିନ ତଳେ ମିଳିଛି ଏବଂ ସରକାର ଏହାକୁ ପରୀକ୍ଷା କରୁଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୧୯୫୭ ମସିହା ମଇ ମାସରେ ମୋ ସରକାରଙ୍କଦ୍ୱାରା ଯେଉଁ ସାଧାରଣ ପାଣି (ଜଳସେଚନ) ଉପଯୋଗ ଅନୁସନ୍ଧାନ କମିଟି ଗଠନ କରାଯାଇଥିଲା, ୧୯୫୯ ଏପ୍ରିଲ ମାସରେ ସେମାନେ ଏହାର ରିପୋର୍ଟ ଦାଖଲ କରିଛନ୍ତି । ସରକାର ଯତ୍ନସହକାରେ ଏହି ରିପୋର୍ଟକୁ ଅନୁଧ୍ୟାନ କରୁଛନ୍ତି ଏବଂ କମିଟିଙ୍କର ସୁପାରିଶ ଅନୁଯାୟୀ ଅନେକ କାର୍ଯ୍ୟାନୁଷ୍ଠାନ କରାଗଲାଣି ।

## ନୂଆ କୋଠାବାଡ଼ି ନିର୍ମାଣ

ଏ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କର ସେକ୍ରେଟେରିଏଟ୍, ଭୁବନେଶ୍ୱର ଓ କଟକରେ ବିକ୍ଷିପ୍ତ ଭାବରେ ବିଭିନ୍ନ କୋଠାଘରମାନଙ୍କରେ କାର୍ଯ୍ୟ କରିଆସୁଥିଲେ । ଏହି ବର୍ଷ ମଧ୍ୟରେ ଭୁବନେଶ୍ୱରଠାରେ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ନୂଆ ସେକ୍ରେଟେରିଏଟ୍ କୋଠାଦ୍ୱାରା ଏହି ଅସୁବିଧା ଦୂର କରାଯାଇପାରିଛି । ଏହାଦ୍ୱାରା ଶାସନ କ୍ଷେତ୍ରରେ ଅଧିକ ସମନ୍ୱୟ ଓ ଯୋଗସୂତ୍ର ରଖାଯାଇପାରିବ । କ୍ରମଶଃ ବଢ଼ିଚାଲିଥିବା ଛାପାକାର୍ଯ୍ୟକୁ ଦକ୍ଷତାରେ ତୁଲାଇବାପାଇଁ ପୂର୍ବରୁ କଟକରେ ସ୍ଥାନ ଅସୁବିଧାର ସମ୍ମୁଖୀନ ହୋଇ କାର୍ଯ୍ୟକରୁଥିବା ସରକାରୀ ଛାପାଖାନାକୁ ମଧୁପାଟଣାରେ ତିଆରି କରାଯାଇଥିବା ଏହାର ସ୍ଥାୟୀ କୋଠାଘରକୁ ସ୍ଥାନାନ୍ତରିତ କରାଯାଇଛି । ଛାପାଖାନାର ପୁନର୍ଗଠନ ଦିଗରେ ଏହାହିଁ ହେଉଛି ପ୍ରଥମ ପଦକ୍ଷେପ ।

## ସାମରିକ ଶିକ୍ଷାର ସୁବିଧା

ଭୁବନେଶ୍ୱର ବିମାନ ଘାଟିରେ ୫୭ ନମ୍ବର (ଓଡ଼ିଶା) ଅକ୍‌ଜିଲିଆରି ଏୟାର ଫୋର୍ସ ସ୍କ୍ୱାଡ୍ରନ ନାମରେ ଗୋଟିଏ ଅକ୍‌ଜିଲିଆରି ଏୟାର ଫୋର୍ସ ସ୍କ୍ୱାଡ୍ରନ ଗଠନ କରାଯାଇଛି ଏବଂ ଏହାର

ହେଡ୍‌କ୍ୱାର୍ଟର୍ସରେ ୧୯୫୯ ସେପ୍ଟେମ୍ବର ୯ ତାରିଖଠାରୁ କାର୍ଯ୍ୟ ଆରମ୍ଭ ହୋଇଛି । ଏହାର ଅନ୍ୟ ଲୋକପ୍ରିୟ ନାମ 'ନାଗରିକ ବିମାନ ବାହିନୀ'ର ଏହା ହେଉଛି ୬ଷ୍ଠ ୟୁନିଟ୍ । ଦିଲ୍ଲୀ, ମାନ୍ଦ୍ରାଜ, ବମ୍ବେ, କଲିକତା ଏବଂ ଏଲାହାବାଦଠାରେ ଅନ୍ୟାନ୍ୟ ୫ଟି ୟୁନିଟ ଗଠନ କରାଯାଇଛି । ନାଗରିକ ବିମାନ-ବାହିନୀରେ ଏହି ୟୁନିଟ୍‌ରେ ପ୍ରତି ସପ୍ତାହର ଶେଷ ଦିନରେ ଏବଂ ପ୍ରତିବର୍ଷ ୨୮ ଦିନିଆ ବାର୍ଷିକ ତାଲିମ କେନ୍ଦ୍ରରେ ୧୨ ଜଣ ପାଇଲଟ୍, ୪ ଜଣ ଟେକ୍‌ନିକାଲ ଅଫିସର ଏବଂ ୩୫ ଜଣ ଟ୍ରେଡ୍‌ସ୍‌ମେନଙ୍କୁ ତାଲିମ ଦିଆଯିବ । ଏହାଦ୍ୱାରା ତାଲିମ ପ୍ରାର୍ଥୀମାନଙ୍କମଧ୍ୟରେ ଆଜିକାଲି ବହୁ ଆବଶ୍ୟକଥିବା ଶୃଙ୍ଖଳା ଜ୍ଞାନର ଉଦ୍ରେକ କରାଇବା ଏବଂ ରାଷ୍ଟ୍ରରେ ଦେଶରକ୍ଷାନିମନ୍ତେ ଏକ ଦ୍ୱିତୀୟ ବାହିନୀ ତିଆରିକରିବା ଦିଗରେ ଏ ରାଜ୍ୟର ବାସିନ୍ଦାମାନେ ଏହାର ପୂର୍ଣ୍ଣାଙ୍ଗ ସୁଯୋଗ ନେବେ ବୋଲି ମୁଁ ଆଶା କରୁଛି ।

## ନୂଆ ନୂଆ ଆଇନର ପ୍ରଚଳନଦ୍ୱାରା ଶାସନ ସଂସ୍କାର

ଏହି ଅଧିବେଶନରେ ୧୯୬୦-୬୧ ମସିହାର ବଜେଟ ପାଶ କରାଇବାପାଇଁ ଏବଂ ଆପଣମାନଙ୍କର ସମ୍ମୁଖରେ ଥିବା ବିଲ୍‌ମାନ ବିଚାର କରିବାପାଇଁ ଆପଣମାନଙ୍କୁ ଅନୁରୋଧ କରାଯିବ । ଆପଣମାନଙ୍କୁ ମଧ୍ୟ ନିମ୍ନଲିଖିତ ବିଲଗୁଡ଼ିକର ବିଚାର କରିବାନିମନ୍ତେ ଆବଶ୍ୟକ ପଡ଼ିବ :—

୧ । ଓଡ଼ିଶା ଜମିଦାରୀ ଉଚ୍ଛେଦ ( ସଂଶୋଧନ ) ବିଲ୍ ।
୨ । ସମ୍ମିଳିତ କର ବିଲ୍ ( କନ୍‌ସୋଲିଡେଟେଡ୍ ) ବିଲ୍ ।
୩ । ୧୯୫୯ ଓଡ଼ିଶା ଜଳସେଚନ ଆଇନର ନିୟମାବଳୀ ।
୪ । ୧୯୫୯ ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ଆଇନର ନିୟମାବଳୀ ।
୫ । ୧୯୪୩ ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନର ସଂଶୋଧନାବଳୀ ।
୬ । ଓଡ଼ିଶା ଗ୍ରାମପଞ୍ଚାୟତ ନିୟମର ସଂଶୋଧନ ।
୭ । ପ୍ରଚଳିତ ୨ଟି ମଟର ଗାଡ଼ି ଟିକସ ଆଇନ୍‌କୁ ଏକାଠି କରି ଗୋଟିଏ ବିଲ୍ ଯଥା :—(୧) ବିହାର ଓ ଓଡ଼ିଶା ମଟର ଗାଡ଼ି ଟିକସ ଆଇନ୍ ଏବଂ (୨) ମାନ୍ଦ୍ରାଜ ମଟର ଗାଡ଼ି ଟିକସ ଆଇନ୍ ।
୮ । ୧୯୪୭ ଓଡ଼ିଶା ବିକ୍ରିକର ଆଇନ୍‌ର ସଂଶୋଧନ ବିଲ୍ ।
୯ । ୧୯୫୯ ଓଡ଼ିଶା ଟିକସ (ରାସ୍ତା ଓ ଅଭ୍ୟନ୍ତରୀଣ ଜଳପଥରେ ଯାଉଥିବା ମାଲ ଉପରେ) ଆଇନ୍‌ର ସଂଶୋଧନ ବିଲ୍ ।
୧୦ । ୧୯୫୬ ଓଡ଼ିଶା ପଣ୍ୟାଗାର ଆଇନର ୩ ଏବଂ ୮ ଧାରାର ସଂଶୋଧନ ।
୧୧ । ୧୯୫୬ ଓଡ଼ିଶା କୃଷିଜାତ ଦ୍ରବ୍ୟ ବଜାର ଆଇନ୍‌ର ସଂଶୋଧନ ।
୧୨ । ଉପକୂଳ ଅଞ୍ଚଳରେ ମାଛ ଧରିବା ସମ୍ପର୍କୀୟ ବିଲ୍ ।
୧୩ । ୧୯୬୦ ଓଡ଼ିଶା ସମବାୟ ସମିତି ବିଲ୍ ।
୧୪ । ଓଡ଼ିଶା ବିଧାନସଭା ବାଚସ୍ପତିଙ୍କର ଦରମା ଓ ଭତ୍ତା ବିଲ୍ ।
୧୫ । ତଉଜିଦାରୀ ପ୍ରଥା ସମ୍ପର୍କୀୟ ବିଲ୍ ।

# ଉତ୍କଳ ପ୍ରସଙ୍ଗ




ମୋର ବିଶ୍ୱାସ ଯେ ଏ ପର୍ଯ୍ୟନ୍ତ ହୋଇଯାଇଥିବା କାର୍ଯ୍ୟର ଏବଂ ନିକଟ ଭବିଷ୍ୟତରେ କରାଯିବାପାଇଁ ଥିବା କାର୍ଯ୍ୟର ଯେଉଁ ସଂକ୍ଷିପ୍ତ ବିବରଣୀ ମୁଁ ଏଠାରେ ଉପସ୍ଥାପିତ କଲି, ତାହା ଆପଣମାନଙ୍କ ଆଲୋଚନାରେ କେତେକ ପରିମାଣରେ ସାହାଯ୍ୟ କରିବ ବୋଲି ଆଶା କରୁଛି । ଗତ ୨ଟି ଯୋଜନାଠାରୁ ତୃତୀୟ ପଞ୍ଚବାର୍ଷିକ ଯୋଜନାଟି ବୃହତ୍ତର ହେବାକୁ ଯାଉଥିଲେ ମଧ୍ୟ ଆମ୍ଭେମାନେ ନିକଟ ତଥା ସୁଦୂର ଭବିଷ୍ୟତରେ ଆମର ଆବଶ୍ୟକତାପାଇଁ ଯୋଜନା ପ୍ରସ୍ତୁତ କରିବା ଏବଂ ବର୍ଷକୁ ବର୍ଷ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାର ପ୍ରଣାଳୀ ଶିକ୍ଷା କରିପାରିନାହୁଁ । ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟର ଅଗ୍ରଗତି ହୁଏ ତ ସମାନ ହୋଇ ନାହିଁ— କେତେକରେ ହୁଏ ତ ବେଶି ଅନ୍ୟ କେତେକରେ କମ୍ ହୋଇଛି । ୨ଟି ଯୋଜନା କାର୍ଯ୍ୟକାରୀ କରିସାରି ଆମ୍ଭେ ବର୍ତ୍ତମାନ କଣ କରିବାକୁ ହେବ ଏବଂ କଣ ନ କରିବାକୁ ହେବ ତାହା ଜାଣିଛୁ । ଆପଣମାନଙ୍କ ସମ୍ମୁଖରେ ବହୁତ ଗୁଡ଼ିଏ କାର୍ଯ୍ୟକ୍ରମ ରହିଛି ଏବଂ ସେଗୁଡ଼ିକ ସଫଳତାର ସହିତ ସମ୍ପନ୍ନ ହେଉ ବୋଲି ମୁଁ ଆପଣମାନଙ୍କୁ ଶୁଭେଚ୍ଛା ଜଣାଉଛି । ଆପଣମାନେ ଯାହା କିଛି କରନ୍ତୁ, ସ୍ଥାୟୀ କାର୍ଯ୍ୟର ଭିତ୍ତିଥିବା ଶକ୍ତି ଓ ଦୃଢ଼ତା ଆପଣଙ୍କର ଲକ୍ଷ୍ୟ ହେଉ ।

ଜୟ ହିନ୍ଦ୍

ଗତ ଜନରାଜ୍ୟ-ଦିବସରେ କଟକ ବାରବାଟୀ ଷ୍ଟେଡିୟମ୍‌ରେ ଅନୁଷ୍ଠିତ
ହୋଇଥିବା ଲୋକନୃତ୍ୟ ସମାରୋହରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ
ଆସିଥିବା ଲୋକନୃତ୍ୟ ଶିଳ୍ପୀଦଳଙ୍କ ସହିତ ଓଡ଼ିଶାର
ରାଜ୍ୟପାଳ ଓ ଶ୍ରୀମତୀ ସୁଖ୍‌ଠଣ୍‌କର































କଟକରେ ଅନୁଷ୍ଠିତ ଗତ ଜନରାଜ୍ୟ-ଦିବସରେ ପ୍ରଜ୍ଞାପନ ମେଢ଼ମାନଙ୍କ ମଧ୍ୟରେ ଶ୍ରେଷ୍ଠ ବିବେଚିତ ହୋଇଥିବା କୃଷି ବିଭାଗର ପ୍ରଜ୍ଞାପନ ମେଢ଼

ଗତ ଜନରାଜ୍ୟ-ଦିବସରେ ଶ୍ରେଷ୍ଠ ବିବେଚିତ ହୋଇଥିବା କୃଷି ବିଭାଗର ପ୍ରଜ୍ଞାପନ ମେଢ଼ପାଇଁ ରାଜ୍ୟପାଳଙ୍କ ସହଧର୍ମିଣୀ ପୁରସ୍କାର ପ୍ରଦାନ କରୁଅଛନ୍ତି



ଜନରାଜ୍ୟ-ଦିବସ ଉପଲକ୍ଷେ ଷ୍ଟେଡିୟମ୍‌ରେ ଅନୁଷ୍ଠିତ ହୋଇଥିବା
ଆତାସବାଜି ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା
ଶ୍ରୀ ଅଜିଜ୍ ଖାଁ ପୁରସ୍କାର ଗ୍ରହଣ କରୁଅଛନ୍ତି



ଗତ ଜନରାଜ୍ୟ-ଦିବସରେ ଓଡ଼ିଶାର ରାଜ୍ୟପାଳଙ୍କ ସହଧର୍ମିଣୀ
ଶ୍ରୀମତୀ ସୁଖ୍‌ଠଣ୍କର କେନ୍ଦୁଝର ଜିଲ୍ଲାର ବାଳିକା
ବିଦ୍ୟାଳୟର ଛାତ୍ରୀଙ୍କୁ କପ୍ ଦେଉଅଛନ୍ତି

# ଓଡ଼ିଶାରେ ମୃତ୍ତିକାଶିଳ୍ପ

ଦଶନ୍ଧିର କୁଟୀରରେ ସାଧାରଣ ବ୍ୟବହାର୍ଯ୍ୟ ସାମଗ୍ରୀରୂପେ ବ୍ୟବହୃତ ହେବାଠାରୁ ଆରମ୍ଭକରି ବିଦ୍ୟୁତ୍‌କଣା, ବୈଦ୍ୟୁତିକ ଯୋଗାଯୋଗ ସମ୍ପର୍କୀୟ ଇଞ୍ଜିନିୟରିଂ, ଜେଟ୍‌ଇଞ୍ଜିନ୍ ଓ ଆଣବିକ ପ୍ରତିକ୍ରିୟାମାନ ସବୁର ଅଂଶ ଆଦି ଗୁରୁତ୍ୱପୂର୍ଣ୍ଣ ଉପାଦାନରୂପେ ବ୍ୟବହୃତ ହେବାପର୍ଯ୍ୟନ୍ତ ବହୁକ୍ଷେତ୍ରରେ ମୃତ୍ତିକାଶିଳ୍ପ ସାମଗ୍ରୀଗୁଡ଼ିକର ସ୍ଥାନ ରହିଛି । ଇଟାଘର, ମେଝିଆ ଓ କାନ୍ଥରେ ଲାଗୁଥିବା ଟାଇଲ, ସ୍ୱାସ୍ଥ୍ୟଉପକରଣ, ନର୍ଦ୍ଦମା-ପାଇପ୍, ଚିନାବାସନ, ଅନ୍ୟାନ୍ୟ ବାସନକୁସନ, ଖାଦ୍ୟଦ୍ରବ୍ୟ ଓ ଜଳରଖିବାପାତ୍ର, ଫୁଲଦାନୀ, ଉଚ୍ଚ ଓ ନୀଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍‌ନିମନ୍ତେ ଇନ୍‌ସୁଲେଟର, ପରୀକ୍ଷାଗାର ପୋର୍ସେଲିନ୍ ରସାୟନିକ ପୋର୍ସେଲିନ୍ ଇତ୍ୟାଦି ଗୁଡ଼ିକରେ ମୃତ୍ତିକାଶିଳ୍ପ ସାମଗ୍ରୀ ବହୁଳଭାବରେ ବ୍ୟବହୃତ ହୋଇଥାଏ ।

ଏହି ପ୍ରବନ୍ଧର ଉଦ୍ଦେଶ୍ୟ ହେଉଛି ମୃତ୍ତିକାଶିଳ୍ପ-ପାଇଁ କଞ୍ଚାମାଲ ମିଳୁଥିବା ସ୍ଥାନସମ୍ପର୍କରେ ଓ କଞ୍ଚାମାଲ ଗୁଡ଼ିକର ଉପଯୋଗ ସମ୍ପର୍କରେ ଗୋଟିଏ ଚିତ୍ରଦେବା ଓ ବର୍ତ୍ତମାନସୁଦ୍ଧା ମିଳୁଥିବା ତଥ୍ୟଉପରେ ଭିତ୍ତିକରି ସେଗୁଡ଼ିକ ଯେପରି ପୂର୍ଣ୍ଣ ଉପଯୋଗ କରାଯାଇ ପାରିବ ସେଥିପାଇଁ ଆଗ୍ରହ ସୃଷ୍ଟିକରିବା ।

## ମୃତ୍ତିକା ଶିଳ୍ପର ଅନ୍ୟତମ ଅଂଶ ଅଗ୍ନିସହନଶୀଳଦ୍ରବ୍ୟ ତିଆରି

ମୃତ୍ତିକା ଶିଳ୍ପର ଆଉଗୋଟିଏ ଉଲ୍ଲେଖଯୋଗ୍ୟ ଅଂଶ ହେଉଛି ଅଗ୍ନିସହନଶୀଳ ଦ୍ରବ୍ୟ ପ୍ରସ୍ତୁତକରିବା । ଅଗ୍ନିସହନଶୀଳ ଦ୍ରବ୍ୟ ବିନା କୌଣସି ଆଧୁନିକଲୁହା ପ୍ରସ୍ତୁତ ଚୁଲିଥିବା ଚୂଲ୍ଲୀ କମ୍ବା ପରୀକ୍ଷାଗାରରେ ବା ପ୍ରଧାନ କାରଖାନାରେ, କୌଣସି ପ୍ରକ୍ରିୟା କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ପ୍ରତ୍ୟେକ ୧୦୦ ଟନ୍ ଲୁହା ଓ ଇସ୍ପାତ ଉତ୍ପାଦନପାଇଁ ୧୫ ଠାରୁ ୨୦ ଟନ୍ ପର୍ଯ୍ୟନ୍ତ ଅଗ୍ନିସହନଶୀଳ ଦ୍ରବ୍ୟ ପ୍ରୟୋଜନ ହୋଇଥାଏ । ଅଗ୍ନିସହନଶୀଳ ଦ୍ରବ୍ୟ ମୁଖ୍ୟତଃ ୩ଟି ଶ୍ରେଣୀରେ ବିଭକ୍ତ ଯଥା:—ଅମ୍ଳଯୁକ୍ତ, ମୌଳିକ ଓ ନିରପେକ୍ଷ । ଅଗ୍ନିମୃତ୍ତିକା, ସିଲିମାନାଇଟ୍, ଓ ସିଲିକା ପ୍ରଥମ ଶ୍ରେଣୀଭୁକ୍ତ, ମାଗ୍ନେସାଇଟ, କ୍ରୋମ୍‌ମାଗ୍ନେସାଇଟ୍, ଡୋଲୋମାଇଟ, ଫରେଷ୍ଟରାଇଟ୍ ଦ୍ୱିତୀୟଶ୍ରେଣୀଭୁକ୍ତ ଏବଂ ଗ୍ରାଫାଇଟ୍, କ୍ରୋମାଇଟ୍ ଓ ଆଲୁମିନା ୩ୟଶ୍ରେଣୀଭୁକ୍ତ । ଓଡ଼ିଶାରେ ମାଗ୍ନେସାଇଟ୍ ଛଡ଼ା ଉପରଲିଖିତ ସବୁପ୍ରକାର ଅଗ୍ନିସହନଶୀଳ ଦ୍ରବ୍ୟ ପ୍ରସ୍ତୁତ କରିବା ଉପଯୋଗୀ କଞ୍ଚାମାଲ ରହିଛି ।

ଚିକ୍‌କଣ ମୃତ୍ତିକାପାତ୍ର ଓ ପୋର୍ସେଲିନ, ବିଦ୍ୟୁତ୍ ନିରୋଧକ ଇଟା ସମେତ ବିଭିନ୍ନ ପ୍ରକାରର ଅଗ୍ନିସହନଶୀଳ ଦ୍ରବ୍ୟ ପ୍ରସ୍ତୁତ ଧଳାମାଟି ସାମଗ୍ରୀ ତିଆରି କରିବାକୁ ହେଲେ ଯେଉଁସବୁ ଉଲ୍ଲେଖଯୋଗ୍ୟ କଞ୍ଚାମାଲ ଆବଶ୍ୟକ ସେ ଗୁଡ଼ିକ ହେଉଛି (୧) ଚିନାମାଟି ଯାହାକୁ କଓଲିନ୍ ମଧ୍ୟ କୁହାଯାଇଥାଏ, (୨) ପ୍ଲାଷ୍ଟିକ୍ ମୃତ୍ତିକା ଯାହା 'ବଲ୍‌କ୍ଲେ' ରୂପେ ମଧ୍ୟ ପରିଚିତ, (୩) ଅଗ୍ନିମୃତ୍ତିକା, (୪) କ୍ୱାର୍ଜ, (୫) ଫେଲସ୍ପାର ।

## ଓଡ଼ିଶାରେ ଧଳାମାଟି ବା ଚିକ୍‌କଣ ମାଟିଜିନିଷ ତିଆରିପାଇଁ କଞ୍ଚାମାଲ

ଧଳାମାଟି ବା ଚିକ୍‌କଣମାଟି ସାମଗ୍ରୀ ତିଆରି କରିବା ପାଇଁ ଯେଉଁ ସବୁ କଞ୍ଚାମାଲ ଆବଶ୍ୟକ ଉପରୋକ୍ତ କଞ୍ଚାମାଲଗୁଡ଼ିକ ହେଉଛି ତାହାର ୯୮% ଭାଗ । ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅଞ୍ଚଳରେ, ସୁନ୍ଦର-ଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଅଞ୍ଚଳରେ, ସମ୍ବଲପୁର ଜିଲ୍ଲାର ଝାରସୁଗୁଡ଼ା ଓ ବରଗଡ଼ ଅଞ୍ଚଳରେ ଏବଂ କୋରାପୁଟ ଜିଲ୍ଲାର ରାୟଗଡ଼ା ସବ୍‌ଡ଼ିଭିଜନରେ ସର୍ବୋତ୍କୃଷ୍ଟ

ଚିନାମାଟି ରହିଥିବାର ଜଣାଯାଇଛି । ବର୍ତ୍ତମାନ ଏ ସମ୍ପର୍କରେ ଯେଉଁ ସବୁ ତଥ୍ୟ ମିଳୁଛି ତାହା ସମ୍ପୂର୍ଣ୍ଣ ବା ସବିସ୍ତୃତ ନୁହେଁ । ଓଡ଼ିଶାର ଢେଙ୍କାନାଳ, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଚିନାମାଟି ରହିଥିବାର ସମ୍ବାଦ ମିଳିଛି ।

ବର୍ତ୍ତମାନ କେବଳ ମୟୂରଭଞ୍ଜ ଜିଲ୍ଲାର ଚିନାମାଟି ଥିବା କେତେକ ସ୍ଥାନରେ କାର୍ଯ୍ୟ ଚାଲିଛି । ଆଶ୍ଚର୍ଯ୍ୟର କଥା ଯେ ଏସବୁ ଚିନାମାଟିତକ ଓଡ଼ିଶା ବାହାର ବଜାରମାନଙ୍କରେ, ବିଶେଷତଃ ବମ୍ବେ ରାଜ୍ୟରେ ଥିବା ବସ୍ତ୍ରଶିଳ୍ପରେ ଏବଂ ପଶ୍ଚିମବଙ୍ଗର କଲିକତାସ୍ଥ ମୃତ୍ତିକା-ଶିଳ୍ପରେ ବ୍ୟବହୃତ ହେବା ନିମନ୍ତେ ବିକ୍ରି କରି ଦିଆଯାଉଛି ।

## ଓଡ଼ିଶାରେ ଧଳାମାଟି ଶିଳ୍ପର କାରଖାନା

ଓଡ଼ିଶାରେ କେବଳ ୨ଟି ଧଳାମାଟି ଶିଳ୍ପ କାରଖାନା କାର୍ଯ୍ୟ କରୁଛି । କଟକଜିଲ୍ଲାର ବାରଙ୍ଗଠାରେ ଥିବା କାରଖାନାଟି ଆବଶ୍ୟକୀୟ ସମସ୍ତ ଚିନାମାଟି ରାଜ୍ୟ ବାହାରୁ ଆମଦାନୀ କରୁଛି । ମୟୂରଭଞ୍ଜ ଜିଲ୍ଲାରେ ଥିବା କାରଖାନାଟି ଚିନାମାଟି ଖଣିଗୁଡ଼ିକର ଅତି ନିକଟରେ ଅବସ୍ଥିତ ହୋଇଥିଲେ ସୁଦ୍ଧା ଅନିୟମିତଭାବେ କାର୍ଯ୍ୟ ଚାଲିଥିବାଯୋଗୁ ତାହା ଏହି ସବୁ ଖଣିଗୁଡ଼ିକରୁ ଅତି ଅଳ୍ପ ପରିମାଣର ଚିନାମାଟି ବ୍ୟବହାରରେ ଲଗାଇ ପାରୁଛି ।

ରାଜ୍ୟରେ ଅନ୍ୟାନ୍ୟ କେତେକ ଶିଳ୍ପାନୁଷ୍ଠାନମଧ୍ୟ ଚିନାମାଟି ବ୍ୟବହାର କରୁଛନ୍ତି । ଏମାନଙ୍କମଧ୍ୟରୁ କେବଳ ବ୍ରଜରାଜନଗରଠାରେ ଥିବା କାଗଜ କାରଖାନାଟି ପ୍ରତିଦିନ ପ୍ରାୟ ୧୦ଟନ୍ ଚିନାମାଟି ବ୍ୟବହାର କରିଥାଏ । ଅନ୍ୟତମ ବୃହତ୍ ଚିନାମାଟି ବ୍ୟବହାରକାରୀ ହେଉଛି ଓଡ଼ିଶା ଟେକ୍ସଟାଇଲମିଲ୍ । ଏ ଦୁଇଟିଯାକ କାରଖାନା ବାହାରୁ ଚିନାମାଟି ଆମଦାନୀ କରନ୍ତି । ତେଣୁ ଓଡ଼ିଶାରେ ଚିନାମାଟି ଖଣିଗୁଡ଼ିକର ବିକାଶ କରିବାପାଇଁ ବହୁତ ପରିସର ରହିଛି । ବାହାରେମଧ୍ୟ ଏହାର ବିଶେଷ ଚାହିଦା ରହିଛି । ଚୁଲ୍ଲି ଆଦି ତିଆରି କରିବାପାଇଁ ଧଳାମାଟି ଶିଳ୍ପରେ ଅପେକ୍ଷାକୃତ କମ୍ ପରିମାଣରେ ପୋଡ଼ାମାଟି ବ୍ୟବହାର କରାଯାଏ । କିନ୍ତୁ ବିଭିନ୍ନ ପ୍ରକାରର ଭାଟି ଓ ଚୁଲିମାନଙ୍କରେ ଲଗିବାପାଇଁ ଯେଉଁସବୁ ବିଭିନ୍ନ ଆକାରର ଇଟା ଓ ମୁଣ୍ଡାଗୁଡ଼ିକ ତିଆରି କରାଯାଏ, ସେଥିରେ ଏହା ପ୍ରାୟଶଃ ବ୍ୟବହୃତ ହୋଇଥାଏ । ସମଗ୍ର ପୃଥିବୀରେ ଯେତେ ଅଗ୍ନିସହନଶୀଳ ଦ୍ରବ୍ୟ ପ୍ରସ୍ତୁତ ହୁଏ, ତାହାର ଶତକଡ଼ା ୭୦ଭାଗ ହେଉଛି କେବଳ ଅଗ୍ନିମୃତ୍ତିକାଜାତ ଅଗ୍ନିସହନଶୀଳଦ୍ରବ୍ୟ । ଦ୍ୱିତୀୟ ଯୋଜନାର ଶେଷସୁଦ୍ଧା ଦେଶରେ ସମୁଦାୟ ୧୦ଲକ୍ଷ ଟନ୍ ଅଗ୍ନିସହନଶୀଳଦ୍ରବ୍ୟ ପ୍ରସ୍ତୁତ ହେବାର ବ୍ୟବସ୍ଥା ଥିବାସ୍ଥଳେ ପ୍ରକୃତ ଉତ୍ପାଦନ ହେଉଛି ୮ଲକ୍ଷ ଟନ୍ ।

ଓଡ଼ିଶାରେ ପ୍ରତିଷ୍ଠିତ ଦୁଇଟି ଅଗ୍ନିସହନଶୀଳ-ଦ୍ରବ୍ୟ ତିଆରି କାରଖାନା ମଧ୍ୟରୁ ଗୋଟିଏ ରାଜଗାଙ୍ଗପୁରଠାରେ ଅବସ୍ଥିତ ଓ ଏହାର ମାଲିକ ହେଉଛନ୍ତି ମେସର୍ସ ଓଡ଼ିଶା ସିମେଣ୍ଟ ଲିମିଟେଡ଼ । ଅନ୍ୟଟି ଭାରତ ଓ ଜର୍ମାନମିଳିତ ପ୍ରଚେଷ୍ଟାରେ ବେଲପାହାଡ଼ଠାରେ ଅବସ୍ଥିତ ଓ ଟାଟାକମ୍ପାନୀ ହେଉଛନ୍ତି ଏହାର ମାଲିକ । ତୃତୀୟ କାରଖାନାଟି ମଧ୍ୟମ ଧରଣର ଓ ତାହା କଟକଜିଲ୍ଲାର ବାରଙ୍ଗଠାରେ ଅବସ୍ଥିତ । ତିନୋଟିଯାକ କାରଖାନା ମିଶି ୨ଲକ୍ଷ ଟନ୍ ଉତ୍ପାଦନ କରନ୍ତି । ଏହା ଆଶା କରାଯାଉଥିବା ମୋଟ ଉତ୍ପାଦନର ଶତକଡ଼ା ୨୫ଭାଗ ମାତ୍ର । ମଧ୍ୟମ ଆକାରର ଆଉ ଗୋଟିଏ କାରଖାନା ଝାରସୁଗୁଡ଼ା ଠାରେ ନିର୍ମିତ ହେଉଛି ଏବଂ ଏହାଛଡ଼ା ଅ… କାରଖାନାପାଇଁ ଲାଇସେନ୍ସ ଦିଆଯାଇଛି । ବର୍ତ୍ତମାନ ଥିବା କାରଖାନାଗୁଡ଼ିକରେ ଉତ୍ପାଦନ ବୃଦ୍ଧି କରିବା ପାଇଁ ମଧ୍ୟ ପ୍ରସ୍ତାବ ରହିଛି । ଲୁହା ଓ ଇସ୍ପାତ ଶିଳ୍ପ

କ୍ରମଶଃ ପ୍ରସାର ହେବା ଫଳରେ ଅଗ୍ନିସହନଶୀଳ-ଦ୍ରବ୍ୟର ଚାହିଦା ମଧ୍ୟ ବିଶେଷ ଭାବରେ ବୃଦ୍ଧିପାଉଛି । ଉତ୍ପାଦନର ପରିମାଣ ଓ ଚାହିଦା ମଧ୍ୟରେ ଏତେ ପାର୍ଥକ୍ୟ ରହିଛି ଯେ ଏପର୍ଯ୍ୟନ୍ତ ଚାହିଦା ମେଣ୍ଟାଇବା ନିମନ୍ତେ ବହୁପରିମାଣରେ ବିଦେଶରୁ ଆମଦାନୀ କରାଯାଉଛି ।

ତୃତୀୟ ଓ ୪ର୍ଥ ଯୋଜନାକାଳ ମଧ୍ୟରେ ଲୁହା ଓ ଇସ୍ପାତର ଉତ୍ପାଦନ ୧୮୦ ଲକ୍ଷ ଟନ୍‌କୁ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଏହି ସବୁ ଲୁହା ଓ ଇସ୍ପାତ କାରଖାନାଗୁଡ଼ିକର ନିର୍ମାଣ ଓ ରକ୍ଷଣାବେକ୍ଷଣ ପାଇଁ ଅନ୍ୟୂନ ୨୫ରୁ ୩୦ ଲକ୍ଷ ଟନ୍ ଅଗ୍ନିସହନଶୀଳ ଦ୍ରବ୍ୟ ଦରକାର ହେବ । ଲୁହା ଓ ଇସ୍ପାତ କାରଖାନା ଗୁଡ଼ିକ ଫଳରେ ଢଳେଇ କାରଖାନା ଓ ରୋଲିଂ ମିଲ ଭଳି ଯେଉଁସବୁ ଗୌଣ ଶିଳ୍ପର ସୂତ୍ରପାତ ହେବ ସେଗୁଡ଼ିକ ମଧ୍ୟ ବହୁପରିମାଣରେ ଅଗ୍ନିସହନଶୀଳ ଦ୍ରବ୍ୟ ଦରକାର କରିବେ ।

## ବିନିଯୋଗ ନ ହୋଇ ରହିଥିବା ମୃତ୍ତିକା

ବର୍ତ୍ତମାନ ଅଗ୍ନିସହନଶୀଳ ଦ୍ରବ୍ୟ ତିଆରି ପାଇଁ ଯେଉଁ ଅଗ୍ନିମୃତ୍ତିକା ଦରକାର ହେଉଛି; ବସ୍ତୁତଃ ସେ ସବୁତକ ସ୍ଥାନୀୟଭାବେ ସଂଗ୍ରହ କରାଯାଉଛି । ଏପର୍ଯ୍ୟନ୍ତ ପ୍ରଚୁର ଅଗ୍ନିମୃତ୍ତିକା ବିନିଯୋଗ ନ ହୋଇ-ପାରି ପଡ଼ିଛି ଓ ଲାଭଜନକଭାବେ ଏ ସବୁର ଉପଯୋଗ କରାଯାଇ ପାରିବ । ଏ ସମ୍ପଦ ଅଧିକାଂଶ ଭାବେ ଢେଙ୍କାନାଳ, ସମ୍ବଲପୁର, କୋରାପୁଟ, ସୁନ୍ଦରଗଡ଼, ବଲାଙ୍ଗୀର, କଟକ ଓ ପୁରୀଜିଲ୍ଲାମାନଙ୍କରେ ରହିଛି ।

ସିଲିକା ବିଭିନ୍ନ ସ୍ଫଟିକ ଆକାରରେ ମିଳିଥାଏ । ପଥର-କାଚରେ ଏହା ଶୁଦ୍ଧ ଅବସ୍ଥାରେ ଥିବା ସ୍ଥଳେ ନଦୀ ଓ ସମୁଦ୍ରର ବାଲିରେ ନିକୃଷ୍ଟ ଅବସ୍ଥାରେ ଥାଏ । ଏ ଦୁଇଟିର ମଧ୍ୟବର୍ତ୍ତୀ ଧରଣର ଯେଉଁ ସିଲିକା ସାଧାରଣତଃ ଧଳାମାଟି ଶିଳ୍ପରେ ବ୍ୟବହାର କରାଯାଇଥାଏ ତାହା ହେଉଛି, ପଥର-କାଚ, କ୍ୱାର୍ଜ, ଫ୍ଲିଣ୍ଟ ଓ ବାଲିପଥର । କ୍ୱାର୍ଟଜାଇଟ୍, ଗାନିଷ୍ଟର, ଆଗେଟ୍ ଭଳି ଅନ୍ୟାନ୍ୟ କିସମର ଯେଉଁ ସିଲିକା ରହିଛି, ତାହା ଅଗ୍ନିସହନଶୀଳ ସିଲିକା ପ୍ରସ୍ତୁତ କରିବାରେ ବ୍ୟବହୃତ ହୁଏ । କେତେକ ଖାଣ୍ଟି କିସମର ସିଲିକା-ବାଲି ଅଗ୍ନିସହନଶୀଳ ସିଲିକା ଓ କାଚ ତିଆରି କରିବାରେ ବ୍ୟବହାର କରାଯାଏ ।

ଏ ପର୍ଯ୍ୟନ୍ତ ବାହାର କରାଯାଇଥିବା ଖଣି-ଗୁଡ଼ିକରୁ ସାଧାରଣତଃ କ୍ୱାର୍ଜ ଓ ବଡ଼ ବଡ଼ ଦାନାବିଶିଷ୍ଟ କ୍ୱାର୍ଟଜାଇଟ ମିଳୁଛି । ଏଗୁଡ଼ିକ ଉତ୍ତମ ମାଟିପାତ୍ର, ପୋର୍ସେଲିନ୍ ଅଗ୍ନିସହନଶୀଳ ଦ୍ରବ୍ୟ ଓ କାଚ ତିଆରି କରିବାରେ ବ୍ୟବହୃତ ହୁଏ । କିନ୍ତୁ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯିବା ପାଇଁ ଏ ଦୁଇଟିଯାକ କଞ୍ଚାମାଲ ଦରକାର । କ୍ୱାର୍ଜ ପେଷାଯାଇ ଚୂନା କରି କ୍ୱାର୍ଜଗୁଣ୍ଡ ଉତ୍ପାଦନ କରିବାର ଗୋଟିଏ ପ୍ରସ୍ତାବ ମଧ୍ୟ ରହିଛି । ସମ୍ବଲପୁର, ମୟୂରଭଞ୍ଜ, ଢେଙ୍କାନାଳ, କୋରାପୁଟ ଓ ସୁନ୍ଦରଗଡ଼ ଜିଲ୍ଲାମାନଙ୍କରେ ବିଶେଷ ଖାଣ୍ଟି ଧରଣର କ୍ୱାର୍ଜ ଓ କ୍ୱାର୍ଟଜାଇଟ୍ ରହିଛି ।

## ଫେଲ୍‌ସ୍ପାର

ମାଟି ସାମଗ୍ରୀ, ପୋର୍ସେଲିନ୍ ଓ କାଚ ତିଆରି କରିବାପାଇଁ ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ମଧ୍ୟ ଓଡ଼ିଶାରେ ମିଳେ । ଢେଙ୍କାନାଳ, ମୟୂରଭଞ୍ଜ ଓ ଗଞ୍ଜାମ ଜିଲ୍ଲାମାନଙ୍କରେ ଏହି ଦ୍ରବ୍ୟ ରହିଥିବାର ଦେଖାଯାଇଛି ।

ଅଗ୍ନିସହନଶୀଳ ଦ୍ରବ୍ୟ ତିଆରି କରିବାରେ ଗ୍ରାଫାଇଟ୍ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ । ଏହାମଧ୍ୟ ପ୍ରଚୁର ପରିମାଣରେ ଓଡ଼ିଶାରେ ମିଳେ ।

ଭାରତରେ ଏହି କଞ୍ଚାମାଲର ସର୍ବାଧିକ ଉତ୍ପାଦକ ହେଉଛି ଓଡ଼ିଶା ରାଜ୍ୟ । କିନ୍ତୁ ଦୁର୍ଭାଗ୍ୟବଶତଃ ଏ ସବୁକୁ ଗ୍ରାଫାଇଟ୍ ପେନ୍‌ସିଲ, ଇଲେକ୍ଟ୍ରୋଡ୍‌ସ, ଲ୍ୟୁବ୍ରିକାଣ୍ଟ ତିଆରି କରାଯିବା ପାଇଁ ଚୁଲି ଓ ଢାଳେଇ କାରଖାନାମାନଙ୍କରେ ବ୍ୟବହୃତ ହେବାପାଇଁ ରାଜ୍ୟ ବାହାରକୁ ରପ୍ତାନି କରି ଦିଆଯାଏ ।

ଡୋଲୋମାଇଟ୍, ହେମାଟାଇଟ୍, ସ୍ଲିଟାଇଟ୍, ଆସ୍‌ବେଷ୍ଟସ୍ ଆଦି କଞ୍ଚାମାଲ ପ୍ରଚୁର ପରିମାଣରେ ମିଳୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମୃତ୍ତିକାଶିଳ୍ପ କ୍ଷେତ୍ରରେ ଉପଯୁକ୍ତ ଭାବେ ଏଗୁଡ଼ିକର ଉପଯୋଗ କରାଯାଇ ନାହିଁ ।

## ସରକାରଙ୍କ ଉଦ୍ୟମରେ ୩ଟି ଟାଇଲ ତିଆରି କାରଖାନା ପ୍ରତିଷ୍ଠିତ ହେଉଛି

ମୃତ୍ତିକା ଶିଳ୍ପର ଉପର ଲିଖିତ ଶାଖାଗୁଡ଼ିକ ବ୍ୟତୀତ ଆଉ ଗୋଟିଏ ଅତି ସାଧାରଣ ଅଥଚ ଗୁରୁତ୍ୱପୂର୍ଣ୍ଣ ଉପଯୋଗ ନିମନ୍ତେ ବିସ୍ତୃତ କ୍ଷେତ୍ର ରହିଛି । ପ୍ରତି ବର୍ଷ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଅଗ୍ନିକାଣ୍ଡ ଘଟି ଶହ ଶହ ଘରଦ୍ୱାର ନିଆଁରେ ପୋଡ଼ି ଧ୍ୱଂସ ହୋଇଯାଉଛି । ଫଳରେ ଗାଁଗଣ୍ଡାର ଲୋକମାନେ ବିଶେଷ କ୍ଷତିଗ୍ରସ୍ତ ହୋଇ ପଡ଼ୁଛନ୍ତି । ଘରଦ୍ୱାରଗୁଡ଼ିକୁ ଅଗ୍ନିକାଣ୍ଡରୁ ରକ୍ଷା କରିବାର ଏକମାତ୍ର ଉପାୟ ହେଉଛି ସେଗୁଡ଼ିକ ପାଇଁ ଅଗ୍ନିନିରୋଧକ ଛାତ ଯୋଗାଇ ଦେବା । ଗାଁଗହଳର ଗରିବ ଲୋକ ପକ୍କା ଛାତ ବା ଆସ୍‌ବେଷ୍ଟସ୍ କିମ୍ବା କରୋଗେଟେଡ୍ ଛାତ ତିଆରି କରିବାପାଇଁ ପଇସା ଖର୍ଚ୍ଚ କରି ପାରିବେ ନାହିଁ । ଖର୍ଚ୍ଚ କରିବାର କ୍ଷମତା ଥିଲେ ମଧ୍ୟ ଉପଯୁକ୍ତ ପରିମାଣରେ କରୋଗେଟେଡ୍ ଷ୍ଟିଲର (ସିଟ୍) ମିଳୁନାହିଁ । ଛାତ ପାଇଁ ଆସ୍‌ବେଷ୍ଟସ୍ ତିଆରି କରିବାକୁ ଗଲେ ସେଥିପାଇଁ ବିଦେଶରୁ ଆସ୍‌ବେଷ୍ଟସ୍ ଆମଦାନୀ କରିବାକୁ ହେବ ଓ ଫଳରେ ବୈଦେଶିକ ମୁଦ୍ରା ଖର୍ଚ୍ଚ ହୋଇଯିବ । ଏହିସବୁ ଅସୁବିଧାରୁ ରକ୍ଷା ପାଇବା ନିମନ୍ତେ ଓଡ଼ିଶା ସରକାର ରାଣୀଗଞ୍ଜ ଓ ବାଙ୍ଗାଲୋର ଢାଞ୍ଚାରେ ଛାତ ଟାଇଲ ତିଆରି କାରଖାନା ସ୍ଥାପନ କରିବାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଗୋଟିଏ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ସରକାର ଚଳିତ ଆର୍ଥିକ ବର୍ଷ ମଧ୍ୟରେ ତିନୋଟି ଯନ୍ତ୍ରଚାଳିତ ରାଣୀଗଞ୍ଜ ଟାଇଲ ତିଆରି କାରଖାନା ପ୍ରତିଷ୍ଠା କରିବାପାଇଁ ମଞ୍ଜୁର ଦେଇଛନ୍ତି ।

ତୃତୀୟ ଯୋଜନାରେ କାର୍ଯ୍ୟକାରୀ କରାଯିବା ପାଇଁ କେତେଗୁଡ଼ିଏ ପ୍ରସ୍ତାବ ବର୍ତ୍ତମାନ ପରୀକ୍ଷାଧୀନ ରହିଛି । ଏଥିମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଗୋଟିଏ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଉପଯୋଗୀ ଇନ୍‌ସୁଲେଟର ତିଆରି କାରଖାନା, ଗୋଟିଏ ଅଳ୍ପଶକ୍ତି ସମ୍ପନ୍ନ ବୈଦ୍ୟୁତିକ କାରଖାନା, ଗୋଟିଏ କ୍ଷୁଦ୍ର ବା ମଧ୍ୟମ ଆକାରର ପୋର୍ଟଲାଣ୍ଡ ସିମେଣ୍ଟ କାରଖାନା, ଗୋଟିଏ ଗ୍ଲାଜ୍ କରିବା କାରଖାନା, କାଚ ଭିତ୍ତିକ ଏନାମେଲ କାରଖାନା ଓ ଗୋଟିଏ ଆସ୍‌ବେଷ୍ଟସ୍ ସିମେଣ୍ଟ ଦ୍ରବ୍ୟ ତିଆରି କରିବା କାରଖାନା ସ୍ଥାପନ କରାଯିବ ।

## ଝାରସୁଗୁଡ଼ା ମାଟିପାତ୍ର ବିକାଶ କେନ୍ଦ୍ର

ପ୍ରଥମ ଯୋଜନାକାଳରେ ଝାରସୁଗୁଡ଼ାଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ମାଟିପାତ୍ର ବିକାଶ କେନ୍ଦ୍ର ବିଷୟରେ ଉଲ୍ଲେଖ ନ କରାଗଲେ ବିବରଣୀ ଅସମ୍ପୂର୍ଣ୍ଣ ରହିଯିବ । ଏହି କେନ୍ଦ୍ରଟି ଧୀରେ ଧୀରେ ପ୍ରସାରିତ ହେଉଛି । ଏ ବର୍ଷ ୧୦ ଜଣ ବୃତ୍ତିଧାରୀଙ୍କୁ ଏହି କେନ୍ଦ୍ରରେ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି । କେନ୍ଦ୍ରଟି ସବୁ ପରିଦର୍ଶକମାନଙ୍କ ପାଇଁ ଖୋଲା ରହିଛି ଓ କେହି ଏଠାରେ କୌଣସି ବିଷୟ ଶିଖିବାକୁ ଚାହିଁଲେ ତାଙ୍କୁ ସ୍ୱାଗତ କରାଯାଏ । ଆଗାମୀ ବର୍ଷମାନଙ୍କ ଭିତରେ ଏହାକୁ ଆହୁରି ବଢ଼ାଇବା

ଓ କାରିଗରି ସମସ୍ୟାଗୁଡ଼ିକର ସମାଧାନ କରିବା ଦିଗରେ ବେସରକାରୀ ଉଦ୍ୟୋଗକାରୀମାନଙ୍କୁ ସୁବିଧା ଦେବାପାଇଁ ଗୋଟିଏ ଯୋଜନା ରହିଛି । ଜନସାଧାରଣଙ୍କ ସେବା କରିବା ସଙ୍ଗେ ସଙ୍ଗେ ଏହି କେନ୍ଦ୍ରଟି ଗୌଣ କାରଖାନାଗୁଡ଼ିକୁ ତିଆରି ସାମଗ୍ରୀ ଓ ଉପକରଣ ଦ୍ରବ୍ୟ ଯୋଗାଇବାକୁ ଯାଉଛି । ଏ କାରଖାନାଗୁଡ଼ିକ ମଧ୍ୟରୁ ଗୋଟିକର ନିର୍ମାଣକାର୍ଯ୍ୟ ବରଗଡ଼ଠାରେ ଆରମ୍ଭ ହୋଇ ସାରିଲାଣି ।

କଟକଠାରେ ମଧ୍ୟ ସେହିପରି ଗୋଟିଏ କାରଖାନା ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ସରକାର ମଞ୍ଜୁରୀ ଦେଇଛନ୍ତି ।

କାଚ

ଧଳାମାଟି ସାମଗ୍ରୀ ଓ ଅଗ୍ନିସହନଶୀଳ ଦ୍ରବ୍ୟ ତିଆରି କାରଖାନା ବ୍ୟତୀତ ଓଡ଼ିଶାରେ ଦୁଇଟି କାଚ କାରଖାନା ମଧ୍ୟ କାର୍ଯ୍ୟ କରୁଛି । ଏଥିରୁ ଗୋଟିଏ କଟକ ଜିଲ୍ଲାର ବାରଙ୍ଗଠାରେ ଅବସ୍ଥିତ ଓ ଏ କାରଖାନାଟିର ବିଶେଷ ଉତ୍ପାଦନ କ୍ଷମତା ରହିଛି । ବାରଙ୍ଗ କାରଖାନାରେ ସବୁ ପ୍ରକାର ପାତ୍ର ତିଆରି କରାଯାଏ ଏବଂ ଏଠାରେ ଅତ୍ୟାଧୁନିକ ସ୍ୱୟଂଚାଳିତ ଯନ୍ତ୍ରପାତିମାନଙ୍କରୁ ମଧ୍ୟ କେତେକ ରହିଛି । ପ୍ରତିଦିନ ଏଠାରେ ୩୦ ଟନ୍ ଜିନିଷ ଉତ୍ପାଦିତ ହୁଏ । ଏହି ଅନୁଷ୍ଠାନରେ ଗୋଟିଏ ଛୋଟ ଧରଣର ମୁହଁ-ପୁଙ୍କା କାଚ କାରଖାନା ମଧ୍ୟ ଖୋଲି ରହିଛି ।

ଅନ୍ୟ କାରଖାନାଟି ମୟୂରଭଞ୍ଜ ଜିଲ୍ଲାର ବାହାଲଦା ରୋଡ଼ଠାରେ ସ୍ଥାପିତ । ଏହାର ଉତ୍ପାଦନ କ୍ଷମତା ହେଉଛି ଦୈନିକ ପ୍ରାୟ ୫ ଟନ୍ । କାରଖାନାଟି କଲିକତାର ସୁପରିଚିତ ସାଇଣ୍ଟିଫିକ୍ ଇଣ୍ଡିଆନ୍ ଗ୍ଲାସ ଲିମିଟେଡ୍ (ସିକ୍‌କୋଲ)ଙ୍କ ସହଯୋଗରେ କାର୍ଯ୍ୟକାରୀ ହେଉଛି । ଏଠାରେ ପରୀକ୍ଷାଗାର ଓ ଅନ୍ୟାନ୍ୟ ବିଜ୍ଞାନ ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟବହାର କରାଯିବା ଉଦ୍ଦେଶ୍ୟରେ କାଚ-ସାମଗ୍ରୀ ଆଦି ତିଆରି କରାଯାଏ ।

# କମ୍ୟୁନିଟି ରେଡ଼ିଓ ରଖିଥିବା ଅନୁଷ୍ଠାନମାନଙ୍କ ଜାଣିବା କଥା

ଓଡ଼ିଶା ସରକାରଙ୍କ **ସ୍ୱରାଷ୍ଟ୍ର (ଲୋକସମ୍ପର୍କ)** ବିଭାଗ ପକ୍ଷରୁ ବଣ୍ଟାଯାଉଥିବା କମ୍ୟୁନିଟି ରେଡ଼ିଓଗୁଡ଼ିକ ଯେଉଁ ଅନୁଷ୍ଠାନଙ୍କ ନିକଟରେ ରହିଛି ବା ଭବିଷ୍ୟତରେ ଯେଉଁମାନଙ୍କ ନିକଟରେ ରହିବ, ସେମାନଙ୍କ ସୁବିଧା ପାଇଁ ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ ପକ୍ଷରୁ ପ୍ରତି ଜିଲ୍ଲା ପାଇଁ ଜଣେ ଜଣେ ରେଡ଼ିଓ ଇନ୍‌ସପେକ୍ଟର ନିଯୁକ୍ତ ହୋଇଛନ୍ତି । ସେମାନେ ରେଡ଼ିଓ ଠିକ୍ କରି ଦେବେ ଏବଂ ଦରକାରବେଳେ ରେଡ଼ିଓଗୁଡ଼ିକ ବିନା ଫିସ୍‌ରେ ମରାମତି କରିଦେବେ । ଆବଶ୍ୟକୀୟ ରେଡ଼ିଓ ପାର୍ଟସ ମାଇଫତ୍‌ଦାରଙ୍କୁ ଯୋଗାଇବାକୁ ପଡ଼ିବ । ରେଡ଼ିଓ ଇନ୍‌ସପେକ୍ଟରଙ୍କ ନାମ ଓ ହେଡ଼କ୍ୱାର୍ଟରସ 'ଉତ୍କଳ ପ୍ରସଙ୍ଗ'ରେ ଆଗରୁ ଜଣାଇ ଦିଆଯାଇଛି । ରେଡ଼ିଓ କିଛି ଖରାପ ହେଲେ ଜିଲ୍ଲା ଲୋକସମ୍ପର୍କ ବିଭାଗ ଅଫିସରଙ୍କୁ ଜଣାଇଲେ ସେମାନେ ଆସି ମରାମତି କରିଦେବେ । ରେଡ଼ିଓ ସମ୍ପର୍କୀୟ ଆବଶ୍ୟକୀୟ ସମ୍ବାଦ ରେଡ଼ିଓ ଇନ୍‌ସପେକ୍ଟରମାନଙ୍କଠାରୁ ମିଳିପାରିବ ।

ଯେଉଁମାନେ ରେଡ଼ିଓ ପାଇଁ ଆଗକୁରା ଟଙ୍କା ପଠାଇବାକୁ ଚାହାନ୍ତି, ସେମାନେ ଆସେମ୍ବ୍ଲି ସଭ୍ୟ, ଗ୍ରାମ୍ୟ ପଞ୍ଚାୟତର ସରପଞ୍ଚ କିମ୍ବା କୌଣସି ଗେଜେଟେଡ଼ ଅଫିସରଙ୍କର ଏବଂ ଅନ୍ୟାନ୍ୟ ସ୍ଥାନୀୟ ସୁପାରିସ ସହ ଟ୨୫୲ ଜିଲ୍ଲା ଲୋକସମ୍ପର୍କ ଅଫିସରଙ୍କଠାରେ ଜମା ଦେଇ ପାରନ୍ତି । ପ୍ରତି ରେଡ଼ିଓ ପାଇଁ ବର୍ଷକୁ ୨ଟି ବ୍ୟାଟେରି ଦରକାର ହେବ ଓ ତାର ଦାମ ଆନୁମାନିକ ଟ୧୦୦୲ ହେବ ଓ ଲାଇସେନ୍‌ସ ପାଇଁ ଟ ୧୦୲ ପଡ଼ିବ—ଏହିପରି **ବାର୍ଷିକ ଟ ୧୧୦୲ ଦେବାଭଳି ଯେଉଁ ଅନୁଷ୍ଠାନମାନଙ୍କର ଶକ୍ତି ଥିବ, କେବଳ ସେହିମାନେ ରେଡ଼ିଓ ପାଇଁ ଟଙ୍କା ଜମା କରି ଦରଖାସ୍ତ କରିବା ଦରକାର ।**

# ଓଡ଼ିଶାରେ ଖଣ୍ଡସାରି ଶିଳ୍ପର ସମ୍ଭାବନା

**ଶ୍ରୀ ନୃସିଂହଚରଣ ମିଶ୍ର**
ଶିଳ୍ପ ବିଭାଗର ସହକାରୀ ଡାଇରେକ୍ଟର

ଆଖୁ ଓଡ଼ିଶାର ବିଶିଷ୍ଟ ଅର୍ଥକରୀ ଫସଲ । ଏହି ରାଜ୍ୟର ଶତକଡ଼ା ୮୭ ଜଣ କୃଷି ୬୭,୦୦୦ ଏକରରେ ଆଖୁ ଚାଷ କରନ୍ତି କିନ୍ତୁ ଏହି ଚାଷରୁ ସେମାନେ ବିଶେଷ ଲାଭବାନ ହୋଇପାରୁ ନାହାନ୍ତି । ଏହା ବ୍ୟତୀତ ଚିନି ପାଇଁ ଆମକୁ ଅନ୍ୟାନ୍ୟ ରାଜ୍ୟ ଉପରେ ପୂରାପୂରି ନିର୍ଭର କରିବାକୁ ପଡ଼ୁଛି । ଆମ ରାଜ୍ୟରେ ବର୍ଷକୁ ୨୫,୦୦୦ ଟନ୍ ଅର୍ଥାତ୍ ୬,୭୫,୦୦୦ ମହଣ ଚିନି ଖର୍ଚ୍ଚ ହୁଏ । ଏଥି ମଧ୍ୟରୁ କୋରାପୁଟ ଜିଲ୍ଲାର ରାୟଗଡ଼ାଠାରେ ଥିବା ଚିନିକଳରୁ ପ୍ରାୟ ୧୦୦୦ ଟନରୁ କମ ଚିନି ଉତ୍ପନ୍ନ ହୁଏ । ଏହାହିଁ ଆମ ରାଜ୍ୟର ଚିନି ଉତ୍ପାଦନ । ଜନ ସଂଖ୍ୟାର ବୃଦ୍ଧି ସଙ୍ଗେ ସଙ୍ଗେ ଚିନିର ବ୍ୟବହାର ଯେପରି ଭାବରେ ବଢ଼ି ଚାଲିଛି ସେଥିରେ ଆମକୁ ବର୍ଷକୁ ବର୍ଷ ଅଧିକ ଚିନି ରାଜ୍ୟ ବାହାରୁ ଆମଦାନୀ କରିବାକୁ ପଡ଼ିବ । ଚିନିପାଇଁ ଅନ୍ୟ ରାଜ୍ୟ ଉପରେ ପୂରାପୂରି ନିର୍ଭର ନ କରିବାକୁ ହେଲେ ଓ ଚାଷୀକୁ ତାର ଉଚିତ ମୂଲ୍ୟ ଦେବାକୁ ହେଲେ ରାଜ୍ୟରେ କେତୋଟି ଚିନିକଳ ଏବଂ ଆଧୁନିକ ଧରଣର ଖଣ୍ଡସାରି ଚିନି କାରଖାନା ସ୍ଥାପନ କରାଯିବା ଉଚିତ । କିନ୍ତୁ ଚିନିକଳ ସ୍ଥାପନ କରିବାକୁ ପ୍ରଚୁର ମୂଳଧନ ଓ ବିଦେଶୀ ଯନ୍ତ୍ରପାତି ଆବଶ୍ୟକ । ଆଉ ମଧ୍ୟ ଏଥିପାଇଁ ଚକବନ୍ଦୀ ଭାବରେ ଆଖୁଚାଷ କରିବା ଦରକାର । ତେଣୁ ପ୍ରଥମେ ଖଣ୍ଡସାରି କାରଖାନା ସ୍ଥାପନ କରିବା ପ୍ରତି ଦୃଷ୍ଟି ଦିଆଯିବା ଏକାନ୍ତ ଆବଶ୍ୟକ । ଦୁଃଖର କଥା ଖଣ୍ଡସାରି ଶିଳ୍ପର ସ୍ଥାପନ ତଥା ଅଭିବୃଦ୍ଧି ପାଇଁ ଆମର ଯଥେଷ୍ଟ ସୁଯୋଗ ଥିଲେ ମଧ୍ୟ ଏ ଦିଗରେ ଯଥୋଚିତ ଧ୍ୟାନ ଦିଆଯାଇ ନାହିଁ । ଓଡ଼ିଶାରେ ଏକ ଏକର ଜମିରୁ ପ୍ରାୟ ୬୫୦ ମହଣ ଆଖୁ ମିଳେ । କିନ୍ତୁ ଉତ୍ତର ପ୍ରଦେଶରେ ଏକର ପିଛା ମୋଟେ ୩୦୦ ମହଣ ଆଖୁ ହେଉଥିଲେ ମଧ୍ୟ ସେଠାରେ ଭାରତବର୍ଷର ଶତକଡ଼ା ୫୫ ଭାଗ ଚିନି ଓ ୯୦ ଭାଗ ଖଣ୍ଡସାରି ପ୍ରସ୍ତୁତ ହୁଏ । ଓଡ଼ିଶାରେ ଯେଉଁ ଅଳ୍ପ କେତୋଟି ସାଧାରଣ ଖଣ୍ଡସାରି ଚିନି କାରଖାନା ଅଛି ସେଗୁଡ଼ିକ ମଧ୍ୟରୁ କଟକ ଜିଲ୍ଲାର ବାଙ୍କୀ, ପୁରୀର ଜମୁପୁର ପାଟଣା ଓ ବଡ଼ପଣ୍ଡପୁର, ଢେଙ୍କାନାଳ ଜିଲ୍ଲାର କଳମଛୁଇଁ ଏବଂ ଗଞ୍ଜାମର ଗୋବରାଠାରେ ଥିବା କାରଖାନାଗୁଡ଼ିକ ଉଲ୍ଲେଖ ଯୋଗ୍ୟ । ଏହି କାରଖାନାଗୁଡ଼ିକରେ ଲୋକେ କୌଣସି ଯନ୍ତ୍ରପାତି ବ୍ୟବହାର ନ କରି ହାତରେ ବର୍ଷକୁ ମୋଟେ ୩୯୦ ମହଣ ଖଣ୍ଡସାରି ଚିନି ପ୍ରସ୍ତୁତ କରନ୍ତି ।

ଖଣ୍ଡସାରି ଶିଳ୍ପ ଆମ ଦେଶରେ ନୂଆ ନୁହେଁ । ବହୁକାଳରୁ ଏହା କୁଟୀର କିମ୍ବା ଗ୍ରାମ୍ୟ ଶିଳ୍ପ ଭାବରେ ରହି ଆସିଛି । କିନ୍ତୁ ବିଜ୍ଞାନର ଅଗ୍ରଗତି ଏବଂ ଗତ କେତେବର୍ଷର ଗବେଷଣା ଫଳରେ ଖଣ୍ଡସାରି ଚିନି ଉତ୍ପାଦନ ପ୍ରଣାଳୀରେ ଅନେକ ପରିବର୍ତ୍ତନ ଓ ଉନ୍ନତି ସାଧନ କରାଯାଇଅଛି । ଏହି ଉନ୍ନତ ପ୍ରଣାଳୀକୁ ସଲଫିଟେସନ ପ୍ରସେସ କୁହାଯାଏ । ଏହି ପଦ୍ଧତିରେ ପ୍ରସ୍ତୁତ ହେଉଥିବା ଚିନି ଏବଂ କଳତିଆରି ଚିନି ମଧ୍ୟରେ ଖୁବ୍ କମ୍ ପାର୍ଥକ୍ୟ ଦେଖାଯାଏ । ଖଣ୍ଡସାରି ଚିନିର ରଙ୍ଗ ସାମାନ୍ୟ ମଇଳା ଏବଂ ଦାନାର ଆକୃତି କିଛି ଛୋଟ ଦେଖାଯାଉଥିଲେ ମଧ୍ୟ ସେଥିରେ ଅଧିକ ଖାଦ୍ୟପ୍ରାଣ ଥାଏ ଏବଂ ବଜାରରେ ମିଳୁଥିବା ଚିନି ଅପେକ୍ଷା ତାହା ଯଥେଷ୍ଟ ଶସ୍ତା । ଅତିକମ୍‌ରେ ୫୦

ଏକରରୁ ୨୦୦ ଏକର ପର୍ଯ୍ୟନ୍ତ ଜମିରେ ଆଖୁ ଚାଷ କରୁଥିବା ଯେ କୌଣସି କୃଷୀ କମ୍ପା ସମବାୟ ସମିତି ମୋଟେ ଲକ୍ଷେ ଦେଢ଼ଲକ୍ଷ ଟଙ୍କା ମୂଳଧନ ଖଟାଇ ଏହି ପ୍ରଣାଳୀରେ ଚିନି ପ୍ରସ୍ତୁତ କରି ପାରିବେ ଏବଂ ଅଧିକ ଲାଭବାନ ହୋଇ ପାରିବେ । ବଡ଼ ବଡ଼ ଚିନିକଳ ପରି ଆଧୁନିକ ଖଣ୍ଡସାରି ଚିନି କାରଖାନାଗୁଡ଼ିକରେ ଶକ୍ତି ଚାଳିତ ଛୋଟ ଛୋଟ ମେସିନ ଯଥା:—ଆଖୁ କାଟିବା ଏବଂ କଳ ନିକଟକୁ ସହଜରେ ବୋହିନେବା ପାଇଁ, ପେଡ଼ିବାପାଇଁ ୫ କମ୍ପା ୬ ରୋଲର ବିଶିଷ୍ଟ କଳ, ଦାନାକୁ ଶିରା ସହଜରେ ଅଲଗା କରି ଦେବାକୁ ଏବଂ ଚିନିକୁ ଶୀଘ୍ର ଶୁଖାଇବା ପାଇଁ ସେଣ୍ଟ୍ରାଲ ଡ୍ରାୟର ବ୍ୟବହୃତ ହୁଏ । ଏହା ବ୍ୟତୀତ ଉନ୍ନତ ଧରଣର ଅଳ୍ପ ଜାଳେଣି ଦରକାର କରୁଥିବା ଚୁଲିଆ ଓ ଚୁଲ୍ଲୀ, ଦୋରୁଅ ସଫା କରିବା ପାଇଁ ସଲଫିଟେସନ୍ ଟ୍ୟାଙ୍କ୍, ଛାଣିବାକୁ ଫିଲଟରବ୍ୟାଗ୍, ଦାନାର ଆକୃତି ବଡ଼ ହେବାରେ ସାହାଯ୍ୟ କରିବାପାଇଁ କ୍ରିଷ୍ଟାଲାଇଜର ଇତ୍ୟାଦି ମଧ୍ୟ ବ୍ୟବହୃତ ହୁଏ । ପୂର୍ବେ ଦୋରୁଅକୁ ସଫା କରିବାପାଇଁ ଦେଉଳା-ମଞ୍ଜା, ଫୁଟକେଇ ଗଛର ଛେଲି, ଭେଣ୍ଡି ଗଛର ରସ ଏବଂ activated carbon ବ୍ୟବହାର କରାଯାଉଥିଲା । କିନ୍ତୁ ନୂତନ ପ୍ରଣାଳୀରେ ଚୂନପାଣି ଗନ୍ଧକାମ୍ଳ ବାଷ୍ପ ଏବଂ ବେଣ୍ଟନାଇଟ୍ ପ୍ରଭୃତି ଅଧିକ ଶକ୍ତିଶାଳୀ ପରିଷ୍କାର କରିବା ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଉଅଛି । ଦୋରୁଅକୁ ଏଥିରେ ସଫା କରିବା ଦ୍ୱାରା ଚିନି ରଙ୍ଗ ଅପେକ୍ଷାକୃତ ଅଧିକ ସଫା ହୁଏ ଏବଂ ଦାନା ମଧ୍ୟ ବଡ଼ ହୁଏ । ସଲଫିଟେସନ ପ୍ରଣାଳୀଦ୍ୱାରା ଖଣ୍ଡସାରି ଚିନି ତିଆରି କରୁଥିବା କାରଖାନା ଉତ୍ତର ପ୍ରଦେଶରେ ୬୪, ଆନ୍ଧ୍ରରେ ୮, ରାଜସ୍ଥାନରେ ୪ ଏବଂ ପଞ୍ଜାବ, ବିହାର ଓ ମଧ୍ୟ-ପ୍ରଦେଶରେ ଯଥାକ୍ରମେ ୩, ୨ ଏବଂ ଗୋଟିଏ ଲେଖାଁଏ ଥିଲେ ମଧ୍ୟ ଆମ ଓଡ଼ିଶାରେ ଆଦୌ ନାହିଁ ।

ଗୋଟିଏ ଛୋଟ ଧରଣର ଚିନି କଳ ସ୍ଥାପନ କରିବାକୁ ଅନ୍ତତଃ କୋଟିଏ ଟଙ୍କାର ମୂଳଧନ ଓ ଲାଗିଲାଗି ହୋଇଥିବା ୬୦୦୦ ଏକର ଜମିରେ ଆଖୁ ଚାଷ ଆବଶ୍ୟକ ହୁଏ କିନ୍ତୁ ଖଣ୍ଡସାରି କାରଖାନା ପାଇଁ ବହୁତ କମ୍ ମୂଳଧନ ଓ ଅଳ୍ପ ଜାଗାରେ ଆଖୁ ଚାଷ କଲେ ମଧ୍ୟ ଚଳିବ । ଚିନି କଳର ଯନ୍ତ୍ରପାତି ଭାରତ ବାହାରୁ ଆଣିବାକୁ ପଡୁଥିବାରୁ ସେଗୁଡ଼ିକ ପାଇବାପାଇଁ ବହୁ ସମୟ ଅପେକ୍ଷା କରିବାକୁ ହୁଏ ଓ ଆମର ଟଙ୍କା ବିଦେଶକୁ ଚାଲିଯାଏ । ଖଣ୍ଡସାରି କାରଖାନାର ସମସ୍ତ ଯନ୍ତ୍ରପାତି ଆମ ଦେଶର କ୍ଷୁଦ୍ରଶିଳ୍ପ କାରଖାନାମାନଙ୍କରେ ପ୍ରସ୍ତୁତ କରାଯାଇ ପାରୁଅଛି । ଚିନିକଳ ପାଇଁ ବହୁତ ଦୂରରୁ ଆଖୁ ବୋହି ଆଣିବାକୁ ପଡ଼େ ଓ ଅଧିକ ଅବକାରୀ ଶୁଳ୍କ ଦେବାକୁ ପଡ଼େ । କିନ୍ତୁ ଖଣ୍ଡସାରି କାରଖାନା ପାଇଁ ଦୂରରୁ ଆଖୁ ବୋହିବା ଦରକାର ପଡ଼େ ନାହିଁ ଓ ଅପେକ୍ଷାକୃତ ଯଥେଷ୍ଟ କମ ଶୁଳ୍କ ଦେବାକୁ ପଡ଼େ । ଖଣ୍ଡସାରି ଶିଳ୍ପ ଅଧିକ ଲୋକଙ୍କୁ କାମ ଯୋଗାଇ ପାରିବ ଓ ଏହାଦ୍ୱାରା ଗ୍ରାମାଞ୍ଚଳର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହେବା ସଙ୍ଗେ ସଙ୍ଗେ ଶିଳ୍ପର ବିକେନ୍ଦ୍ରୀକରଣ ହେବ । ଆଉମଧ୍ୟ ଏହା ଫଳରେ ଲୋକେ ଶିଳ୍ପ ପ୍ରତି ଅଧିକ ଆଗ୍ରହ ଦେଖାଇବେ । ସମବାୟ ସୂତ୍ରରେ ଏହି ଶିଳ୍ପର ପ୍ରସାର ହେବା ଫଳରେ ସମବାୟ ଆନ୍ଦୋଳନ ପ୍ରତି ମଧ୍ୟ ଲୋକଙ୍କର ଆସ୍ଥା ବଢ଼ିବ । କୃଷୀମାନେ ବ୍ୟକ୍ତିଗତ ଭାବରେ କମ୍ପା ସମବାୟ ସମିତି ଗଠନ କରି ଖଣ୍ଡସାରି ଚିନି କାରଖାନା ସ୍ଥାପନ କରି ପାରିବେ । ଆଖୁଚାଷୀମାନେ ଚିନି କଳକୁ ଯୋଗାଉଥିବା ଆଖୁପାଇଁ ଉଚିତ ମୂଲ୍ୟ ପାଇ ପାରିବେ ଏବଂ ମାଲିକମାନେ ସେମାନଙ୍କ ଇଚ୍ଛା ଅନୁଯାୟୀ ବଜାରରେ ଚିନିର ଦର ବଢ଼ାଇ ପାରିବେ ନାହିଁ ।

ଆଖୁଚାଷ ପାଇଁ ଆମ ରାଜ୍ୟର ଜଳବାୟୁ ବିଶେଷ ଅନୁକୂଳ । ଯେଉଁଠି ଜମିରେ ପାଣି ମାଡ଼ିବାର ସୁବିଧା

ଅଛି, ସେଠାରେ ସ୍ୱଚ୍ଛନ୍ଦରେ ଆଖୁଚାଷ କରାଯାଇପାରିବ। ଆଖୁ ସେ କେବଳ ଗୋଟିଏ ଅର୍ଥକରୀ ଫସଲ୍ ତାହା ନୁହେଁ, ଅତ୍ୟଧିକ ଖରା ଓ ବର୍ଷାରେ ମଧ୍ୟ ଏ ଫସଲର ବିଶେଷ କ୍ଷତି ହୁଏ ନାହିଁ। ସେଥିପାଇଁ ଆମକୁ ଉନ୍ନତ ମଞ୍ଜି ଓ ସାର ବ୍ୟବହାର କରି ଆଧୁନିକ ପ୍ରଣାଳୀରେ ଅଧିକ ଆଖୁଚାଷ କରିବାକୁ ପଡ଼ିବ। ବର୍ତ୍ତମାନ ଓଡ଼ିଶାରେ ୨୬,୭୦,୦୦୦ ଏକର ଜଳସେଚିତ ଜମି ଅଛି ଏବଂ ହୀରାକୁଦ ଓ ମହାନଦୀ ତ୍ରିକୋଣଭୂମି ଯୋଜନା ପୂରାପୂରି କାର୍ଯ୍ୟକାରୀ ହୋଇଗଲେ ଏହାର ପରିମାଣ ୩୮,୮୬,୦୦୦ ଏକର ବଢ଼ିଯିବ। କଟକ, କୋରାପୁଟ, ସମ୍ବଲପୁର ଓ ଢେଙ୍କାନାଳ ଜିଲ୍ଲାରେ ସାମାନ୍ୟ ଅଧିକ ପରିମାଣରେ ଆଖୁଚାଷ ହେଉଥିଲେ ମଧ୍ୟ ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାରେ ଅଳ୍ପବହୁତ ଆଖୁଚାଷ କରାଯାଏ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ଆଖୁଚାଷ ହେଉଥିବା ଜମି-ଗୁଡ଼ିକ ଲଗାଲଗି ହୋଇ ନ ଥିବାରୁ ଏବଂ ଆଖୁ ବୋହି ନେବାପାଇଁ ଉପଯୁକ୍ତ ପରିବହନ ବ୍ୟବସ୍ଥା ନ ଥିବାରୁ ସେ ସବୁଠାରେ ଚିନିକଳ ସ୍ଥାପନ କରାଯାଇ ପାରିବ ନାହିଁ। ସେ ଅଞ୍ଚଳର ଲୋକମାନେ ଏବେ ଯେପରି କେବଳ ଗୁଡ଼ ତିଆରି କରୁଛନ୍ତି, ତାହା ନ କରି ଖଣ୍ଡସାରି କାରଖାନା ସ୍ଥାପନ କରି ଲାଭବାନ୍ ହୋଇ ପାରିବେ। ସାଧାରଣତଃ ଓଡ଼ିଶାର ଆଖୁଚାଷୀମାନେ ପ୍ରଚଳିତ ପ୍ରଣାଳୀରେ ଆଖୁରସରୁ ଗୁଡ଼ ପ୍ରସ୍ତୁତ କରନ୍ତି। ଏହା କରିବାଦ୍ୱାରା ସେମାନଙ୍କୁ ଆଖୁ ମହଣ ପ୍ରତି ଟ୦୪।୮/ ଟ୦୫ ପର୍ଯ୍ୟନ୍ତ ମିଳେ। କିନ୍ତୁ ଖଣ୍ଡସାରି ପ୍ରସ୍ତୁତ କଲେ ସେମାନେ ଅକ୍ଲେଶରେ ମହଣ ପିଛା ଟ୧୨ରୁ ଟ୧୮ ଯାଏ ପାଇ ପାରିବେ। ହିସାବ କରି ଦେଖାଯାଇଛି ଯେ, ନିଜେ ଗୁଡ଼ କରୁଥିବା ଚାଷୀ ଏକର ପ୍ରତି ଚାଷବା ଖର୍ଚ୍ଚ ବାଦ୍ ଦେଇ ଟ୭୦୦୯ ପାଏ ଏବଂ ଖଣ୍ଡସାରି ତିଆରି କରୁଥିବା ଚାଷୀ ପ୍ରାୟ ଟ୭୩୦୯ ପାଏ ପାଏ। ଏହା ବ୍ୟତୀତ ଗୁଡ଼ ତିଆରି କଲେ ତାହାର ଆହୁରି କେତେକ ଅସୁବିଧା ଓ କ୍ଷତି ହୁଏ। ଅନେକ ଦିନ ରହିଲେ ଗୁଡ଼ର ରଙ୍ଗ ଓ ଗୁଣ ନଷ୍ଟ ହୋଇଯାଏ। ତେଣୁ ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଚାଷୀ ଏହା ଶସ୍ତାରେ ହେଲେ ମଧ୍ୟ ବିକ୍ରୟ କରିବାକୁ ବାଧ୍ୟ ହୁଏ। ଗୁଡ଼ ତିଆରି କରି ରଖିବାପାଇଁ ଅଧିକ ଜାଗା ଦରକାର ହୁଏ ଓ ବିକ୍ରୟ ପାଇଁ ନେବା ଆଣିବା କରିବାକୁ ଅଧିକ ଅସୁବିଧା ଭୋଗ କରିବାକୁ ପଡ଼େ। କିନ୍ତୁ ଖଣ୍ଡସାରି ଚିନି କଲେ ଏ ସବୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ନାହିଁ, ଅଥଚ ଅଧିକ ଲାଭ ମିଳେ। ନୂତନ ଧରଣର ଖଣ୍ଡସାରି ଚିନି ତିଆରି ପ୍ରଣାଳୀଦ୍ୱାରା ଆଖୁ ରସରୁ ଶତକଡ଼ା ୭ଭାଗ ଚିନି ମିଳିଥାଏ। କିନ୍ତୁ ଗୁଡ଼ ତିଆରି କଲେ ଶତକଡ଼ା ୭ଭାଗ ଚିନି ମିଳେ। ଗାଁଗହଳରେ ବ୍ୟବହାର କରାଯାଉଥିବା ଖାଇଦ୍ୱାରା ୧୦୦ ମହଣ ଆଖୁରୁ ୫୫ ମହଣ ରସ ବାହାର କରାଯାଇ ପାରେ ଏବଂ ଘଣ୍ଟାକେ ମୋଟେ ୨ ମହଣ ଆଖୁ ପେଡ଼ାଯାଇ ପାରେ। ଏବେ ଅବଶ୍ୟ ଖଦି ଓ ଗ୍ରାମ୍ୟଶିଳ୍ପ ବୋର୍ଡ଼ ସୁଲତାନ ନାମକ ଏକପ୍ରକାର ଖାଇ ପ୍ରଚଳନ କରୁଛନ୍ତି। ସେହି କଳରେ ଘଣ୍ଟାକେ ୫ ମହଣ ଆଖୁ ପେଡ଼ାଯାଇ ପାରୁଛି ଏବଂ ୧୦୦ ଭାଗ ଆଖୁରୁ ୬୫ ଭାଗ ଦୋରୁଅ ବାହାର କରାଯାଇ ପାରୁଛି। କିନ୍ତୁ ଉନ୍ନତ ଧରଣର ଶକ୍ତିଚାଳିତ ୫ ଟନ୍ୟା ୭ ରୋଲର ବିଶିଷ୍ଟ କଳରେ ଘଣ୍ଟାକେ ୨୫ ମହଣରୁ ୧୦୦ ମହଣ ପର୍ଯ୍ୟନ୍ତ ( Capacity ଅନୁଯାୟୀ) ଆଖୁ ପେଡ଼ାଯାଇ ପାରିବ ଏବଂ ଶତକଡ଼ା ୭୮ ଭାଗ ଦୋରୁଅ ବାହାର କରାଯାଇ ପାରିବ। ଏହି ପ୍ରକାର କଳଦ୍ୱାରା ଆହୁରି ଅଧିକ ଦୋରୁଅ କିପରି ବାହାର କରାଯାଇ ପାରିବ ସେ ଦିଗରେ ଗବେଷଣା ଚାଲିଛି। ଆମେ ବ୍ୟବହାର କରୁଥିବା ତାଉଆ ଗୁଡ଼ିକରେ ଗୁଡ଼ ରାନ୍ଧି ଲାଗିଲେ ରସର ଚିନି ଅଂଶ

ଅନେକ ପରିମାଣରେ ନଷ୍ଟ ହୋଇଥାଏ କିନ୍ତୁ ନୂତନ ଧରଣର ଭାଟିଆରେ ଏ ପ୍ରକାର କ୍ଷତିର ପରିମାଣ ଖୁବ୍ କମ୍ । ସଲଫିଟେସନ ପ୍ରଣାଳୀ ଦ୍ୱାରା ଚିନି ତିଆରି ପରେ ରହିଯାଇଥିବା ସିଠା ଗୋଟିଏ ଉତ୍କୃଷ୍ଟ ଧରଣର ସାରରୂପେ ବ୍ୟବହାର କରାଯାଇ ପାରେ । ଏହାକୁ ଆଖୁ ଜଡା ସହିତ ମଧ୍ୟ ମିଶାଯାଇ ହୋଗୋ-ମୋଲାସେସ ନାମକ ଏକପ୍ରକାର ଗୋଖାଦ୍ୟ ପ୍ରସ୍ତୁତ କରାଯାଇ ପାରେ । ଏବେ ଜର୍ମାନରେ ଯେପରି କେବଳ ସିଠାରୁ ବହୁ ପ୍ରୋଟିନ୍‌ଯୁକ୍ତ ଏକ ପ୍ରକାର ଗୋଖାଦ୍ୟ ତିଆରି ହେଉଅଛି, ସେହିପରି ଭାରତରେ ଗୋଖାଦ୍ୟ ତିଆରି କରାଯିବାର ଚେଷ୍ଟା ଚାଲିଛି । ଖଣ୍ଡସାରି ଶିଳ୍ପରେ ବ୍ୟବହାର ପାଇଁ ଭଲ କିସମର ଚୂନ ଦରକାର ହୁଏ । ଓଡ଼ିଶାରେ ଭଲ ଚୂନ ପଥର ମିଳୁଥିବାରୁ ଅନେକ ଜାଗାରେ କାରଖାନା ପାଖରେ ଚୂନ ପୋଡ଼ା ଯାଇପାରିବ ଏବଂ ଅନେକ ଦିନ ପର୍ଯ୍ୟନ୍ତ ତାହା ଭଲ ଅବସ୍ଥାରେ ରଖାଯାଇ ପାରିବ ।

ନୂତନ ପ୍ରଣାଳୀରେ ଖଣ୍ଡସାରି ତିଆରି କରିବାର ପ୍ରତ୍ୟକ୍ଷ ଜ୍ଞାନ ଆମ ଚାଷୀମାନଙ୍କର ଅବଶ୍ୟ ନାହିଁ, କିନ୍ତୁ ଏ ବିଷୟରେ ତାଲିମ ପାଇବା ନିମନ୍ତେ ଉତ୍ତର ପ୍ରଦେଶରେ ଯଥେଷ୍ଟ ସୁବିଧା ଅଛି । ସେମାନେ ଏହାର ସୁଯୋଗ ନେଇ ଦେଶରେ କେତୋଟି ଖଣ୍ଡସାରି ଶକ କାରଖାନା ବସାଇବା ପ୍ରତି ଧ୍ୟାନ ଦେବା ଏକାନ୍ତ ଆବଶ୍ୟକ ।

# ଲୋକସଭାର ପ୍ରଶ୍ନୋତ୍ତରରୁ ସଂଗୃହୀତ

## ଭାରତରେ ଟ୍ରକ୍ ତିଆରି

ଭାରତ ସରକାରଙ୍କ ଅର୍ଡ୍ନାନ୍ସ କାରଖାନାରେ ସନ୍ତୋଷଜନକ ଭାବରେ ଟ୍ରକ୍ ଓ ଟାକ୍ଟର ତିଆରି ହେଉଅଛି । ୧୯୫୯ର ପ୍ରାୟ ଜୁନ୍ ମାସ ଶେଷଆଡ଼କୁ ଆସେମ୍ବ୍ଲି ଲାଇନ୍‌ର କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ୧୯୫୯ ଅକ୍ଟୋବର ସୁଦ୍ଧା ବଡ଼ସଡ଼ ୨୫୦ଟି ଟ୍ରକ ତିଆରି ହୋଇଥିଲା । ଏଗୁଡ଼ିକ ମଧ୍ୟରୁ ୨୪୦ଟି ଟ୍ରକ ପଠାଇ ଦିଆଗଲାଣି ।

ଓଜନଦାର ଯାନ ସମ୍ବଳିତ ଟ୍ରକ ତିଆରି କରିବା ପାଇଁ ଯେଉଁ ୪ଟି ଫାର୍ମକୁ ରେଜେଷ୍ଟ୍ରି କରାଯାଇଥିଲା, ସେ ସବୁ ତିଆରିକାର୍ଯ୍ୟ ଆରମ୍ଭ କଲେଣି । ବର୍ଷକୁ ସେଗୁଡ଼ିକ ୨୬,୧୦୦ ଟ୍ରକ ତିଆରି କରିବାପାଇଁ ସକ୍ଷମ ଅଟନ୍ତି । ୧୯୫୯ର ଜାନୁଆରୀଠାରୁ ଅକ୍ଟୋବର ମାସ ମଧ୍ୟରେ ସେଗୁଡ଼ିକ ୧୫,୧୦୧ଟି ଟ୍ରକ ତିଆରି କରିଥିଲେ ।

## ଭାରତରେ କ୍ଷୁଦ୍ର ଲୌହ କାରଖାନା

ବେସରକାରୀ କ୍ଷେତ୍ରରେ କ୍ଷୁଦ୍ର ଲୌହପିଣ୍ଡ ଉତ୍ପାଦନକାରୀ କାରଖାନା ସ୍ଥାପନ କରିବାପାଇଁ ଏ ପର୍ଯ୍ୟନ୍ତ ଭାରତ ସରକାର ୮ଟି ପାର୍ଟିଙ୍କୁ ଲାଇସେନ୍ସ ଦେଇଛନ୍ତି । ଏଗୁଡ଼ିକ ମଧ୍ୟରୁ ବମ୍ବେରେ ୩ଟି, ମାନ୍ଦ୍ରାଜରେ ୩ଟି ଓ ଓଡ଼ିଶାରେ ଏବଂ ପଶ୍ଚିମ ବଙ୍ଗଳାରେ ଗୋଟିଏ ଲେଖାଏଁ କାରଖାନା ସ୍ଥାପନ କରାଯିବ । ମାନ୍ଦ୍ରାଜସ୍ଥ କୋଇମ୍ବାଟୁର ଓ ଓଡ଼ିଶାସ୍ଥ ବଡ଼ବିଲ୍‌ଠାରେ ଗୋଟିଏ ଲେଖାଏଁ କାରଖାନାରେ ଉତ୍ପାଦନ ଆରମ୍ଭ ହୋଇଗଲାଣି ।

## ଭାରତରେ ସାର କାରଖାନା

ସରକାରୀ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଯୋଜନା-ଭାବରେ ଆନ୍ଧ୍ର ପ୍ରଦେଶସ୍ଥ କୋଥାଗୁଡ଼େମ୍‌ଠାରେ ଗୋଟିଏ ସାର କାରଖାନା ସ୍ଥାପନ ପ୍ରସ୍ତାବକୁ ଭାରତ ସରକାର ମଞ୍ଜୁର କରିଛନ୍ତି । ଏ ଯୋଜନାର କାର୍ଯ୍ୟ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ ଆରମ୍ଭ ହୋଇ ତୃତୀୟ ଯୋଜନାକାଳ ମଧ୍ୟରେ ଶେଷ ହେବ ।

## ଆଣ୍ଟିବାଇଓଟିକ

ଆସନ୍ତା ବର୍ଷ ଶେଷ ସୁଦ୍ଧା ପେନସିଲିନ୍ କ୍ଷେତ୍ରରେ ଆମ ଦେଶ ଆତ୍ମନିର୍ଭରଶୀଳ ହୋଇପାରିବ । ବର୍ତ୍ତମାନ ଆମ ଦେଶପାଇଁ ବାର୍ଷିକ ୬କୋଟି ମେଗା-ଇଉନିଟ୍ ପେନ୍‌ସିଲିନ୍ ଦରକାର ପଡ଼ୁଛି । ବର୍ତ୍ତମାନ ବାର୍ଷିକ ୫୦ ଟନ୍ ଷ୍ଟ୍ରେପ୍ଟୋମାଇସିନ, ୫ ଟନ୍ ଟେଟ୍ରା-ସାଇକ୍ଲିନ ଆବଶ୍ୟକ ପଡ଼ୁଛି ଓ ୧୯୬୧ ମସିହା ଶେଷ ସୁଦ୍ଧା ଆମେ ଏ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇ-ପାରିବା । ଆମ ଦେଶପାଇଁ ବର୍ତ୍ତମାନ ବାର୍ଷିକ ୮ ଟନ କ୍ଲୋରାମ୍‌ଫେନିକୋଲ ଆବଶ୍ୟକ ପଡ଼ୁଛି । ୧୯୬୦ ମସିହା ଶେଷ ସୁଦ୍ଧା ଆବଶ୍ୟକୀୟ ପରିମାଣର କ୍ଲୋରାମ୍-ଫେନିକୋଲ ଦେଶ ମଧ୍ୟରେ ଉତ୍ପାଦନ କରାଯାଇପାରିବ ।

## କ୍ଲିନିକାଲ୍ ଥର୍ମୋମିଟର ତିଆରି

ଗୋଟିଏ ଜାପାନ ଫାର୍ମର ସହଯୋଗିତାରେ କଲିକତାର ନେସନାଲ୍ ଇନଷ୍ଟ୍ରୁମେଣ୍ଟସ ଲିମିଟେଡ଼ (ଭାରତ ସରକାରଙ୍କ ଦାୟିତ୍ୱରେ ପରିଚାଳିତ)ଙ୍କ ଦ୍ୱାରା କ୍ଲିନିକାଲ ଥର୍ମୋମିଟର ତିଆରି କରିବା ଯୋଜନାକୁ ମଞ୍ଜୁର କରାଯାଇଛି । ୧୯୬୨-୬୩ ସୁଦ୍ଧା ଏହି ଫାର୍ମ

ବାର୍ଷିକ ୬ଲକ୍ଷ ଥର୍ମୋମିଟର ତିଆରି କରିବ । ବର୍ତ୍ତମାନ ବାର୍ଷିକ ୨ଲକ୍ଷ ୧୬ ହଜାର ହିସାବରେ କେବଳ ଗୋଟିଏ ଫାର୍ମ କ୍ଲିନିକାଲ ଥର୍ମୋମିଟରମାନ ତିଆରି କରୁଛି । ବାସ୍ତବ କ୍ଷେତ୍ରରେ ୧୯୫୮ ଓ ୧୯୫୯ (ଅକ୍ଟୋବର ପର୍ଯ୍ୟନ୍ତ ) ମଧ୍ୟରେ ଏହି ଫାର୍ମ ଯଥାକ୍ରମେ ୧୩୬, ୪୯୧ ଓ ୧୮୨, ୬୨୬ଟି ଥର୍ମୋମିଟର ତିଆରି କରି ପାରିଥିଲେ ।

## ସିମେଣ୍ଟ

ବର୍ତ୍ତମାନ ଦେଶ ମଧ୍ୟରେ ୩୨ଟି ସିମେଣ୍ଟ କାରଖାନା ଅଛି ଓ ସେଗୁଡ଼ିକ ବାର୍ଷିକ ୮୩ ଲକ୍ଷ ୩୫ ହଜାର ଟନ୍ ସିମେଣ୍ଟ ତିଆରି କରିପାରିବେ । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଶେଷଆଡ଼କୁ ଆଉ ୯ଟି ନୂଆ ସିମେଣ୍ଟ କାରଖାନା ପ୍ରତିଷ୍ଠିତ ହେବାର ସମ୍ଭାବନା ଅଛି । ଦ୍ୱିତୀୟ ଯୋଜନାର ଶେଷଆଡ଼କୁ ଏହି ସିମେଣ୍ଟ ଉତ୍ପାଦନର ପରିମାଣ ୧ କୋଟି ୨ ଲକ୍ଷ ୫୦ ହଜାର ଟନ୍‌କୁ ବୃଦ୍ଧି ପାଇବ ବୋଲି ଆଶା କରାଯାଏ । ସମସ୍ତ ସମସ୍ତ ସୁବିଧା ଉପରେ ନିର୍ଭର କରି ଏହି କାରଖାନାସବୁ ଯାହା ଉତ୍ପାଦନ କରିପାରିବେ ତା'ର ଶତକଡ଼ା ୮୦ରୁ ୯୦ ଭାଗ ଧାର୍ଯ୍ୟ ନେଇ ଏହି ଉତ୍ପାଦନର କଳନା କରାଯାଇଛି ।

## ଛାପାଖାନା

ମାଡ୍ରାଜ ରାଜ୍ୟର କୋଇମ୍ବାଟୁରଠାରେ ଗୋଟିଏ ଫାର୍ମ ଷ୍ଟିରିଓ ସେଟାସ୍ ଛାପାଖାନା ଅନୁକରଣରେ ଗୋଟିଏ ଛାପାଖାନା ତିଆରି କରିଛି । ଏହି ଯନ୍ତ୍ରକୁ ପରୀକ୍ଷା କରାଯାଉଛି । ଟିଟାଗଡ଼ର ଅନ୍ୟାଏକ ଫାର୍ମକୁ ଫ୍ଲାଟବେଡ଼ ମେସିନ ତିଆରି କରିବାପାଇଁ ସରକାର ଅନୁମତି ଦେଇଛନ୍ତି । ୧୯୬୦ ଏପ୍ରିଲ ସୁଦ୍ଧା ଏହି ଯନ୍ତ୍ର ସବୁ ତିଆରି ସରିଯିବ ।

## କାଗଜ

ଭାରତରେ କାଗଜ-ଉତ୍ପାଦନ କାରଖାନା ତିଆରି କରିବାପାଇଁ ସରକାର ଏପର୍ଯ୍ୟନ୍ତ ୮ଟି ଯୋଜନା ମଞ୍ଜୁର କରିଛନ୍ତି । ୧୯୬୦ ଶେଷ ବା ୧୯୬୧ ପ୍ରାରମ୍ଭରୁ ଏହି କାରଖାନା ତିଆରି ଆରମ୍ଭ ହୋଇଯିବ ବୋଲି ଆଶା କରାଯାଏ ।

## ବାସ୍ତୁଚ୍ୟୁତ ଲୋକଙ୍କୁ କ୍ଷତିପୂରଣ

୧୯୫୯ ନଭେମ୍ବର ଶେଷସୁଦ୍ଧା ଭାରତରେ ବାସ୍ତୁଚ୍ୟୁତ ବ୍ୟକ୍ତିମାନଙ୍କୁ ସର୍ବମୋଟ ଟ ୧୨୪,୯୬,-୯୮,୩୪୬/ କ୍ଷତିପୂରଣ ଦିଆଯାଇଛି । ଏହା ମଧ୍ୟରୁ ଟଙ୍କା ଆକାରରେ ଟ ୫୫,୯୧,୩୦,୬୬୪/; ସମ୍ପତ୍ତି ହସ୍ତାନ୍ତର ସୂତ୍ରରେ ଟ ୪୯,୨୨,୨୨,୫୪୫/ ଓ ସରକାରୀ ପ୍ରାପ୍ୟ ଆଡ଼କୁ ଭରଣା ବାବଦରେ ଟ ୧୯,୮୪,୪୫,୦୨୭/ ଦିଆଯାଇଛି ।

# ଭାରତର ଶିକ୍ଷାକ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି

ବୈଜ୍ଞାନିକ ଗବେଷଣା ଓ ସାଂସ୍କୃତିକ ବ୍ୟାପାର ବିଭାଗର କେନ୍ଦ୍ରମନ୍ତ୍ରୀ ଅଧ୍ୟାପକ ହୁମାୟୁନ କବୀର ନୂଆଦିଲ୍ଲୀର ଏକ ଆଲୋଚନା-ଚକ୍ରରେ ଭାଷଣ ଦେଇ କହିଲେ ଯେ ସ୍ୱାଧୀନତା ପରଠାରୁ ବୈଷୟିକ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି ସାଧିତ ହୋଇଛି ।

୧୯୪୭-୪୮ରେ ଇଞ୍ଜିନିୟରିଙ୍ଗ କଲେଜ୍-ଗୁଡ଼ିକରେ ବାର୍ଷିକ ୩୦୦୦ରୁ କମ୍ ଛାତ୍ର ନାମ ଲେଖାଉଥିଲେ । କିନ୍ତୁ ୧୯୫୯ରେ ୧୧,୦୦୦ରୁ ଅଧିକ ଛାତ୍ର ନାମ ଲେଖାଇଛନ୍ତି ଏବଂ ୧୯୬୧ ସୁଦ୍ଧା ଏହି ସଂଖ୍ୟା ପ୍ରାୟ ୧୩,୦୦୦କୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ୧୯୪୭-୪୮ରେ ପଲିଟେକ୍‌ନିକ୍ ବା ବହୁମୁଖୀ ଶିଳ୍ପବିଦ୍ୟାଳୟଗୁଡ଼ିକରେ ୪୦୦୦ରୁ କମ୍ ସଂଖ୍ୟକ ଛାତ୍ର ନାମ ଲେଖାଉଥିବାସ୍ଥଳେ ଏବର୍ଷ ୨୦,୦୦୦ରୁ ଅଧିକ ଛାତ୍ର ନାମ ଲେଖାଇଛନ୍ତି ଓ ୧୯୬୧ ସୁଦ୍ଧା ଏହି ସଂଖ୍ୟା ୨୫,୦୦୦କୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ୧୯୪୭-୪୮ରେ ୬-୧୧ ବୟସ ଶ୍ରେଣୀର କେବଳ ୧୫୦ ଲକ୍ଷ ଶିଶୁ ସ୍କୁଲ-ଗୁଡ଼ିକରେ ପଢ଼ୁଥିଲେ । କିନ୍ତୁ ୧୯୫୫-୫୬ ଶେଷସୁଦ୍ଧା ସେମାନଙ୍କର ସଂଖ୍ୟା ୩୦୦ଲକ୍ଷକୁ ବୃଦ୍ଧି ପାଇଲା ଏବଂ ସଂଶୋଧିତ ଲକ୍ଷ୍ୟ ଅନୁଯାୟୀ ସମ୍ଭବତଃ ୧୯୬୫-୬୬ ସୁଦ୍ଧା ୬-୧୧ ବୟସ ଶ୍ରେଣୀ ନିମନ୍ତେ ବାଧ୍ୟତାମୂଳକ ଶିକ୍ଷା କାର୍ଯ୍ୟକାରୀ ହୋଇପାରିବ ବୋଲି ଆଶା କରାଯାଉଛି ।

୧୯୪୭-୪୮ରେ ମାଧ୍ୟମିକ ପର୍ଯ୍ୟାୟରେ ଶିକ୍ଷାଲାଭ କରୁଥିବା ବାଳକବାଳିକାମାନଙ୍କ ସଂଖ୍ୟା ୩୦ ଲକ୍ଷ ଥିବାସ୍ଥଳେ ଆଜି ତାହା ପ୍ରାୟ ୮୦ ଲକ୍ଷରେ ପହଞ୍ଚିଛି । ସେହିପରି ବିଶ୍ୱବିଦ୍ୟାଳୟ ପର୍ଯ୍ୟାୟରେ ମଧ୍ୟ ୧୯୪୭-୪୮ରେ ଛାତ୍ରମାନଙ୍କ ସଂଖ୍ୟା ୨୫୦,୦୦୦ ହୋଇଥିବା ସ୍ଥଳେ ୧୯୫୫-୫୬ ବେଳକୁ ତାହା ୭୫୦,୦୦୦ରେ ପହଞ୍ଚିଥିଲା ଏବଂ ଆଜି ଏହା ଦଶଲକ୍ଷ ପାଖାପାଖି ହୋଇଛି ।

୧୯୪୮ରେ ଦେଶରେ ଶତକଡ଼ା ୧୪% ସାକ୍ଷର ଲୋକ ଥିଲେ । କିନ୍ତୁ ପ୍ରାଥମିକ ଜନଗଣନା (ସାମ୍ପଲସର୍ଭେ) ଅନୁସାରେ ଆଜି ଦେଶରେ ଶତକଡ଼ା ୪୦% ସାକ୍ଷର ଲୋକ ଥିବାର ଜଣାଯାଉଛି ।

# ସଞ୍ଚୟ ଯୋଜନା ସିକ୍ୟୁରିଟିରେ ଅର୍ଥ ସଞ୍ଚୟ

## ଓ

## ବିନିଯୋଗ କରନ୍ତୁ

୧। ବାରବର୍ଷିଆ ଜାତୀୟ ଯୋଜନା ସଞ୍ଚୟ ସାର୍ଟିଫିକେଟ—ବାର୍ଷିକ ସୁଧ ଶତକଡ଼ା ୫·୪୧ (ମାଚ୍ୟୁରିଟିରେ)।

୨। ଦଶବର୍ଷିଆ ଟ୍ରେଜେରି ସେଭିଂସ୍ ଡିପୋଜିଟ୍—ବର୍ଷକୁ ସୁଧ ଶତକଡ଼ା ୪ (ବର୍ଷକୁ ବର୍ଷ ଦିଆଯିବ)।

୩। ପନ୍ଦରବର୍ଷିଆ ଆନ୍ୟୁଇଟି—ନିୟମିତ ମାସକୁ ମାସ ୧୫ ବର୍ଷଯାଏ ଟଙ୍କା ପାଉଥିବେ। ବାର୍ଷିକ ଶତକଡ଼ା ୩½ ଚକ୍ରବୃଦ୍ଧି ହାରରେ ସୁଧ।

୪। ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍—ବାର୍ଷିକ ସୁଧ ଶତକଡ଼ା ୨½; ୨୫ ଟଙ୍କାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ତଦୂର୍ଦ୍ଧ୍ୱ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧ ଶତକଡ଼ା ୨ ଟଙ୍କା; କୌଣସି କ୍ଷେତ୍ରରେ ସୁଧ ଉପରେ ଆୟ-କର ଦେବାକୁ ପଡ଼ିବ ନାହିଁ।

ସ୍ମରଣ ରଖନ୍ତୁ :

ଆପଣ ଯେଉଁ ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ଭବିଷ୍ୟତ ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ। ଆପଣାର ସଞ୍ଚୟକୁ ଜାତିଗଠନ କାର୍ଯ୍ୟରେ ବିନିଯୋଗ କରନ୍ତୁ।

ବିଶେଷ ବିବରଣପାଇଁ—

ଦି ରିଜିଓନାଲ ନ୍ୟାସନାଲ ସେଭିଂସ୍ ଅଫିସର, ଓଡ଼ିଶା ସେକ୍ରେଟେରିଏଟ୍, କଟକ କିମ୍ବା ନିଜ ନିଜ ଜିଲ୍ଲାର ଡିଷ୍ଟ୍ରିକ୍ଟ ସେଭିଂସ୍ ଅର୍ଗାନାଇଜରଙ୍କ ନିକଟକୁ ଲେଖନ୍ତୁ।

# ୧୯୬୦-୬୧ ମସିହାର ରେଳବାଇ ବଜେଟ୍

(କୋଟି ଟଙ୍କା ହିସାବରେ)

| | ୧୯୫୮-୫୯ର ପ୍ରକୃତ ହିସାବ | ୧୯୫୯-୬୦ର ସଂଶୋଧିତ ଅଟକଳ | ୧୯୬୦-୬୧ର ବଜେଟ ଅଟକଳ |
|---|---|---|---|
| ମାହାସୁଲ ବାବଦରେ ମୋଟ ଆୟ | ୩୯୦.୨୧ | ୪୨୨.୦୩ | ୪୬୪.୫୦ |
| ସାଧାରଣ ପରିଚାଳନା ବ୍ୟୟ | ୨୭୬.୩୩ | ୨୯୧.୯୨ | ୩୨୬.୯୦ |
| ନିଟ୍ ଅବଧ ବ୍ୟୟ | ୯.୪୫ | ୧୫.୭୮ | ୧୬.୮୨ |
| କ୍ଷୟ କ୍ଷତିପୂରଣ ଆଦିପାଇଁ ଗଚ୍ଛିତ ପାଣ୍ଠିକୁ ଭରଣା | ୪୫.୦୦ | ୪୫.୦୦ | ୪୫.୦୦ |
| ଓଆର୍କଡ଼ ଲାଇନ୍ ବାବଦ ଦେୟ | ୦.୧୧ | ୦.୦୭ | ୦.୦୮ |
| | ୩୩୯.୮୯ | ୩୫୨.୭୭ | ୩୮୮.୮୦ |
| ନିଟ ରେଲବାଇ ରାଜସ୍ୱ | ୫୦.୩୨ | ୬୯.୨୬ | ୭୫.୭୦ |
| ସାଧାରଣ ରାଜସ୍ୱକୁ ଲଭ୍ୟାଂଶ ମଞ୍ଜୁରୀ | ୫୦.୩୯ | ୫୪.୫୧ | ୫୭.୨୭ |
| ନିଟ୍ ବଳକା | ୮.୯୩ | ୧୪.୭୫ | ୧୮.୪୩ |

୧୯୬୦-୬୧ ମସିହାର୍ ଉପରୋକ୍ତ ବଜେଟ୍ ଅଟକଳ ଉପସ୍ଥାପିତ କରି ଭାରତର ରେଳବାଇ ମନ୍ତ୍ରୀ ଶ୍ରୀ ଜଗଜ୍ଜୀବନ ରାମ ଗତ ବର୍ଷର (୧୯୫୮-୫୯) ବାର୍ଷିକ ରିପୋର୍ଟ ଓ ଏ ବର୍ଷ ପାଇଁ ରଖାଯାଇଥିବା ଉନ୍ନୟନ କାର୍ଯ୍ୟଗୁଡ଼ିକର ସୂଚନା ଦେଇଥିଲେ ।

୧୯୫୮-୫୯ ମସିହାରେ ଭାରତୀୟ ରେଲବାଇ ୧୩ କୋଟି ୬୦ ଲକ୍ଷ ଟନ୍ ମାଲ ପରିବହନ କରିଛି ଓ ୧୪୪ କୋଟି ୧୦ ଲକ୍ଷ ଯାତ୍ରୀ ନେବାଆଣିବା କରିଛି । ପୂର୍ବ ବର୍ଷ ୧୩ କୋଟି ୪୦ ଲକ୍ଷ ଟନ ମାଲ ଓ ୧୪୩ କୋଟି ଯାତ୍ରୀ ନେବାଆଣିବା କରାଯାଇଥିଲା । ତେଣୁ ଏହି ଦୁଇ ବାବଦରେ ଆୟ ବଢ଼ିଛି ।

୧୯୫୮-୫୯ରେ ଯାତ୍ରୀ-ଭଡ଼ା ବାବଦରୁ ୧୧୬ କୋଟି ୭୪ ଲକ୍ଷ ଟଙ୍କା ଓ ମାଲ ମାହାସୁଲ ବାବଦରେ ୨୪୦ କୋଟି ୮୨ ଲକ୍ଷ ଟଙ୍କା ଆଦାୟ ହୋଇଛି । ଓ୍ୱେଟ ଓ୍ୱେଟ ପାର୍ଶଲ, ଯାତ୍ରୀଙ୍କ ଜିନିଷପତ୍ର ଓ ଅନ୍ୟାନ୍ୟ ବାବଦରେ ୩୨ କୋଟି ୬୫ ଲକ୍ଷ ଟଙ୍କା ଆଦାୟ ହୋଇ ମୋଟ ଆୟ ହୋଇଛି ୩୯୦.୨୧ କୋଟି ଟଙ୍କା । ପୂର୍ବ ବର୍ଷ ତୁଳନାରେ ଯାତ୍ରୀ-ଭଡ଼ା ବାବଦ ଆୟ କମିଛି ଓ ମାଲ ମାହାସୁଲ ବାବଦ ଆୟ ବଢ଼ିଛି ।

ଆଲୋଚ୍ୟ ବର୍ଷ ମଧ୍ୟରେ ୨୭୬.୩୩ କୋଟି ଟଙ୍କା ବ୍ୟୟ ହୋଇଛି । ଏହା ଗତବର୍ଷ ବ୍ୟୟ ପରିମାଣଠାରୁ ୧୨ କୋଟି ୧୫ ଲକ୍ଷ ଟଙ୍କା ବେଶୀ । ଏ ବ୍ୟୟ ଅଧିକା କର୍ମଚାରୀ ନିଯୁକ୍ତି, କର୍ମଚାରୀଙ୍କ ଉନ୍ନତି, ନୂଆ ସରଞ୍ଜାମ କିଣିବା, କର୍ମଚାରୀଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ ଓ କୋଇଲାର ଦରବୃଦ୍ଧି ଯୋଗୁ ହୋଇଛି । କଲିକତାରେ ବିଦ୍ୟୁତ୍ ଟ୍ରେନ ପ୍ରଚଳନ ଯୋଗୁଁ ମଧ୍ୟ କିଛି ଅଧିକା ଖର୍ଚ୍ଚ ହୋଇଛି ।

# ଉତ୍କଳ ପ୍ରସଙ୍ଗ

୧୯୫୯ ମାର୍ଚ୍ଚ ୩୧ ତାରିଖ ଦିନ ରେଳବାଇରେ ସ୍ଥାୟୀ, ଅସ୍ଥାୟୀ ସବୁପ୍ରକାର ସ୍ଥକ
୧୧,୪୩,୯୧୮ ଜଣ କର୍ମଚାରୀ ଥିଲେ । ଏମାନଙ୍କର ଦରମା, ଭତ୍ତା, ପ୍ରୋଭିଡେଣ୍ଟ ଫଣ୍ଡ, ଗ୍ରାଚ୍ୟୁଟି ଆକାରରେ
୧୮୩ କୋଟି ୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।

ଏହି ସମୟ ପର୍ଯ୍ୟନ୍ତ ଭାରତରେ ମୋଟ ୩୫,୦୮୧ ମାଇଲ ରେଳରାସ୍ତା ଥିଲା ।

୧୯୫୯ରେ କେନ୍ଦ୍ର ଦରମା କମିଶନଙ୍କ ସୁପାରିଶଯୋଗୁଁ ରେଳବାଇ କର୍ମଚାରୀମାନଙ୍କ ଦରମାବୃ
ଫଳରେ ୧୩ କୋଟି ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ ।

୧୯୬୦ ମସିହା ଏପ୍ରିଲ ପହିଲା ତାରିଖଠାରୁ ମାଲ ଓ କୋଇଲା ବୁହାଣ ଉପରେ ଉଠୁଥି
ମାହାସୁଲ ପ୍ରତିଟଙ୍କାରେ ପାଞ୍ଚ ନୂଆ ପଇସା ହିସାବରେ ବୃଦ୍ଧି ପାଇବ । ତେବେ ଏହି ଅତିରିକ୍ତ ମାହା
ରପ୍ତାନି ହେଉଥିବା ଧାତୁପିଣ୍ଡ, ସାମରିକ ଓ ଡାକ ବିଭାଗୀୟ ମାଲ ଓ ରେଳବାଇ ନିଜ ମାଲ ପ୍ରତି ପ୍ରଯୁ
ହେବ ନାହିଁ । ଏହି ଅତିରିକ୍ତ ମାହାସୁଲ ବସିବା ଫଳରେ ବାର୍ଷିକ ୧୪ କୋଟି ଟଙ୍କା ଆୟ ହେବ ବୋ
ଅନୁମାନ କରାଯାଉଛି ।

ଏଠାରେ ଉଲ୍ଲେଖ କରିବା ଉଚିତ ଯେ ଟ୍ରେନରେ ଯାତ୍ରୀ-ଭିଡ଼ ଓ ଦୁର୍ଘଟଣା ହ୍ରାସ ପାଇ
ଚିତ୍ତରଞ୍ଜନ କାରଖାନା ୧୬୪ଟି ଓ ଟାଟା କାରଖାନା ୧୦୩ଟି ରେଳ ଇଞ୍ଜିନ ତିଆରି କରିଛନ୍ତି । ଯାତ୍ରୀବା
ଓ ମାଲବାହୀ ଡବା ତିଆରିର ପରିମାଣ ବର୍ତ୍ତମାନ ଏପରି ବଢ଼ିଲାଣି ଯେ ଅତିଶୀଘ୍ର ଭାରତ ନିଜର ଚାହିଦା ମେ
ବିଦେଶକୁ ଏହା ରପ୍ତାନି କରିପାରିବ ବୋଲି ଆଶା କରାଯାଉଛି ।